ବର୍ଷ-୨୫, ସଂଖ୍ୟା-୩୨୮
ଭୁବନେଶ୍ୱର
୧୦, ଡିସେମ୍ବର, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 328
Bhubaneswar
10, December, 2025 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



୧୦୦ତମ ୱିକେଟ ବୁମରା

# ବାରବାଟୀ ବିଜୟରେ ବୋଲରଙ୍କ କମାଲ୍

**କଟକ,୯।୧୨(ମହାଭାରତ):** କଟକ ବାରବାଟୀ ଷ୍ଟାଡିୟମରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ର ପ୍ରଥମ ମ୍ୟାଚରେ ଘରୋଇ ଭାରତ ପ୍ରତିପକ୍ଷ ଦକ୍ଷିଣ ଆଫ୍ରିକାକୁ ଶୋଚନୀୟ ଭାବେ ୧୦୦ ରନ୍‌ରେ ପରାସ୍ତ କରିବା ସହ ୨୦୧୫ ପରାଜୟର ସୁମଧୁର ପ୍ରତିଶୋଧ ନେଇଛି। ୨୦୧୫ରେ ଭାରତ ଏଠାରେ ଲଜ୍ଜାଜନକ ପରାଜୟବରଣ ସହ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। କିନ୍ତୁ ଆଜି ବିଜୟ ସହ ଟିମ୍ ଇଣ୍ଡିଆ ପରାଜୟଗ୍ଲାନିକୁ ଭୁଲିଯାଇଛି। ପ୍ରଥମେ ବ୍ୟାଟିଂ କରି 'ମ୍ୟାନ୍

## ଭାରତ ୧୭୫/୬, ଦ.ଆଫ୍ରିକା ୭୪

## ପାଣ୍ଡ୍ୟା 'ମ୍ୟାନ୍ ଅଫ୍ ଦି ମ୍ୟାଚ'

ଅଫ୍ ଦି ମ୍ୟାଚ' ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଲଢୁଆ ବ୍ୟାଟିଂ (୫୯ ଅପରାଜିତ) ବଳରେ ଭାରତ ୨୦ ଓଭରରେ ୬ ୱିକେଟ ହରାଇ ୧୭୫ ରନ୍ କରିଥିଲା। ଜବାବରେ ଭାରତୀୟ ବୋଲରଙ୍କ ମିଳିତ ଆକ୍ରମଣରେ ଦ.ଆଫ୍ରିକା ଆଶ୍ଚର୍ଯ୍ୟଜନକ ଭାବେ ୭୪ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା।





୧୭୬ ରନକୁ ପିଛା କରି ଦ. ଆଫ୍ରିକାର ପ୍ରାରମ୍ଭିକ ବ୍ୟାଟିଂ ଖୁବ୍ ଖରାପ ରହିଥିଲା।ପ୍ରଥମ ଓଭରରେ ଦ୍ୱିତୀୟ ବଲ୍‌ରେ ଅର୍ଶଦୀପ କ୍ୱିଣ୍ଟନ ଡିକକଙ୍କୁ ଆଉଟ୍ କରିଥିଲେ। ଡିକକ ଖାତା ଖୋଲି ପାରି ନଥିଲେ। ତାଙ୍କ ପରେ ତୃତୀୟ ଓଭରରେ ଅର୍ଶଦୀପ ଷ୍ଟବ୍ସଙ୍କୁ ମଧ୍ୟ ଆଉଟ୍ କରିଥିଲେ। ଷ୍ଟବ୍ସଙ୍କ ଖାତାରେ ୧୪ରନ୍ ଆସିଥିଲା। ଷଷ୍ଠ ଓଭରର ପ୍ରଥମ ବଲରେ ଅକ୍ଷର ପଟେଲ ଅଧିନାୟକ ଏଡେନ ମାର୍କରମ୍‌କୁ ଆଉଟ୍ କରିଥିଲେ। ମାର୍କରମ ୧୪ ରନ୍ କରି ପାରିଥିଲେ। ୭ମ ଓଭର ନେଇ ହାର୍ଦ୍ଦିକ୍ ପାଣ୍ଡ୍ୟା ଆସିଥିଲେ। ସେ ନିଜର ପ୍ରଥମ ହିଁ ବଲ୍‌ରେ ମିଲର (୧)ଙ୍କୁ ଆଉଟ୍ କରିଦେଲେ ଅର୍ଥାତ୍ ୫୦ରନ୍ ଭିତରେ ହିଁ ଦକ୍ଷିଣ ଆଫ୍ରିକାକୁ ୪ର୍ଥ ଝଟକା ଲାଗିଥିଲା । ଏହାପରେ ୮ମ ଓଭରରେ ବରୁଣ ଦକ୍ଷିଣ ଆଫ୍ରିକାକୁ ୫ମ ଝଟକା ଫେରେଇରା (୫) ସ୍ୱରୂପ ଦେଇଥିଲେ। ଏହାପରେ ୧୦ମ ଓଭରରେ ବରୁଣ ଜାନସେନଙ୍କୁ ମଧ୍ୟ ବୋଲ୍ଡ କରି ଦେଇଥିଲେ ଏବଂ ଦକ୍ଷିଣ ଆଫ୍ରିକାକୁ ୬ଷ୍ଠ ଝଟକା ଦେଇଥିଲେ। ଜାନସେନ ୧୨ ରନ୍ କରି ଥିଲେ। ୧୧ତମ ଓଭରରେ ବୁମରାହ ବ୍ରେଭିସ (୨୨)ଙ୍କୁ ଆଉଟ୍ କରିଥିଲେ। ଏହି ୱିକେଟ୍ ସହ ବୁମରାହଙ୍କ ଟି-୨୦ କ୍ୟାରିୟରରେ ୧୦୦ୱିକେଟ୍ ମଧ୍ୟ ପୂରା ହୋଇଥିଲା। ଏହି ଓଭରରେ ବୁମରାହ କେଶବ ମହାରାଜ (୦)ଙ୍କ ମଧ୍ୟ ୱିକେଟ୍ ନେଇଥିଲେ। ୧୨ତମ ଓଭରରେ ଅକ୍ଷର ଦକ୍ଷିଣ ଆଫ୍ରିକାକୁ ୯ମ ଝଟକା ଦେଇଥିଲେ ଏହାପରେ ପରବର୍ତ୍ତୀ ଓଭରରେ ଶୁବମ ଦୁବେ ଦକ୍ଷିଣ ଆଫ୍ରିକାକୁ ୭୪ରେ ହିଁ ଅଟକାଇଦେଇଥିଲେ। ଭାରତ ପାଇଁ ଅର୍ଶଦୀପ, ବୁମରା, ବରୁଣ ଓ ଅକ୍ଷର ପଟେଲଙ୍କୁ ୨ ଲେଖାଏଁ ସଫଳତା ମିଳିଛି।

ଏହି ଟି-୨୦ ସିରିଜ୍ ଦୁଇ ମାସ ପରେ ଆରମ୍ଭ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ର ପ୍ରସ୍ତୁତ ନେଇ ଖୁବ୍ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି। ଏହି ମୁକାବିଲାରେ ସାଉଥ ଆଫ୍ରିକାର ଅଧିନାୟକ ଏଡେନ ମାର୍କରମ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ ଭାରତ ପ୍ରଥମେ ବ୍ୟାଟିଂ କରିଥିଲା। କଟକ ଟି-୨୦ରେ ଭାରତର ପ୍ରାରମ୍ଭିକ ଖୁବ୍ ଖରାପ ରହିଥିଲା ଏବଂ ଶୁଭମନ ଗିଲ୍ ମାତ୍ର ୪ ରନ୍ କରି ପ୍ରଥମ ଓଭରରେ ଲୁଙ୍ଗି ଏନଗିଡିଙ୍କ ବଲରେ ଆଉଟ୍ ହୋଇଥିଲେ। କିଛି ସମୟ ପରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମଧ୍ୟ ୧୧ ରନରେ ଲୁଙ୍ଗିଙ୍କ ବଲର ଶିକାର ହୋଇଥିଲେ। ୬ ଓଭର ପରେ ଭାରତର ସ୍କୋର ୪୦-୨ ଥିଲା। ୭ମ ଓଭରରେ ଭାରତକୁ ତୃତୀୟ ଝଟକା ଲାଗିଥିଲା, ଯେବେ ଅଭିଷେକ ଶର୍ମା ୧୭ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ତିଲକ ବର୍ମା ଓ ଅକ୍ଷର ପଟେଲଙ୍କ ମଧ୍ୟରେ ପାର୍ଟନରସିପ୍ ଆଗେଇ ଚାଲୁଥିଲା, କିନ୍ତୁ ୧୨ତମ ଓଭରରେ ତିଲକ ବର୍ମା ୨୬ ରନ୍ କରି ଆଉଟ୍ ହୋଇଥିଲେ ।୧୪ ତମ ଓଭରରେ ଭାରତକୁ ୫ମ ଝଟକା ଲାଗିଥିଲା ,ଯେବେ ଅକ୍ଷର ପଟେଲ ୨୩ ରନ୍‌ରେ ଆଉଟ୍ ହୋଇଥିଲେ ।ଏହାପରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ ଦୁବେଙ୍କ ମଧ୍ୟରେ ଭଲ ପାର୍ଟନରସିପ୍ ହୋଇଥିଲା। ଉଭୟଙ୍କ ମଧ୍ୟରେ ୧୯ ଟି ବଲରେ ୩୩ ରନର ପାର୍ଟନରସିପ୍ ହୋଇଥିଲା। କିନ୍ତୁ ୧୮ ତମ ଓଭରରେ ଶିବମ ଦୁବେ ଆଉଟ୍ ହୋଇଥିଲେ। ଶିବମ ୧୧ ରନ୍ କରି ଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୨୫ଟି ବଲରେ ୬ ଚୌକା ଓ ୪ ଛକା ବଳରେ ନିଜର ଫିଫ୍ଟି ପୂରା କରିଥିଲେ।

# ୪୪,୭୭୧ କୋଟିର ରାସ୍ତା ପ୍ରକଳ୍ପକୁ କେନ୍ଦ୍ର ଅନୁମୋଦନ

**ଭୁବନେଶ୍ୱର,୯।୧୨(ମହାଭାରତ):** ରାଜ୍ୟରେ ଥିବା ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥର ଉନ୍ନତିକରଣ ଏବଂ ପ୍ରସ୍ତାବିତ ନୂତନ ପ୍ରକଳ୍ପକୁ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ଅନୁମୋଦନ ମିଳିଛି।

ନୂଆଦିଲ୍ଲୀ ଗସ୍ତରେ ଥିବା ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି କେନ୍ଦ୍ର ମନ୍ତ୍ରୀ, ସଡ଼କ ପରିବହନ ଓ ରାଜମାର୍ଗ ନିତିନ ଗଡ଼କରିଙ୍କ ସହ ସାକ୍ଷାତ ଆଲୋଚନା କରିବା ସହ ରାଜ୍ୟରେ ଥିବା ବିଭିନ୍ନ ରାସ୍ତା ପ୍ରକଳ୍ପ ବିଷୟରେ ଆଲୋଚନା କରିଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜ୍ୟରେ ୫ଟି ଜାତୀୟ ରାଜପଥ ପ୍ରକଳ୍ପ, ୫ଟି ରାଜ୍ୟ ରାଜପଥ ଓ ସିଆରଆଇଏଫ୍ ପ୍ରକଳ୍ପ ପାଇଁ ମୋଟ ୪୪,୭୭୧ କୋଟି ଟଙ୍କାର ଅନୁମୋଦନ ମିଳିଛି। ଏଥିରେ ଭୁବନେଶ୍ୱର-ପୁରୀ ରାସ୍ତାକୁ ୮ ଲେନ୍ କରିବା, ୧୪୦ କିଲୋମିଟର ଦୀର୍ଘ ଟାଙ୍ଗୀ-ପୁଇଁତୋଳା-ଇଚ୍ଛାପୁରମ୍ ରାସ୍ତାକୁ ୬ ଲେନ୍ ବିଶିଷ୍ଟ କରିବା ପାଇଁ ଅନୁମୋଦନ ମିଳିଛି। ସେହିପରି ୪୦୦



କିଲୋମିଟର ଦୀର୍ଘ ରାଉରକେଲା-ବଡବିଲ୍-ପାରାଦୀପ ଭାୟା ଡୁବୁରି ରାସ୍ତାକୁ ୮ ଲେନ କରିବା ପାଇଁ ଏବଂ ଏନ୍ଏଚ୍-୧୪୯ ଅଧିନରେ ଥିବା ୬୮ କିଲୋମିଟର ଦୀର୍ଘ ପାଲଲହଡ଼ା-ପିଟିରି ରାସ୍ତାକୁ ୪ ଲେନ୍ କରିବା ପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିଛି ।ଅନ୍ୟପକ୍ଷରେ ୨୦୨୫ ନଭେମ୍ବର ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ଇଣ୍ଡିଆନ୍ ରୋଡ୍ କଂଗ୍ରେସ ଅବସରରେ ସଡ଼କ ପରିବହନ ଓ ଜାତୀୟ ରାଜମାର୍ଗ ମନ୍ତ୍ରାଳୟର ମନ୍ତ୍ରୀଙ୍କ ପ୍ରତିଶ୍ରୁତି ମୁତାବକ ୧୫୦୦ କୋଟି ଟଙ୍କା ସିଆର୍‌ଆଇଏଫ୍ ଯୋଜନା ଅଧିନରେ ଅନୁମୋଦନ ମିଳିଛି।

ସେହିପରି ୫ଟି ରାଜ୍ୟ ରାଜପଥ ପ୍ରକଳ୍ପର ଉନ୍ନତିକରଣ ଓ ପ୍ରଶସ୍ତିକରଣ ପାଇଁ୧୩,୧୪୧ କୋଟି ଟଙ୍କାର ଅନୁମୋଦନ ମିଳିଛି। ଏଥିରେ ବରପାଲି-ବଲାଙ୍ଗିର ରାସ୍ତା ଓ କେସିଙ୍ଗା - ଭବାନୀପାଟଣା - ଜୁନାଗଡ଼ ରାସ୍ତାକୁ ୪ ଲେନ୍ କରିବା, ୪ ଲେନ୍‌ବିଶିଷ୍ଟ ବଲାଙ୍ଗିର-ନୟାଗଡ଼ ରାସ୍ତା, ହିଞ୍ଜିଳିକାଟୁ ବାଇପାସ ରାସ୍ତା ସହ ବ୍ରହ୍ମପୁରରୁ କାଳୁଷଣ୍ଡପୁର ରାସ୍ତାକୁ ୪ ଲେନ୍ କରିବା ଏବଂ ମୋହନାରୁ ପାରଳାଖେମୁଣ୍ଡି ରାସ୍ତାର ଉନ୍ନତିକରଣ ସହ ଏନ୍ଏଚ୍-୨୬ର ପ୍ରଶସ୍ତିକରଣକୁ ଅନୁମୋଦନ ମିଳିଛି।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭୁବନେଶ୍ୱରରୁ ପାରାଦୀପ ସିଧାସଳଖ ନୂଆ ଗ୍ରୀନ ଫିଲଡ଼ ରାସ୍ତା ନିର୍ମାଣ ନେଇ ସଫଳ ଆଲୋଚନା ହୋଇଛି। ଆଗାମୀ ଦିନରେ ପାରାଦ୍ୱୀପ ସହର ପରିସର ଯଥେଷ୍ଟ ବୃଦ୍ଧି ପାଇବାକୁ ଥିବାବେଳେ ପ୍ରମୁଖ ବନ୍ଦର ସହରକୁ ରାଜଧାନୀ ଭୁବନେଶ୍ୱର ସହ ଯୋଡିବା ପାଇଁ ଏହି ଗ୍ରୀନଫିଲଡ ରାସ୍ତା ବେଶ ସହାୟକ ହୋଇପାରିବ ବୋଲି ମନ୍ତ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି। ଆଜିର ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଏଲ. କେ ପାଢ଼ୀ, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଏ.ଡି.ଜି. ଅତୁଲ କୁମାର ଏବଂ ଜାତୀୟ ରାଜପଥ ପ୍ରାଧିକରଣ ସଦସ୍ୟ ଶ୍ରୀ ବିପନେଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ଦେଢ଼ବର୍ଷରେ ମଲେଣି ୧୩୬ ହାତୀ

ଭୁବନେଶ୍ୱର,୯।୧୨(ମହାଭାରତ): ରାଜ୍ୟରେ ହାତୀ ଅସୁରକ୍ଷିତ। ହାତୀ ମୃତ୍ୟୁ ରୋକିବାରେ ସରକାର ବିଫଳ ହୋଇଛନ୍ତି। ମଙ୍ଗଳବାର ବିଧାନସଭାରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ବିଗତ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟରେ ୧୩୬ ହାତୀ ପ୍ରାଣ ହରାଇଥିବା ସରକାର ମାନିଛନ୍ତି ।ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବିଧାନସଭାରେ ମଙ୍ଗଳବାର ଦେଇଥିବା ଲିଖିତ ଉତ୍ତରରେ ଦର୍ଶାଇଛନ୍ତି ଯେ, ଗତ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟରେ ଶିକାରୀ ଦ୍ୱାରା ୪ଟି, ଲୋକଙ୍କ ପ୍ରତିଶୋଧ ପରାୟଣତା ପାଇଁ ୪ଟି, ବିଦ୍ୟୁତ ଆଘାତରେ ୪୨ଟି, ଟ୍ରେନ ଧକ୍କାରେ ୪ଟି, ରୋଗଦ୍ୱାରା ୩୧ଟି, ଅନ୍ୟାନ୍ୟ ପ୍ରାକୃତିକ କାରଣ ଦ୍ୱାରା ୩୧ ହାତୀ ମୃତ୍ୟୁବରଣ କରିଛନ୍ତି। ୨୦ଟି ହାତୀ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ହାତୀ ମୃତ୍ୟୁରେ ସଂଶ୍ଲିଷ୍ଟ ୯୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଉପରୋକ୍ତ ସମସ୍ତ ମାମଲାର ସ୍ଥିତିକୁ ନିୟମିତ ଭାବରେ ତଦାରଖ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

# ସରିଲା ବିଧାନସଭାର ଶୀତ ଅଧିବେଶନ

ଭୁବନେଶ୍ୱର,୯।୧୨(ମହାଭାରତ): ସରିଲା ବିଧାନସଭାର ଶୀତ ଅଧିବେଶନ। ନିର୍ଦ୍ଧାରିତ ସମୟ ପୂର୍ବରୁ ଅଧିବେଶନ ଶେଷ ହୋଇଛି। ବିଧାନସଭାର ଗୃହ କାର୍ଯ୍ୟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ କଲେ ବାଚସ୍ପତି। ଚଳିତଥର ନଭେମ୍ବର ୨୭ରୁ ଅଧିବେଶନ ଆରମ୍ଭ ହୋଇଥିଲା। ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିଥାନ୍ତା। ହେଲେ ୧୮ଟି କାର୍ଯ୍ୟ ଦିବସ ପୂର୍ବରୁ ଗୃହକୁ ମୁଲତବୀ ଘୋଷଣା କରାଯାଇଛି। ଏଥର ମୋଟ୍ ୨୯ଟି କାର୍ଯ୍ୟ ଦିବସ ଥିବାବେଳେ ୧୧ ଦିନ ଚାଲିଥିଲା ଗୃହ କାର୍ଯ୍ୟ। ତେବେ ଏଥର ବିଧାନସଭାର ଶୀତ ଅଧିବେଶନ ବେଶ୍ ଚର୍ଚ୍ଚିତ ଥିଲା। କାରଣ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଧାନସଭାକୁ ସମ୍ବୋଧିତ କରିଥିଲେ। ବିଧାୟକମାନେ କେମିତି ଆଚରଣ ଓ ଉଚ୍ଚାରଣ କରିବେ ସେନେଇ ସଚେତନ କରାଇଥିଲେ। ଖାଲି ଏତିକି ନୁହେଁ ବରଂ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଡିସେମ୍ବର ୪ରୁ ବିଭିନ୍ନ ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି ଆଲୋଚନା ହୋଇଥିଲା। ଏହି ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ହୋଇଥିଲା। ଏଥର ଅଧିବେଶନରେ ୧୭ ହଜାର ୪୪୦ କୋଟି ଟଙ୍କାର ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ ପାରିତ ହୋଇଛି। ଏହାସହ ଅନେକ ପ୍ରସଙ୍ଗରେ ଶାସକ ଓ ବିରୋଧୀ ବି ଗୃହରେ ମୁହାଁମୁହିଁ ହେବାର ଦେଖାଯାଇଥିଲା।

## ଇଣ୍ଡୋନେସିଆରେ ଅଗ୍ନିକାଣ୍ଡ, ୨୦ ମୃତ

ଜାକର୍ତ୍ତା,୯।୧୨(ମହାଭାରତ୦): ଇଣ୍ଡୋନେସିଆର ଜାକାର୍ତ୍ତାରେ ମଙ୍ଗଳବାର ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ୨୦ ଜଣଙ୍କ ମୃତ୍ୟୁ ହୋଇଛି। ଏକ ୭ ମହଲା ବିଶିଷ୍ଟ କୋଠାରେ କାର୍ଯ୍ୟାଳୟ ଚାଲିଥିବାବେଳେ ସେଥିରେ ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଲାଗିବାର କାରଣ ଜଣାପଡ଼ି ନାହିଁ। ତେବେ ନିଆଁ ଯୋଗୁ ପ୍ରବଳ ଧୂଆଁ ସୃଷ୍ଟି ହେବା ଫଳରେ ଶ୍ୱାସରୁଦ୍ଧ ହୋଇ ଲୋକଙ୍କ ପ୍ରାଣହାନୀ ଘଟିଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡ ଯୋଗୁ ଆଖପାଖରେ ଥିବା ବାସିନ୍ଦାମାନେ ଭୟଭୀତ ହୋଇପଡ଼ିବା ସହିତ ବାହାରକୁ ଚାଲି ଆସିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲା। ଏହା ସହିତ କୋଠାରେ ଫଶିଯାଇଥିବା ଲୋକଙ୍କୁ ମଧ୍ୟ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲା ।ମୃତକଙ୍କ ମଧ୍ୟରେ ୫ ଜଣ ପୁରୁଷ ଏବଂ ୧୫ ଜଣ ମହିଳା ରହିଥିବା ସୂଚନା ମିଳିଛି।



# ବଢ଼ିଲା ବିଧାୟକଙ୍କ ଦରମା

**ଭୁବନେଶ୍ୱର,୯।୧୨(ମହାଭାରତ):** ବିଧାୟକଙ୍କ ଦରମା ବୃଦ୍ଧିକୁ ନେଇ ବିଧାନସଭାରେ ଆଜି ସଂଶୋଧିତ ବିଲ ଆଗତ ହୋଇଛି ।ସଂସଦୀୟ ବ୍ୟାପାର ମନ୍ତ୍ରୀ ବିଧାନସଭାରେ ବିଲ ଉପସ୍ଥାପନ କରିଥିଲେ। ସଂଶୋଧିତ ବିଲ୍ ଅନୁଯାୟୀ ବିଧାୟକ ଓ ପୂର୍ବତନ ବିଧାୟକ ମାନଙ୍କୁ ଏଣିକି ୩୫ ହଜାର ବଦଳରେ ୯୦ ହଜାର ଟଙ୍କା ମିଳିବ।ବିଧାୟକଙ୍କ ମୃତ୍ୟୁ ହେଲେ ପରିବାରକୁ ୨୫ ଲକ୍ଷ ଟଙ୍କାର ସହାୟତା ରାଶି ମିଳିବ।



ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା, ଭତ୍ତା ଓ ପେନଶନ ୫ ବର୍ଷକୁ ଥରେ ବଢିବ। ବିଲ ଆକାରରେ ନକରି ଅଡିନାନ୍ସ ଜରିଆରେ ଦରମା ବୃଦ୍ଧି କରାଯାଇପାରିବ। ଥରୁଟିଏ ବିଧାୟକ ହୋଇଥିଲେ ୮୦ ହଜାର ଟଙ୍କା ପେନଶନ ମିଳିବ। ବିଧାୟକଙ୍କ ମୋଟ ଦରମା ୩ ଲକ୍ଷ ୪୫ ହଜାର ଟଙ୍କା ହେବ। ଅଧିକ ଥର ବିଧାୟକ ନିର୍ବାଚିତ ହୋଇଥିଲେ ଅତିରିକ୍ତ ୩୦୦୦ ଟଙ୍କା ମିଳିବ। ପୂର୍ବତନ ବିଧାୟକଙ୍କ ଗସ୍ତ ଖର୍ଚ୍ଚ ବାବଦକୁ ୧୨ ହଜାର ଟଙ୍କା ମିଳିବ। ପୂର୍ବତନ ବିଧାୟକଙ୍କ ଚିକିତ୍ସା ଖର୍ଚ୍ଚ ୨୦୦୦ ହଜାରରୁ ୨୫୦୦୦କୁ ବୃଦ୍ଧି କରାଯାଇଛି।

ବିଧାନସଭାର ବାଚସ୍ପତି, ଉପବାଚସ୍ପତି ଏବଂ ବିଧାୟକମାନଙ୍କ ଦରମା ବୃଦ୍ଧି ପାଇଛି। ବାଚସ୍ପତିଙ୍କ ଦରମା ୪୦ ହଜାର ୫୦୦ ବଦଳରେ ୯୮ ହଜାରକୁ ବୃଦ୍ଧି ପାଇଥିବାବେଳେ ଉପବାଚସ୍ପତିଙ୍କ ଦରମା ୩୮ ହଜାରରୁ ୯୪ ହଜାରରୁ ବଢ଼ିଛି ।ପୂର୍ବରୁ ବାଚସ୍ପତି ୪୦ ହଜାର ୫୦୦ ଟଙ୍କା ଦରମା ବାବଦରେ ପାଉଥିଲେ। ଏବେ ତାଙ୍କୁ ୯୮ ହଜାର ଟଙ୍କା ମିଳିବ। ବୈଠକ ଭତ୍ତା ୮୦୦ ଟଙ୍କା ବଦଳରେ ୨୦୦୦ ଟଙ୍କା ମିଳିବ।

ସେହିପରି କାର ଭତ୍ତା ମାସିକ ୧୭ ହଜାର ବଦଳରେ ୮୯ ହଜାର ପାଇବେ। ବ୍ୟକ୍ତିଗତ ବ୍ୟୟ ଭତ୍ତା ୪୦ ହଜାର ଟଙ୍କା ବଦଳରେ ୧ ଲକ୍ଷ ୮୧ ହଜାର ଟଙ୍କା ପାଇବେ। ବାସଗୃହ ଭତ୍ତା ମାସିକ ୧ ଶହ ଟଙ୍କା ବଦଳରେ ଦୈନିକ ୨୦୦୦ ଟଙ୍କା ପାଇବେ। ବୈଠକ ଭତ୍ତାକୁ ଛାଡ଼ି ଅନ୍ୟାନ୍ୟ ଭତ୍ତା ସହିତ ମୋଟ ୪ ଲକ୍ଷ ୨୮ ହଜାର ଟଙ୍କା ଦରମା ବାବଦରେ ପାଇବେ।

ସେହିପରି ଉପବାଚସ୍ପତି ବି ବୈଠକ ଭତ୍ତା ବାବଦରେ ୮୦୦ ବଦଳରେ ୨୦୦୦ ଟଙ୍କା ପାଇବେ। କାର ଭତ୍ତା ୧୭ ହଜାର ବଦଳରେ ୮୫ ହଜାର, ବ୍ୟକ୍ତିଗତ ଭତ୍ତା ୪୦ ହଜାର ବଦଳରେ ୧ ଲକ୍ଷ ୭୭ ହଜାର ଏବଂ ବାସଗୃହ ଭତ୍ତା ବାବଦକୁ ପୂର୍ବରୁ କିଛି ଟଙ୍କା ମିଳୁ ନ ଥିବା ବେଳେ ଏଣିକି ଦୈନିକ ୨୦୦୦ ଟଙ୍କା ମିଳିବ। ଉପବାଚସ୍ପତି ବୈଠକ ଭତ୍ତା ଛାଡ଼ି ଅନ୍ୟାନ୍ୟ ଭତ୍ତା ସହିତ ମୋଟ ୪ ଲକ୍ଷ ୧୬ ହଜାର ଟଙ୍କା ଦରମା ବାବଦରେ ପାଇବେ।

## ବଢ଼ିବନି ପାଚିକାଙ୍କ ଦରମା

ଭୁବନେଶ୍ୱର,୯।୧୨(ମହାଭାରତ: ପାଚିକାମାନଙ୍କ ଦରମା ଆଉ ବୃଦ୍ଧି କରାଯିବ ନାହିଁ। ବୁଧବାର ଏ ନେଇ ସ୍ପଷ୍ଟ କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ପାଚିକାଙ୍କ ଆନ୍ଦୋଳନ ଏବଂ ଦରମା ବୃଦ୍ଧି ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ପାଚିକାଙ୍କ ଦରମା ୨ ହଜାର ଟଙ୍କା ଥିଲା। ବିଜେପି ସରକାର ୧ ହଜାର ଟଙ୍କା ବୃଦ୍ଧି କରିବା ପରେ ଦରମା ୩ ହଜାର ଟଙ୍କା ହେଲା। ସେମାନେ ଆଉ ଆନ୍‌ଦୋଳନକୁ ଆସିବାର ଆବଶ୍ୟକତା ନାହିଁ। ସବୁବେଳେ ଆନ୍ଦୋଳନରେ ବସିଲେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେବ। ଦରମା ତ ବୃଦ୍ଧି ହେଲା, ପୁଣି ଆନ୍ଦୋଳନ ଠିକ ନୁହେଁ। କିଛି ଦିନ କାମ କରନ୍ତୁ। ସବୁବେଳେ ଆନ୍ଦୋଳନ କରିବା ଉଚିତ ନୁହେଁ ବୋଲି ମନ୍ତ୍ରୀ କହିଛନ୍ତି।

# ପ୍ରତିବର୍ଷ ଦାଦନ ଖଟିବାକୁ ଯାଉଛନ୍ତି ୭୦ ହଜାରରୁ ଉର୍ଦ୍ଧ୍ୱ

ଭୁବନେଶ୍ୱର,୯।୧୨(ମହାଭାରତ): ପ୍ରତି ବର୍ଷ ପେଟ ପାଟଣା ପାଇଁ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି ହଜାର ହଜାର ଓଡ଼ିଆ ଶ୍ରମିକ । ଆଉ ବଲାଙ୍ଗୀର ଜିଲ୍ଲାର ଚିତ୍ର ଅତ୍ୟନ୍ତ ଉଦବେଗ ଜନିତ । ରାଜ୍ୟରେ ଅନ୍ୟବର୍ଷ ତୁଳନାରେ ସାମାନ୍ୟ କମ୍ ଥିବାବେଳେ ବଲାଙ୍ଗୀରେ ଚିତ୍ର କୌଣସି ପରିବର୍ତ୍ତନ ଆସୁନଥିବା ପରିଲକ୍ଷିତ ହେଉଛି । ରାଜ୍ୟ ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ଚନ୍ଦ୍ର ଖୁଣ୍ଟିଆ ଦେଇଥିବା ଉତ୍ତରରୁ ସ୍ପଷ୍ଟ ହୋଇଛି।

ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ପଚାରିଥିବା ପ୍ରଶ୍ନରେ ଶ୍ରମ ମନ୍ତ୍ରୀ ଦେଇଥିବା ଉତ୍ତରରୁ ଜଣାପଡ଼ିଛି ଯେ ପ୍ରତିବର୍ଷ ୭୦ ହଜାରରୁ ଅଧିକ ଓଡ଼ିଆ ଶ୍ରମିକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛନ୍ତି। ୨୦୨୩ରେ ୮୧୨୩୨ ଜଣ ଦାଦନ ଶ୍ରମିକ ରାଜ୍ୟ ବାହାରକୁ ଯାଇଛନ୍ତି । ସେମାନଙ୍କ ମଧ୍ୟରୁ ଏଥିରେ ମାତ୍ର ୧୨୩୧ ଜଣଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଛି । ୨୦୨୪ରେ ଏଥିରେ ସାମାନ୍ୟ କମ୍ ଦେଖିବାକୁ ମିଳିଥିଲା, ଯାହାକି ଅତ୍ୟନ୍ତ ନଗଣ୍ୟ । ୨୦୨୪ରେ ୭୦୧୪୨ ଓ ୨୦୨୫ ନଭେମ୍ବର ସୁଦ୍ଧା ୭୦,୩୬୦ ଜଣ ଦାଦନ ଖଟିବାକୁ ଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୧୩୭ ଏବଂ ୧୧୦୭ ଜଣଙ୍କୁ ଯଥାକ୍ରମେ ଲାଇସେନ୍ସ ପ୍ରଦାନ କରାଯାଇଛି ।



ଦାଦନ ପ୍ରବଳ ରାଜ୍ୟର ୧୪ଟି ଜିଲ୍ଲା ମଧ୍ୟରୁ ବଲାଙ୍ଗୀରର ଚିତ୍ର ଅତ୍ୟନ୍ତ ଉଦବେଗଜନକ ରହିଛି । ଉପରୋକ୍ତ ତଥ୍ୟରୁ କେବଳ ବଲାଙ୍ଗୀରରେ ପ୍ରତିବର୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତି ଦାଦନ ଖଟିବାକୁ ଯାଉଛନ୍ତି । ଶ୍ରମ ମନ୍ତ୍ରୀଙ୍କ ତଥ୍ୟ ଅନୁସାରେ ବଲାଙ୍ଗୀର ଜିଲ୍ଲାରୁ ୨୦୨୩ରେ ୫୪,୧୬୬, ୨୦୨୪ରେ ୪୯୯୮୮ ଏବଂ ୨୦୨୫ରେ ୫୧୫୮୧ ଜଣ ଦାଦନ ଶ୍ରମିକ ରାଜ୍ୟ ବାହାରକୁ ଯାଇଛନ୍ତି । ସେହିପରି ବଲାଙ୍ଗୀର ତଳକୁ ନୂଆପଡ଼ା ଜିଲ୍ଲା ଦ୍ୱିତୀୟରେ ରହିଛି । ନୂଆପଡ଼ାରୁ ୨୦୨୩ରେ ୧୫୬୩୫, ୨୦୨୪ରେ ୧୨୧୬୦ ଏବଂ ୨୦୨୫ରେ ୮୬୫୫ ଜଣ ଦାଦନ ଖଟିବାକୁ ଯାଇଛନ୍ତି ।

ତେବେ ଅଧିକ ଅର୍ଥ ଉପାର୍ଜନ ପାଇଁ ବାହାର ରାଜ୍ୟକୁ ଶ୍ରମିକମାନେ ଯାଉଛନ୍ତି । ପ୍ରବାସୀ ଶ୍ରମିକଙ୍କ ସମସ୍ୟାର ସମାଧାନ ପାଇଁ ଅକ୍ଟୋବର ୨୦୨୪ରେ ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯାଇଛି । ବିଭିନ୍ନ ଯୋଜନାରେ ପ୍ରବାସୀ ଶ୍ରମିକଙ୍କୁ ଅନ୍ତର୍ଭୁକ୍ତ କରାଯାଉଛି । ସେହିପରି ମନରେଗା ଯୋଜନାରେ ୯ଟି ପ୍ରବାସୀ ପ୍ରବଣ ଜିଲ୍ଲାର ୩୦ଟି ବ୍ଲକ୍ ଅଧିନସ୍ଥ ୭୦୪ଟି ଗ୍ରା.ପ କାର୍ଯ୍ୟ ଦିବସକୁ ୩୦୦ ଦିନକୁ ବୃଦ୍ଧି କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି । ଏତଦବ୍ୟତୀତ ୧୪ ଗୋଟି ପ୍ରବାସୀ ପ୍ରବଣ ଜିଲ୍ଲା ଯଥା ବଲାଙ୍ଗିର, ବରଗଡ଼, କଳାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର, ଗଞ୍ଜାମ, ଗଜପତି, କୋରାପୁଟ ପୁଟ, ରାୟଗଡ଼ା, ନବରଙ୍ଗପୁର, ଖୋର୍ଦ୍ଧା, ପୁରୀ, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା ଇତ୍ୟାଦି ଜିଲ୍ଲାଗୁଡ଼ିକରେ ଗ୍ରାମପଞ୍ଚାୟତ ସ୍ତରରେ ସ୍ୱେଚ୍ଛାକୃତ ପଞ୍ଜିକରଣ ବ୍ୟବସ୍ଥା, ସଚେତନତା କାର୍ଯ୍ୟକ୍ରମ, ପୋଲିସ ସହଯୋଗରେ ବେଆଇନ ଶ୍ରମିକ ନିଯୁକ୍ତି ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ପ୍ରବାସୀ ଶ୍ରମିକଙ୍କ ପିଲାମାନଙ୍କ ପାଇଁ ଋତୁକାଳୀନ ଛାତ୍ରାବାସର ବ୍ୟବସ୍ଥା ଇତ୍ୟାଦି କରାଯାଇଛି । ଏହାଛଡା ଶ୍ରମ ଓ କର୍ମଚାରୀ ର ରାଜ୍ୟ ବୀମା ବିଭାଗ ଅଧୀନସ୍ଥ ଏକ ଶ୍ରମିକ ସହାୟତା ହେଲ୍ପ ଲାଇନ (୧୮୦୦୩୪୫୬୭୦୩) ରାଜ୍ୟ ଯଥା ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ଗୁଜରାଟର ସୁରଟଠାରେ ଓଡିଶା ପ୍ରବାସୀ ଶ୍ରମିକ ସହାୟତା ଡେସ୍କକୁ କାର୍ଯ୍ୟକ୍ଷମ କରାଯାଇଛି ।

# ବନ୍ଦେ ମାତରମ୍‌ର ଗାଥାକୁ ସ୍ମରଣ କରିବା ସୌଭାଗ୍ୟର ବିଷୟ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୯।୧୨**(ମହାଭାରତ)**:** ବନ୍ଦେ ମାତରମ୍‌ର ରାଷ୍ଟ୍ରଗାନ ୧୫୦ତମ ଅବସରରେ ବିଧାନସଭା ଅଧିବେଶନରେ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।



ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବନ୍ଦେ ମାତରମ୍‌ର ଗାଥାକୁ ସ୍ମରଣ କରିବା ଏକ ସୌଭାଗ୍ୟର ବିଷୟ। ସେହି ମନ୍ତ୍ରର ବିଜୟ ଧ୍ୱନି, ସମଗ୍ର ଦେଶର ସ୍ୱାଧୀନତା ଆନ୍ଦୋଳନକୁ ଶକ୍ତିଶାଳୀ କରିଥିଲା ଏବଂ ଜାତୀୟତାବୋଧକୁ ପ୍ରେରଣା ଦେଇଥିଲା। ଏହା ଆମ ପାଇଁ ଗର୍ବର ବିଷୟ ଯେ, ବନ୍ଦେ ମାତରମ୍‌ର ୧୫୦ ତମ ବାର୍ଷିକୀ ଅବସରରେ, ଆମେ ଏହି ଐତିହାସିକ ଅବସରର ସାକ୍ଷୀ ହେଉଛୁ। ଏହା ଏମିତି ସମୟର ଗାଥା, ଯାହା ଇତିହାସର ଅଗଣିତ ଲୁଚି ରହିଥିବା ଘଟଣା ମଧ୍ୟରୁ ଗୋଟିଏ ଆଜିର ଏହି ଆଲୋଚନା କେବଳ ଏହି ପବିତ୍ର ଗୃହର ପ୍ରତିବଦ୍ଧତାକୁ ପ୍ରକାଶ କରିବ ନାହିଁ ବରଂ ଆଗାମୀ ପିଢ଼ି ପାଇଁ ଶିକ୍ଷାର ଏକ ଉତ୍ସ ଭାବରେ ମଧ୍ୟ କାର୍ଯ୍ୟ କରିପାରିବ। ବନ୍ଦେ ମାତରମ୍-ଏକ ଗୀତ ନୁହେଁ, ଏହା ଭାରତର ଆତ୍ମା। କାରଣ ଏଇ ଗୀତ ଆମକୁ ମନେ ପକାଇ ଦିଏ ସଂଘର୍ଷ ଭରା ସ୍ୱସ୍ୱାଧୀନତା ସଂଗ୍ରାମ ବିଷୟରେ ବନ୍ଦେ ମାତରମ୍ କେବଳ ଏକ ସାଧାରଣ ଗୀତ ନୁହେଁ ଏହି ରାଷ୍ଟ୍ରଗୀତ ଆମ ଶିରା ପ୍ରଶିରାରେ ପ୍ରବାହିତ ହେଉଥିବା ରକ୍ତର ବେଗ, ଆଉ ଆମ ପ୍ରଶ୍ୱାସର ଗତି ସହିତ ଜଡିତ। ଜଣେ ସାଧାରଣ ସାହିତ୍ୟିକ ଯେପରି କୌଣସି ସଂକଳନ ରଚନା କରନ୍ତି, ବଙ୍କିମ ଚନ୍ଦ୍ର ସେପରି ଜଣେ ନଥିଲେ ସେ ଶବ୍ଦରେ ଜୀବନ ଭରିଥିଲେ, ପ୍ରତ୍ୟେକ ପଦରେ ଅଗ୍ନି ଭରି ଦେଉଥିଲେ ୭ ନଭେମ୍ବର ୧୮୭୫ ରେ ଯେତେବେଳେ ତାଙ୍କ ଅମର କୃତି ଆନନ୍ଦ ମଠ ମାଧ୍ୟମରେ ବନ୍ଦେ ମାତରମ୍ ପ୍ରଥମେ ପ୍ରକାଶିତ ହୋଇଥିଲା, ସେତେବେଳେ ଗୋଟେ ନୂଆ। ଯୁଗର ଆରମ୍ଭ ହେଲା। ବଙ୍କିମ୍ ଚନ୍ଦ୍ରଙ୍କ ଆନନ୍ଦ ମଠ ଉପନ୍ୟାସ ଦେଶର ସ୍ୱାଧୀନତା ସଂଗ୍ରାମରେ ଗଭୀର ପ୍ରଭାବ ପକାଇଥିଲା ଆନନ୍ଦ ମଠ ଉପନ୍ୟାସରେ ବନ୍ଦେ ମାତରମ୍ ଗୀତ ପ୍ରକାଶିତ ହୋଇଥିଲା।

କୁହାଯାଏ ୧୮୭୫ ମସିହା ଅକ୍ଷୟ ନବମୀ ନଭେମ୍ବର ୭ ତାରିଖରେ ଏହି ଗୀତ ଲେଖାଯାଇଥିଲା ।ସେଥିପାଇଁ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ଆଜି ଏହାର ୧୫୦ ତମ ପୂର୍ତ୍ତି ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୧୮୮୨ରେ ଆନନ୍ଦ ମଠ ପ୍ରକାଶିତ ହୋଇଥିଲା ଏବଂ ୧୮୯୬ରେ ରବୀନ୍ଦ୍ର ନାଥ ଠାକୁର ପ୍ରଥମେ ଏହି ଗୀତକୁ ପାଠ କରିଥିଲେ ଏହି ସଂଗୀତ ଆମର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଉପରେ ଗଭୀର ରେଖାପାତ କରିଥିଲା କାରଣ ପ୍ରଥମ ଥର ପାଇଁ ଭାରତ ଭୂ-ଖଣ୍ଡକୁ ଭାରତ ମାତା ରୂପେ ବର୍ଣ୍ଣନା କରି ଏହି ସଂଗୀତ ଲେଖାଯାଇଥିଲା ମାତୃସ୍ୱରୂପା ମାତୃଭୂମି ଚିନ୍ତାଧାରା ସମସ୍ତଙ୍କ ଉପରେ ଗଭୀର ରେଖାପାତ କରିଥିଲା ଏବଂ ଦେଶବାସୀ ପ୍ରବଳ ଉତ୍ସାହ ଓ ଭାବବିହ୍ୱଳ ହୋଇ ଇଂରେଜ ବିରୋଧୀ ସଂଗ୍ରାମରେ ଯୋଗ ଦେଇଥିଲେ। ଲୋକଙ୍କ ଭିତରେ ଏହା ଏକ ବୈପ୍ଳବିକ ମନୋଭାବ ସୃଷ୍ଟି କରିଥିଲା। ଏହି ସଂଗୀତ ଏତେ ଲୋକପ୍ରିୟ ହୋଇଥିଲା, ବ୍ରିଟିଶ ସରକାର ଭୟଭୀତ ହୋଇ ଏହାକୁ ବ୍ୟାନ କରିଥିଲେ। ସ୍ୱାଧୀନତା ପରଠାରୁ ଯଦିଓ ରାଷ୍ଟ୍ରଗୀତ ଭାବେ ଏହାକୁ ମର୍ଯ୍ୟାଦା ଦିଆଯାଇଛି, କିନ୍ତୁ ଏହାର ଗୁରୁତ୍ୱକୁ ଅବକ୍ଷୟ କରିବା ପାଇଁ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ଦ୍ୱାରା ପ୍ରଚେଷ୍ଟା ଚାଲିଛି, ବିଶେଷ ଭାବେ ସ୍ୱାଧୀନତା ପରବର୍ତ୍ତୀ ଭାରତରେ। ସେଥିପାଇଁ ପ୍ରଧାନମନ୍ତ୍ରୀ ଏହି ସବୁ ଭାବନାଗୁଡ଼ିକୁ ପୁଣିଥରେ ଜାଗ୍ରତ କରିବା ପାଇଁ ବନ୍ଦେ ମାତରମ୍ ପରି ରାଷ୍ଟ୍ରଗୀତକୁ ଉତ୍ସବ ଆକାରରେ ପାଳିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

# ବେସନ ବର୍ଫି

ସାମଗ୍ରୀ: ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ୍ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାତି ଗୁଣ୍ଡ, ବାଦାମ ଓ ପେସ୍ତା।

ପ୍ରଣାଳୀ: ପ୍ରଥମେ ଏକ କଡ଼େଇରେ ଘିଅ ପକାଇ ଧିମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହା ପରେ ବେସନ ମିଶ୍ରଣକୁ ଏକ ପ୍ଲେଟକୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ ଖୁଆନ୍ତୁ।



## ଖବର

# ସିଙ୍ଗର୍ କନିକା କପୁରଙ୍କ ସହ ଲାଇଭ୍ କନ୍ସର୍ଟରେ ଅସଦାଚରଣ




ଲାଇଭ୍ କନ୍ସର୍ଟରେ ସିଙ୍ଗର୍ କନିକା କପୁରଙ୍କ ସହ ଅସଦାଚରଣ । ଯାହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛି । ଗତ ଶନିବାର ଅର୍ଥାତ ୬ ତାରିଖ ରାତିରେ ମେଘାଳୟ ମି'ଗଙ୍ଗ ଫେଷ୍ଟିଭାଲ୍ ୨୦୨୫ରେ ଗାୟିକା କନିକା କପୁରଙ୍କ କନ୍ସର୍ଟରେ ଏଭଳି ଅଭାବନୀୟ ଘଟଣା ଘଟିଥିଲା । ବାସ୍ତବରେ, ଜଣେ ଫ୍ୟାନ ସିକ୍ୟୁରିଟି ଭାଙ୍ଗି ମଞ୍ଚ ଉପରକୁ ଚଢ଼ି କନିକାକୁ ଉଠାଇବାକୁ ଚେଷ୍ଟା କରିଥିଲେ। ଯାହାପରେ ସିକ୍ୟୁରିଟି ତୁରନ୍ତ ମଞ୍ଚ ଉପରକୁ ଆସି ଉକ୍ତ ବ୍ୟକ୍ତିଙ୍କୁ ଧରିଥିଲେ । ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ଏଭଳି ଘଟଣା ପୁଣିଥରେ ସେଲିବ୍ରିଟିମାନଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି ।କିନ୍ତୁ ଏଭଳି ଘଟଣା ସତ୍ତ୍ୱେ କନିକା କପୁର ଗୀତ ଗାଇବା ବନ୍ଦ କରିନଥିଲେ ଏବଂ ଧୈର୍ଯ୍ୟର ସହ ଗୀତ ଗାଉଥିବାର ନଜର ଆସିଥିଲେ । ଏହି ଭିଡିଓରେ କନିକା କପୁର ମେଘାଳୟର ମେଗଙ୍ଗ ଫେଷ୍ଟିଭାଲରେ ଲାଇଭ୍ କନ୍ସର୍ଟରେ ପ୍ରଦର୍ଶନ କରୁଥିବା ନଜର ଆସିଛନ୍ତି । ସୋସିଆଲ ମିଡିଆରେ ଭାଇରଲ ହେଉଥିବା ଏହି ଭିଡିଓରେ ହଠାତ୍ ଜଣେ ଅଜଣା ବ୍ୟକ୍ତି ମଞ୍ଚ ଉପରକୁ ଆସି କନିକାଙ୍କ ନିକଟତର ହୋଇଛନ୍ତି । ସେ ମଞ୍ଚକୁ ଆସିବା ମାତ୍ରେ ସେ କନିକାଙ୍କ ପାଖକୁ ଦୌଡ଼ି ଯାଇ ତାଙ୍କ ଗୋଡ଼ ଧରି ଉଠାଇବାକୁ ଚେଷ୍ଟା କରିଛନ୍ତି। ଯାହାପରେ ସିକ୍ୟୁରିଟି ତୁରନ୍ତ ଆସି ଉକ୍ତ ବ୍ୟକ୍ତିକୁ ନେଇଯାଇଥିଲେ ।ଏହି ବ୍ୟକ୍ତିଙ୍କ ଏଭଳି ଲଜ୍ଜାଜନକ କାର୍ଯ୍ୟରେ ଦର୍ଶକମାନେ ଆଶ୍ଚର୍ଯ୍ୟ ହୋଇଯାଇଥିବାବେଳେ କନିକା ବିନା ଅଟକି ଗୀତ ଗାଇଥିଲେ । ଏହି ଭିଡିଓକୁ ଦେଖି ତାଙ୍କ ପ୍ରଫେସନାଲ ଷ୍ଟାଇଲକୁ ଭରପୂର ପ୍ରଶଂସା କରାଯାଉଛି ।ତେବେ ଅନେକ ଲୋକ କନିକାଙ୍କ ପ୍ରଶଂସା କରିବା ସହ ଉକ୍ତ ବ୍ୟକ୍ତିକୁ ଦଣ୍ଡ ଦେବା ପାଇଁ କହୁଥିବା ସମୟରେ କିଛି ଲୋକେ ଏହାକୁ ପବ୍ଲିସିଟି ଷ୍ଟ□ ବୋଲି କହିଛନ୍ତି ।କହି ରଖୁଛୁ, କନିକା କପୁରଙ୍କୁ ବଲିଉଡର ଜଣେ ଶ୍ରେଷ୍ଠ ଗାୟିକା ଭାବେ ଗଣନା କରାଯାଏ । ଲକ୍ଷ୍ନୌରେ ଜନ୍ମିତ କନିକା ୨୦୧୨ ରେ ଜଣେ ଗାୟିକା ହେବା ପାଇଁ ମୁମ୍ବାଇ ଆସିଥିଲେ। ତାଙ୍କର ପ୍ରଥମ ଗୀତ 'ଜୁଗ୍ନି ଜୀ' (୨୦୧୨) ବହୁତ ସଫଳ ହୋଇଥିଲା ଯ 'ରାଗିଣୀ ଏମଏମଏସ-୨'ର ହିଟ୍ ଗୀତ 'ବେବି ଡଲ୍'ରୁ ସେ ବହୁତ ଲୋକପ୍ରିୟତା ହାସଲ କରିଥିଲେ, ଯାହା ପରେ ତାଙ୍କ ଗୀତ ସାରା ଦେଶରେ ଖୁବ ପ୍ରଶଂସା ସାଉଁଟିଥିଲା। ତାଙ୍କର ଫେମସ ଗୀତଗୁଡ଼ିକ ମଧ୍ୟରେ 'ଚିଟିୟାଁ କାଲାୟାଁ' (ରୟ), 'ଲଭଲି' (ହାପି ନ୍ୟୁ ଇୟର), 'କମଲି', 'ଦେଶୀ ଲୁକ୍', 'ନାଚନ୍ ଫାରାରେ' ଏବଂ 'ବିଟ୍ ପେ ବୁଟି' ସାମିଲ ରହିଛି ।

# ବିଷାକ୍ତ ଫୁଲକୁ ଜାଣିପାରେ ପ୍ରଜାପତି

ରଙ୍ଗବେରଙ୍ଗର ପ୍ରଜାପତି ମଧ୍ୟ ବିଷ ତତ୍ତ୍ୱକୁ ସହଜରେ ଚିହ୍ନଟ କରିପାରେ। ଫୁଲରୁ ଫୁଲକୁ ଉଡ଼ି ବସୁଥିବା ଏଇ ପ୍ରଜାପତିର ୬ଟି ଗୋଡ଼ ଥାଏ। ମନୁଷ୍ୟ ଓ ଅନ୍ୟାନ୍ୟ ପ୍ରାଣୀ ଜିଭରେ ସ୍ୱାଦ ଋଖୁଥିବାବେଳେ ପ୍ରଜାପତି କୀଟଟି ଗୋଡ଼ରେ ସ୍ୱାଦକୁ ଜାଣିପାରେ। ଶୁଣିବାକୁ ବିଚିତ୍ର ଲାଗୁଥିଲେ ମଧ୍ୟ ବିଶେଷଜ୍ଞ ଦଳ ହିଁ ଏହାର ସତ୍ୟତା ପ୍ରମାଣ କରିଛନ୍ତି। ଗୋଡ଼ରେ ଥିବା ସ୍ୱାଦ ସେନ୍ସର୍ ସେମାନଙ୍କର କାମ କରିବା ସହ ବିଷାକ୍ତ ଫୁଲର ପାଖରେ ଉଡ଼ିଲେ ମଧ୍ୟ ଫୁଲର ତତ୍ତ୍ୱ ପ୍ରଜାପତିଟି ସହଜରେ ଜାଣିପାରେ। ଏକ ଅନୁଧ୍ୟାନରୁ ଜଣାପଡ଼ିଛି, ବିଶ୍ୱରେ ପ୍ରାୟ ୧ଲକ୍ଷ ୬୫ହଜାର ପ୍ରଜାତିର ପ୍ରଜାପତି ଦେଖାଯାନ୍ତି। କେତୋଟି ପ୍ରମୁଖ ସ୍ଥାନ ଅଛି, ଯେଉଁଠାରେ ଦିନରାତି ସଂଖ୍ୟାଧିକ ପ୍ରଜାପତି ଉଡ଼ିବୁଲୁଥାନ୍ତି।



■ ଦକ୍ଷିଣ ଆମେରିକାର ଏକ ଦେଶ ହେଉଛି କଲମ୍ବିଆ। ସେଠାରେ ଥିବା ଭିକ୍ଟୋରିଆ ବଟରଫ୍ଲାଏ ଗାର୍ଡେନରେ ୭୫ରୁ ଅଧିକ ପ୍ରଜାତିର ପ୍ରଜାପତି ଦେଖାଯାଉଥିବାବେଳେ ପର୍ଯ୍ୟଟକ ମଧ୍ୟ ନିୟମିତ ଆସିଥାନ୍ତି।

■ ଓଣ୍ଟାରିଓର ନାଏଗ୍ରା ଫଲ୍ସ ନିକଟରେ ଥିବା ବଟରଫ୍ଲାଏ ଗାର୍ଡେନରେ ୪୫ ପ୍ରଜାତିର ୨ହଜାର ପ୍ରଜାପତି ଅଛନ୍ତି। ଏକ କାଚ ଘରେ ପ୍ରଜାପତିମାନଙ୍କୁ ରଖାଯାଇଥିବାବେଳେ ପର୍ଯ୍ୟଟକ କାଚ ଝରକାରେ ଦେଖିବାର ବନ୍ଦୋବସ୍ତ ରହିଛି।

# ଘରେ କେଉଁ ବାସ୍ତୁ ଦ୍ରବ୍ୟ ରଖିଲେ ଶାନ୍ତି ମିଳିବ

ଘରେ ସର୍ବଦା ସୁଖଶାନ୍ତି ଭରି ରହିବା ପାଇଁ କିଛି ଉପାୟ ଅବଲମ୍ବନ କରନ୍ତୁ। ଯାହାଦ୍ୱାରା ଘରୁ ବାସ୍ତୁ ଦୋଷ ଦୂର ହୋଇ ପରିବାରରେ ସର୍ବଦା ସୁଖଶାନ୍ତି ଭରି ରହିବ।

ଋନ୍ଦିର ହାତୀ : ଘରେ ଚାନ୍ଦିର ହାତୀ ରଖନ୍ତୁ । ଏହାଦ୍ୱାରା ଲକ୍ଷ୍ମୀଙ୍କ କୃପା ଦୃଷ୍ଟି ପଡ଼ିବ । ଏହାସହ ଛୋଟ ଋନ୍ଦିର ହାତୀ ପକେଟ୍‌ରେ ରଖନ୍ତୁ।

ପିତ୍ତଳ ଓ ତମ୍ବା ବାସନ : ପିତ୍ତଳ ବାସନରେ ଖାଇଲେ ଓ ତମ୍ବା ବାସନରେ ପାଣି ପିଇବା ଦ୍ୱାରା ସ୍ୱାସ୍ଥ୍ୟରେ ଉନ୍ନତି ହୋଇଥାଏ । ଘରେ ପିତ୍ତଳ ବାସନ ରଖିବା ଦ୍ୱାରା ସକାରାତ୍ମକ ବାତାବରଣ ସୃଷ୍ଟି ହୋଇଥାଏ ।



ମହୁ : କାଚ କିମ୍ବା ମାଟିପାତ୍ରରେ ମହୁ ରଖିଲେ ଘରର ଶାନ୍ତି ବୃଦ୍ଧି ପାଏ ।

ଋନ୍ଦି ଡବା : ଏକ ଋନ୍ଦି ଡବାରେ ପାଣି ଭରି ଲକରରେ ରଖିଲେ ଧନ ବୃଦ୍ଧି ହୁଏ ।

ଋନ୍ଦି ଓ ସୁନା କଏନ୍ : ଋନ୍ଦିର କଏନ୍ ଲକରରେ ରଖନ୍ତୁ । ଏକ ହଳଦିଆ କପଡ଼ାରେ ସୁନା କଏନ୍ ବାନ୍ଧି ଲକରରେ ରଖନ୍ତୁ । ଘରେ ଶାନ୍ତି ବୃଦ୍ଧି ହେବ ।

ଭଗବାନ ହନୁମାନଙ୍କ ଚିତ୍ର : ଘରର ଦକ୍ଷିଣ କୋଣ କାନ୍ଥରେ ଲଗାନ୍ତୁ । ଏହାକୁ ପ୍ରତିଦିନ ପୂଜା କରନ୍ତୁ ।

ହଳଦିଆ ରଙ୍ଗ : ଘରେ ହଳଦିଆ ରଙ୍ଗର ଯେକୌଣସି ବସ୍ତ୍ର ରଖନ୍ତୁ ପରିବାରରେ ଶାନ୍ତି ବୃଦ୍ଧି ପାଇବ ।

କଳା ଗୁଡ଼ : ଘରେ କଳା ଗୁଡ଼ ରଖନ୍ତୁ । ବାହାରକୁ ଯିବା ସମୟରେ କିମ୍ବା ପରିବାରର ସମସ୍ତ ସଦସ୍ୟ ଗୁଡ଼ ଖାଆନ୍ତୁ । ଏହାଦ୍ୱାରା ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହୋଇଥାଏ ।

ତମ୍ବା କଏନ୍ : ଘରେ ତମ୍ବା କଏନ୍ ରଖନ୍ତୁ । ଧଳା କପଡ଼ାରେ ତମ୍ବା କଏନ୍ ବାନ୍ଧି ବେକରେ ଧାରଣ କଲେ ଶୁଭ ।

# ଖାଲି ପାଦରେ ମନ୍ଦିରରେ ପ୍ରବେଶ କରିବା କାହିଁକି ଗୁରୁତ୍ୱପୂର୍ଣ୍ଣ



ହିନ୍ଦୁ ଧର୍ମରେ ରହିଛି ଅନେକ ପରମ୍ପରା ଏବଂ ପ୍ରଥା । ବୈଦିକ ଯୁଗରୁ ଆରମ୍ଭ ହୋଇଥିବା ଅନେକ ପ୍ରଥା ଆଜି ମଧ୍ୟ ଭାରତରେ ପ୍ରଚଳିତ ହେଉଛି । ଯେମିତିକି ମନ୍ଦିରରେ ଖାଲି ପାଦରେ ପ୍ରବେଶ କରିବା ଏକ ହିନ୍ଦୁ ପ୍ରଥା । ତଥାପି, ଜାପାନୀମାନଙ୍କ ସମେତ ଅନ୍ୟ ଧର୍ମର ଲୋକମାନେ ମଧ୍ୟ କୌଣସି ପବିତ୍ର ସ୍ଥାନରେ ପ୍ରବେଶ କରିବା ପୂର୍ବରୁ ସେମାନଙ୍କର ଜୋତା କିମ୍ବା ଚପଲ କାଢ଼ି ଦିଅନ୍ତି । ଏହାର କାରଣ ହେଉଛି ମନ୍ଦିରଗୁଡ଼ିକ ପବିତ୍ର ସ୍ଥାନ ବୋଲି କୁହାଯାଏ । ତେଣୁ ଭକ୍ତମାନେ ସେମାନଙ୍କର ପବିତ୍ରତା ବଜାୟ ରଖିବା ଉଚିତ ।ଏହା ବିଶ୍ୱାସ କରାଯାଏ ଯେ ଜୋତା ବିନା ମନ୍ଦିରରେ ପ୍ରବେଶ କରିବା ଦ୍ୱାରା ଆପଣ ଭଗବାନଙ୍କ ସହିତ ସହଜରେ ସଂଯୋଗ ସ୍ଥାପନ କରିପାରିବେ । ଏହା ମଧ୍ୟ ଦେବତାଙ୍କଠାରୁ ଆଶୀର୍ବାଦ ପାଇବାର ଏକ ଉପାୟ । ପୌରାଣିକ କଥା ଅନୁଯାୟୀ, ଚମଡ଼ା ଜୋତା ପିନ୍ଧି ମନ୍ଦିରରେ ପ୍ରବେଶ କରିବା ଦେବତାମାନଙ୍କୁ ଅସମ୍ମାନ କରିବା ସହିତ ସମାନ ।ତେଣୁ, ଏହାକୁ ସର୍ବଦା ଏଡାଇବା ଉଚିତ । ଏହି କାରଣରୁ ମନ୍ଦିରରେ ପ୍ରବେଶ କରିବା ସମୟରେ ଲୋକମାନଙ୍କୁ ଚମଡ଼ା ବେଲ୍ଟ ଏବଂ ପର୍ସ କାଢ଼ିବାକୁ କୁହାଯାଏ ।ଅଧିକାଂଶ ମନ୍ଦିରର ଚଟାଣରେ ହଳଦୀ, ଚନ୍ଦନ ଏବଂ ସିନ୍ଦୁରର ଲେପ ଦିଆଯାଇଥାଏ । ଆୟୁର୍ବେଦ ଅନୁସାରେ, ଏଗୁଡ଼ିକ ସ୍ୱାସ୍ଥ୍ୟ ବର୍ଦ୍ଧକ ଗୁଣର ଉତ୍ସ । ଯେତେବେଳେ ଆପଣ ମନ୍ଦିର ଚଟାଣରେ ଜୋତା ବିନା ପ୍ରବେଶ କରନ୍ତି, ସେତେବେଳେ ଆପଣ ଏହି ଉପାଦାନଗୁଡ଼ିକର ଲାଭ ପାଇପାରିବେ । ବିଶ୍ୱାସ ଅନୁସାରେ, ମନ୍ଦିର ଏପରି ଏକ ସ୍ଥାନ ଯାହା ମାନସିକ ଶାନ୍ତି ପ୍ରଦାନ କରେ । ତେଣୁ ଯେତେବେଳେ ଆପଣ ମନ୍ଦିରରେ ଖାଲି ପାଦରେ ପ୍ରବେଶ କରନ୍ତି, ସେତେବେଳେ ଆପଣଙ୍କ ପାଦ ଦେଇ ସକାରାତ୍ମକ ଶକ୍ତି ଆପଣଙ୍କ ଶରୀରରେ ପ୍ରବେଶ କରେ ।ଏହା ଆପଣଙ୍କ ମନକୁ ଶାନ୍ତ ରଖିବାରେ ସାହାଯ୍ୟ କରେ । ଖାଲି ପାଦରେ ମନ୍ଦିରରେ ପ୍ରବେଶ କରିବାର କିଛି ମହ□ ହେଉଛି ଯେ ଏହା ଏକ ଅତ୍ୟନ୍ତ ପ୍ରାସଙ୍ଗିକ ହିନ୍ଦୁ ପରମ୍ପରା । ମନ୍ଦିରକୁ ଏକ ଅତ୍ୟନ୍ତ ପବିତ୍ର ସ୍ଥାନ ଭାବରେ ବିବେଚନା କରାଯାଏ । ସେଠାରେ ପ୍ରବେଶ କରିବା ଭଗବାନଙ୍କ ଘରେ ପ୍ରବେଶ କରିବା ପରି। ଦେବତାମାନଙ୍କ ପ୍ରତି ସମ୍ମାନ ଏବଂ ଶ୍ରଦ୍ଧା ପ୍ରଦର୍ଶନ କରିବା ପାଇଁ ଏହାକୁ ପାଳନ କରାଯିବା ଉଚିତ । ତଥାପି, ଏହା ପରମ ଚେତନା ବା ବ୍ରହ୍ମଙ୍କ ସହିତ ଆପଣଙ୍କର ସମ୍ପର୍କକୁ ମଧ୍ୟ ସୁଦୃଢ଼ କରିପାରିବ ।

# କର୍କଟ ରୋଗରୁ ଦୂରେଇ ରଖିଥାଏ କାଙ୍କଡ

ବର୍ଷା ଦିନରେ କାଙ୍କଡ ମିଳିଥାଏ। ଏହି ପରିବା ସ୍ୱାସ୍ଥ୍ୟ ପାଇଁ ବେଶ ଉପକାରୀ। ବର୍ଷା ଦିନେ ମିଳୁଥିବା ଏହି ପରିବାକୁ ନିଜ ଖାଦ୍ୟରେ ନିଶ୍ଚୟ ସାମିଲ କରନ୍ତୁ। ପୋଷକତତ୍ତ୍ୱ□ରେ ଭରପୁର କାଙ୍କଡ ଶରୀରକୁ ଅନେକ



ରୋଗରୁ ରକ୍ଷା କରିଥାଏ। ଏଥିରେ ଫାଇବର,ଭିଟାମିନ ବି ୬ ଆଦି ପର୍ଯ୍ୟାପ୍ତ ପରିମାଣରେ ରହିଛି। ଜାଣନ୍ତୁ କାଙ୍କଡ ଖାଇଲେ କି କି ଲାଭ ମିଳେ..

କାଙ୍କଡରେ ଭିଟାମିନ ସି ପର୍ଯ୍ୟାପ୍ତ ମାତ୍ରାରେ ରହିଛି। ଏହା ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୂତ କରିବାରେ ସହାୟକ ହୋଇଥାଏ। ଫଳରେ ଶରୀରକୁ ବିଭିନ୍ନ ରୋଗରୁ ରକ୍ଷା କରିଥାଏ। ଏହି ପରିବାରେ ଫାଇବର, ଭିଟାମିନ୍ ବି୬ ଆଦି ପୋଷକତତ୍ତ୍ୱ ଭରପୁର ମାତ୍ରାରେ ରହିଛି ।ଏହି ପରିବାକୁ ନିଜ ଖାଦ୍ୟରେ ସାମିଲ କରିବା ଦ୍ୱାରା ପାଚନ ଜନିତ ସମସ୍ୟା ଦୂର ହୋଇଥାଏ। ଶରୀରରେ କୋଲେଷ୍ଟେରୋଲ୍ ମାତ୍ରା ନିୟନ୍ତ୍ରଣ ହୋଇ ରହିଥାଏ।

କାଙ୍କଡରେ ଆଣ୍ଟି-ଅକ୍ସିଡାଣ୍ଟ ରହିଛି। ଯାହା ତ୍ୱଚାକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ଏହା ବ୍ରଣ ଓ କୁଞ୍ଚନ ସମସ୍ୟାରୁ ରକ୍ଷା କରିଥାଏ।

ଯେଉଁ ମାନଙ୍କର ମଧୁମେହ ସମସ୍ୟା ରହିଛି,ସେମାନଙ୍କ ପାଇଁ କାଙ୍କଡ ବେଶ ଉପକାରୀ। ଏଥିରେ ଥିବା ଫାଇବର ରକ୍ତରେ ଶର୍କରାର ମାତ୍ରାକୁ ନିୟନ୍ତ୍ରଣ ରଖିଥାଏ। ମଧୁମେହ ରୋଗୀ ନିଜ ଖାଦ୍ୟରେ କାଙ୍କଡ ନିଶ୍ଚୟ ସାମିଲ କରନ୍ତୁ।

କାଙ୍କଡ ଓଜନ ହ୍ରାସ କରିବାରେ ବେଶ ସହାୟକ ହୋଇଥାଏ। ଏଥିରେ ଥିବା ଫାଇବର ଅଧିକ ସମୟ ଯାଏଁ ପେଟ ଭର୍ତ୍ତି କରି ରଖିଥାଏ। ଫଳରେ ବାରମ୍ବାର ଖାଦ୍ୟ ଖାଇବାକୁ ଇଚ୍ଛା ହୋଇନଥାଏ।

ନିୟମିତ ଭାବେ କାଙ୍କଡ ସେବନ କରିବା ଦ୍ୱାରା ଏଥିରେ ଥିବା ପୋଷକତତ୍ତ୍ୱ କର୍କଟ ରୋଗ ହେବାର ସମ୍ଭାବନାକୁ କମ୍ କରିଥାଏ।

# ସନ୍ତୁଳିତ ପୋଷଣ ଛାତ୍ରଛାତ୍ରୀଙ୍କ ଶିକ୍ଷା ସଂସ୍କାରର ଗୁରୁତ୍ୱପୂର୍ଣ୍ଣ ଆଧାର

**ଭୁବନେଶ୍ୱର,୯।୧୨ (ମହାଭାରତ):** 'ପୋଷଣ ଅଭିଯାନ' ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପାଇଁ ସନ୍ତୁଳିତ ପୋଷଣ ସୁନିଶ୍ଚିତ କରିବା ଶିକ୍ଷା ସଂସ୍କାରର ଏକ ଗୁରୁତ୍ୱପୂର୍ଣ୍ଣ ଆଧାର। ଉତ୍ତମ ପୋଷଣ ପିଲାମାନଙ୍କର ଏକାଗ୍ରତା ଓ ଶିଖାଇବାର କ୍ଷମତା ବଢ଼ାଇବା ସହ ସେମାନଙ୍କୁ ସ୍ୱାସ୍ଥ୍ୟବାନ, ଆତ୍ମବିଶ୍ୱାସୀ ଏବଂ ସକ୍ଷମ ନାଗରିକ ଭାବରେ ଗଢ଼ି ତୋଳିବାରେ ସହାୟକ ହେବ, ଯାହା 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ରବିବାର ଭୋପାଳରେ ଆୟୋଜିତ 'ଜାତୀୟ ଶିକ୍ଷା ନୀତି ୨୦୨୦ - କ୍ରିୟାନ୍ୱୟନ, ଆହ୍ୱାନ ଏବଂ ସମ୍ଭାବନା' ଉପରେ ଏକ ଦିବସୀୟ ରାଜ୍ୟସ୍ତରୀୟ କର୍ମଶାଳାରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ମଧ୍ୟପ୍ରଦେଶ ରାଷ୍ଟ୍ରୀୟ ଶିକ୍ଷା ନୀତି - ୨୦୨୦ ଏବଂ ଭାରତୀୟ ସଂସ୍କୃତି ଉଭୟକୁ ସମାନ ଗତିରେ ଆଗକୁ ବଢ଼ାଇବାରେ ଏକ ଅଗ୍ରଣୀ ରାଜ୍ୟ ଭାବରେ ଉଭା ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ୨୦୩୫ ସୁଦ୍ଧା ସମ୍ପୂର୍ଣ୍ଣ ରୂପେ ଔପନିବେଶିକ ମାନସିକତାରୁ ମୁକ୍ତ ଏକ ଆତ୍ମଗୌରବରେ ପରିପୂର୍ଣ୍ଣ ଶିକ୍ଷା ପ୍ରଣାଳୀ ପ୍ରତିଷ୍ଠା କରିବାକୁ ଆମର ସଂକଳ୍ପ ରହିଛି। ସେ ଆହୁରି କହିଛନ୍ତି, ମଧ୍ୟପ୍ରଦେଶ ଆଗାମୀ ୨୫ ବର୍ଷ ପାଇଁ ଏକ ଯୁବ ପ୍ରଦେଶ ହୋଇ ରହିବ ଏବଂ ବିକଶିତ ଭାରତର ପରିକଳ୍ପନାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଏଆଇର ବ୍ୟବହାର ଦ୍ୱାରା ଯେତେବେଳେ ପାରମ୍ପରିକ ଜ୍ଞାନକୁ ନୂତନ ଜ୍ଞାନକୌଶଳ ସହିତ ଯୋଡ଼ାଯିବ, ସେତେବେଳେ ମଧ୍ୟପ୍ରଦେଶ ତଥା ଦେଶର ଅନ୍ୟାନ୍ୟ ରାଜ୍ୟମାନଙ୍କୁ ଏକବିଂଶ ଶତାବ୍ଦୀର ନୂତନ ଦିଗ ମିଳିବ। ଏଥିପାଇଁ ସେ 'ଏଆଇ ଟ୍ୟୁଟର' ଭଳି ପଦକ୍ଷେପରେ ମଧ୍ୟପ୍ରଦେଶକୁ ଅଗ୍ରଣୀ ହେବାକୁ ଆହ୍ୱାନ କରିଥିଲେ।



ମଧ୍ୟପ୍ରଦେଶ ସରକାରଙ୍କ 'ସ୍କୁଲ ଚଲେଁ ହମ୍' ଅଭିଯାନ ପ୍ରତ୍ୟେକ ପିଲାଙ୍କୁ ବିଦ୍ୟାଳୟ ସହ ଯୋଡ଼ିବା, ଡ୍ରପ-ଆଉଟ ହାର ହ୍ରାସ କରିବା ଏବଂ ଆଧୁନିକ ଶିକ୍ଷଣ ପଦ୍ଧତିଗୁଡ଼ିକୁ ବିଦ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଅଧିକରୁ ଅଧିକ ପିଲା ଶିକ୍ଷା ସହିତ ଯୋଡ଼ି ହୋଇ ଜ୍ଞାନ ଏବଂ ସଂସ୍କାରରେ ସଶକ୍ତ ହୋଇ 'ବିକଶିତ ମଧ୍ୟପ୍ରଦେଶ' ଏବଂ 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବା ଦିଗରେ ଆଗେଇ ଚାଲିଛନ୍ତି। ଛାତ୍ରୀମାନଙ୍କୁ ଖେଳକୁଦ, ସାଂସ୍କୃତିକ ପ୍ରଦର୍ଶନ ଏବଂ କରାଟେ ଭଳି ଦକ୍ଷତା ସହିତ ବିଭିନ୍ନ ଏକ୍ସଟ୍ରା-କରିକୁଲାର କାର୍ଯ୍ୟରେ ଉତ୍ସାହର ସହିତ ଭାଗ ନେଉଛନ୍ତି, ଯାହା ପ୍ରଂଶସନୀୟ। ମଧ୍ୟପ୍ରଦେଶ ସରକାରଙ୍କ ଏହି ପଦକ୍ଷେପ ଗୁଣାତ୍ମକ ଶିକ୍ଷା ଏବଂ ସାମଗ୍ରିକ ବିକାଶକୁ ଏକ ନୂଆ ଦିଗ ଦେଇଛି।

ଏହି କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶର ରାଜ୍ୟପାଳ ମଙ୍ଗୁଭାଇ ପଟେଲ, ମୁଖ୍ୟମନ୍ତ୍ରୀ ଡଃ ମୋହନ ଯାଦବ ଏବଂ ଅନ୍ୟାନ୍ୟ ଗଣମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶ୍ରୀ ପ୍ରଧାନ ଏହି ଗସ୍ତ କାଳରେ ଭୋପାଳର କମଳା ନେହେରୁ ସାନ୍ଦୀପନି କନ୍ୟା ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ।

# ବିଧାନସଭାରେ ଉଠିଲା ଶିକ୍ଷକ ଆନ୍ଦୋଳନ ପ୍ରସଙ୍ଗ

**ଭୁବନେଶ୍ୱର,୯।୧୨ (ମହାଭାରତ):** ଶୂନ୍ୟକାଳରେ ବିଜେଡ଼ି ବିଧାୟକ ଗୌତମବୁଦ୍ଧ ଦାସ ଉଠାଇଲେ ଶିକ୍ଷକ ଆନ୍ଦୋଳନ ପ୍ରସଙ୍ଗ। ଶିକ୍ଷକ ଧାରଣାରେ ବସିଛନ୍ତି। ପ୍ରାଥମିକ ଶିକ୍ଷକ ଶୀତରେ ଦୁଇ ଦଫା ଦାବି ପୂରଣ ପାଇଁ ରାଜରାସ୍ତାରେ ବସିଛନ୍ତି। ସରକାର କାହିଁକି ଦାବି ପୂରଣ ଦିଗରେ ସମୟ ଗଡାଉଛନ୍ତି ? ଏ ଦାବି କିଛି ସମୟ ଭିତରେ ପୂରଣ ହୋଇପାରିବ। ଶିକ୍ଷକଙ୍କ ଦୁଃଖ ଶୁଣନ୍ତୁ ସରକାର ବୋଲି ସେ ଦାବି କରିଛନ୍ତି। ଅନ୍ୟପଟେ ଆଦର୍ଶ ବିଦ୍ୟାଳୟ ଶିକ୍ଷକ ବି ଏକାଧିକ ଦାବି ନେଇ ରାଜରାସ୍ତାରେ ବସିଛନ୍ତି। ଶିକ୍ଷକ ଅଭାବ ଅଛି। ଏସଆଇ ପରୀକ୍ଷା ଦୁର୍ନୀତିରେ ସମ୍ପୃକ୍ତି ଥିବା ସିଲିକନ ସଂସ୍ଥାକୁ ସେମାନଙ୍କ ଅଭିଯୋଗ ପୋର୍ଟାଲ ଦାୟିତ୍ୱ ଦିଆଯାଇଛି। ସିଲିକନ ସଂସ୍ଥା କଳା ତାଲିକାଭୁକ୍ତ ହେବା ପରେ ପୋର୍ଟାଲ ଏବେ ବନ୍ଦ ହୋଇଯାଇଛି। ଏସଏସପି ଅଧ୍ୟାପକ ମାନେ ବି ଆନ୍ଦୋଳନରେ ବସିଛନ୍ତି। ସେମାନଙ୍କ ଦାବି ସରକାରୀ ମାନ୍ୟତା ଦିଆଯାଉ। ସରକାର କାହିଁକି ଦାବି ପୂରଣ ଦିଗରେ ପଦକ୍ଷେପ ନେଉନାହାନ୍ତି। ଏମାନେ ସମସ୍ତେ ଆମ ପାଇଁ ଅମୂଲ୍ୟ ରତ୍ନ ବୋଲି ବିଜେଡ଼ି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି।

# ରାଜ୍ୟର ଋଣ ୧ ଲକ୍ଷ ୨୦ ହଜାର ୭୧୦ କୋଟି

**ଭୁବନେଶ୍ୱର,୯।୧୨ (ମହାଭାରତ):** ଗତ ୧୦ ବର୍ଷରେ ରାଜ୍ୟ ଉପରେ ଋଣ ଭାର ତିନି ଗୁଣା ବଢ଼ିଛି। ବିଧାନସଭାରେ ଏକ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀଙ୍କ ଲିଖିତ ଉତ୍ତରରୁ ଏହା ଜଣାପଡିଛି। ୨୦୧୩-୧୪ ବର୍ଷରେ ଓଡ଼ିଶାର ମୋଟ ଋଣ ଭାର ୩୮ ହଜାର ୬୬୬ କୋଟି ଟଙ୍କା ଥିଲା ବେଳେ ୨୦୨୪-୨୫ରେ ରାଜ୍ୟର ଋଣ ଭାର ୧ ଲକ୍ଷ ୨୦ ହଜାର ୭୧୦ କୋଟିରେ ପହଞ୍ଚିଛି। ୨୦୨୫-୨୬ ଅକ୍ଟୋବର ମାସ ଶେଷ ସୁଦ୍ଧା ଋଣ ଭାର ୧ ଲକ୍ଷ ୨୬ ହଜାର ୭୯୯ କୋଟିରେ ପହଞ୍ଚିଛି। ଋଣ ହ୍ରାସ ପାଇଁ ଅନେକ ପଦକ୍ଷେପ ନିଆଯାଇଥିବା ମୁଖ୍ୟମନ୍ତ୍ରୀ ଗୃହକୁ ଜଣାଇଛି।

# ସ୍ଥାୟୀ ଶକ୍ତି ପରିବର୍ତ୍ତନରେ ପବ୍ଲିକ ପ୍ରାଇଭେଟ ପାର୍ଟନରସିପକୁ ଗୁରୁତ୍ୱ

**ଭୁବନେଶ୍ୱର,୯।୧୨ (ମହାଭାରତ):** ବିଶ୍ୱ ଶକ୍ତି ନେତା ସମ୍ମିଳନୀ ୨୦୨୫ ର ଦ୍ୱିତୀୟ ଦିନରେ 'ସହଭାଗିତା' ବିଷୟବସ୍ତୁ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ-ଘରୋଇ ଆଲୋଚନା ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯାହା ଶକ୍ତି ପରିବର୍ତ୍ତନ ରେ ସ୍ଥାୟୀତ୍ୱ, ସନ୍ତୁଳନ ଏବଂ ନବଉଦ୍ଭାବନ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା। ଉପମୁଖ୍ୟମନ୍ତ୍ରୀ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଧିବେଶନ ସମୟରେ ଉପସ୍ଥିତ ଥିଲେ। ମେଟ୍ରିକ୍ସ ଅଧ୍ୟକ୍ଷ ୱିଲିୟମ୍ ମୋରିସନଙ୍କ ଦ୍ୱାରା ଏହି ଅଧିବେଶନ ପରିଚାଳିତ ହୋଇଥିଲା। ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଏହି ଅଧିବେଶନ ଏକ ସଫଳ ପରିବର୍ତ୍ତନ ପାଇଁ ଜୀବାଶ୍ମ-ଆଧାରିତ ଇନ୍ଧନ ରୁ ଅଣ-ଜୀବାଶ୍ମ-ଆଧାରିତ ଶକ୍ତି ଉତ୍ସକୁ ସ୍ଥାନାନ୍ତରିତ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।



ଦେଶରେ ଶକ୍ତି ପରିବର୍ତ୍ତନର ଚ୍ୟାଲେଞ୍ଜଗୁଡ଼ିକୁ ଦୂର କରିବା ପାଇଁ ପ୍ୟାନେଲ ଗୁରୁତ୍ୱାରୋପ କରି କହିଥିଲେ ଯେ ଏକ ଦୃଢ଼ ସାର୍ବଜନୀନ-ଘରୋଇ ସହଭାଗୀତା ମଡେଲ ଆବଶ୍ୟକ, ଯେଉଁଥିରେ ନିବେଶର ଦୃଢ଼ ସନ୍ତୁଳନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହାର ଏକ ଉଲ୍ଲେଖନୀୟ ଉଦାହରଣ ହେଉଛି ଓଡ଼ିଶାର ବିଦ୍ୟୁତ ବଂଟନ ବ୍ୟବସ୍ଥା, ଡିସକମ ଢାଂଚା ଅଧୀନରେ ପ୍ରଭାବଶାଳୀ ଶକ୍ତି ପରିଚାଳନାକୁ ଏକ ସଫଳ ଉଦାହରଣ ଭାବରେ ଉପସ୍ଥାପିତ କରାଯାଇଥିଲା।

ଏହି ଆଲୋଚନାରେ ଏକ ବିଶିଷ୍ଟ ପ୍ୟାନେଲ ସାମିଲ ଥିଲେ, ଯେଉଁଥିରେ ଟାଟା ପାୱାରର ସିଇଓ ଡକ୍ଟର ପ୍ରବୀର ସିହ୍ନା, ଅରୋରା ଏନର୍ଜିର ଇଣ୍ଡିଆ ମୁଖ୍ୟ ଦେବବ୍ରତ ଘୋଷ, ଆଇଫରେଷ୍ଟର ସିଇଓ ଚନ୍ଦ୍ର ଭୂଷଣ, ଇଭିପି (ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ପିଏମଓ), ରିନ୍ୟୁ, ଆଭାଡା ଗ୍ରୁପର ସଭାପତି ପ୍ରଶାନ୍ତ ଚୌବେ ସାମିଲ ଥିଲେ। ସମ୍ମିଳନୀ ଆଲୋଚନାରେ ଉଲ୍ଲେଖ କରାଯାଇଥିଲା ଯେ ଏକ ସ୍ଥାୟୀ, ଅଣ-ଜୀବାଶ୍ମ-ଆଧାରିତ ଶକ୍ତି ଭବିଷ୍ୟତ ହାସଲ କରିବା ଏବଂ ସ୍ଥିର ବଂଟନ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଅଭିନବ ପବ୍ଲିକ ପ୍ରାଇଭେଟ ସହଭାଗିତାରେ ନିବେଶ ଏବଂ ଶକ୍ତି ଭିତ୍ତିଭୂମି ପ୍ରତି ଏକ ସନ୍ତୁଳିତ ଆଭିମୁଖ୍ୟ ଅତ୍ୟନ୍ତ ଜରୁରୀ।

# ସ୍ୱାସ୍ଥ୍ୟ ସେବା ଗବେଷଣା ନେଇ ଆନ୍ତର୍ଜାତିକ କର୍ମଶାଳା

**ଭୁବନେଶ୍ୱର,୯।୧୨ (ମହାଭାରତ):** ଉତ୍ତମ ସ୍ୱାସ୍ଥ୍ୟ ସେବା ଏବଂ ଏ ଦିଗରେ ଉତ୍କର୍ଷତା ହାସଲ ନିମନ୍ତେ ସାମାଜିକ ଓ ମାନବିକ ଦୃଷ୍ଟିକୋଣରୁ ଗବେଷଣାର ଆବଶ୍ୟକତା ରହିଛି ବୋଲି ଆଇଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଆଶିଷ ଘୋଷ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜ ପକ୍ଷରୁ ଆୟୋଜିତ 'ଏଭିଡେନ୍ସ ବେସ୍‌ଡ ପ୍ରାକ୍ଟିସ୍ ଆଣ୍ଡ ଇନୋଭେସନ ଇନ୍ ହେଲ୍‌ଥ କେୟାର ରିସର୍ଚ୍ଚ: ଅପ୍ଟିମାଇଜିଂ କ୍ୱାଲିଟି ଆଣ୍ଡ ଏକ୍ସିଲେନ୍ସ' ଶୀର୍ଷକ ଆର୍ନ୍ତଜାତିକ କର୍ମଶାଳାରେ ପ୍ରଫେସର ଘୋଷ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆଲୋଚନାଚକ୍ରରେ ରୋଗୀକୁ କଷ୍ଟମୁକ୍ତ କରିବା ନେଇ ଚିକିତ୍ସା ଆବଶ୍ୟକ ବୋଲି କହିଥିଲେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମରେ ଯୋଗ ଦେଇ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବହୁ ବିଷୟକ ଦୃଷ୍ଟିକୋଣରୁ ସମନ୍ୱିତ ପ୍ରୟାସ ଆବଶ୍ୟକ ବୋଲି କହିଥିଲେ।

ଏହି କାର୍ଯ୍ୟକ୍ରମରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡିଚରଣ ରଥ ଯୋଗ ଦେଇ ଗବେଷଣାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏସଏଚଏସଆରସି, ଓଡ଼ିଶାର ଟିମ ଲିଡର ଡକ୍ଟର ଦୀନବନ୍ଧୁ ସାହୁ ମଧ୍ୟ ସମ୍ମିଳନୀରେ ବକ୍ତବ୍ୟ ରଖିଥିଲେ। ସମ୍ମିଳନୀରେ ୧୩ଟି ସାଇନ୍‌ଟିଫିକ୍ ସେସନ୍, ୮୭ଟି ଓରାଲ ପେପର ଏବଂ ୭ ଟି ପୋଷ୍ଟର ଉପସ୍ଥାପନ କରାଯାଇଥିଲା। ଓଡ଼ିଶା ଓ ଓଡ଼ିଶା ବାହାରର ବିଭିନ୍ନ ନର୍ସିଂ କଲେଜରୁ ୭୬୩ ଜଣ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୁତି ଭୂଷଣ ପ୍ରଧାନ, ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲର



ମେଡିକାଲ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଓ ସୋମି ଓଡ଼ିଶା ଶାଖାର ଉପଦେଷ୍ଟା ତଥା ବ୍ରହ୍ମପୁର ସରକାରୀ ନର୍ସିଂ କଲେଜର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ଅମ୍ରିତା ଲେଙ୍କା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ ନର୍ସିଂ କଲେଜର ଡିନ୍ ପ୍ରଫେସର ସସ୍ମିତା ଦାସ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଏବଂ ନର୍ସ ମାନଙ୍କର ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରିଥିବା ବେଳେ ଏସ୍ଏନ୍‌ସିର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତୀ ତ୍ରିପାଠୀ ସମ୍ମିଳନୀର ପ୍ରସଙ୍ଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

# ରେଳବାଇ ପକ୍ଷରୁ କୁହୁଡ଼ି ସୁରକ୍ଷା ଅଭିଯାନ

**ଭୁବନେଶ୍ୱର,୯।୧୨ (ମହାଭାରତ):** ଉତର ଭାରତର କିଛି ଅଂଚଳ ସହିତ ପୂର୍ବତଟ ରେଳପଥର ଅଧୀନରେ ଥିବା ଅନେକ ସେକ୍ସନ କିମ୍ବା ମାର୍ଗରେ ଘନ କୁହୁଡ଼ି ପରିସ୍ଥିତି ରିପୋର୍ଟ କରାଯିବା ସହିତ, ପୂର୍ବତଟ ରେଳପଥ ଶୀତ ଋତୁରେ ନିରାପଦ ଏବଂ ସୁଗମ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା ପାଇଁ ଏକ ବ୍ୟାପକ ପ୍ରସ୍ତୁତି ଅଭିଯାନ ଆରମ୍ଭ କରିଛି। ପୂର୍ବତଟ ରେଳପଥ ରାତି ଏବଂ ସକାଳ ସମୟରେ କମ ଦୃଶ୍ୟମାନତା ଦ୍ୱାରା ଉପୁଜିଥିବା ଚ୍ୟାଲେଞ୍ଜର ମୁକାବିଲା ପାଇଁ ୨୪ ଘଂଟା ନିରୀକ୍ଷଣକୁ ସୁଦୃଢ଼ କରିଛି ଏବଂ ଅତିରିକ୍ତ ମାନବ ସମ୍ବଳ ନିୟୋଜିତ କରିଛି। କୁହୁଡ଼ି ସମୟରେ ରେଳବାଇ ଏକ ସୁପ୍ରତିଷ୍ଠିତ ପରିଚାଳନା ପ୍ରୋଟୋକଲ୍ ଅନୁସରଣ କରେ ଏବଂ କୁହୁଡ଼ି ପ୍ରବଣ ମାର୍ଗରେ ସୁରକ୍ଷା ବୃଦ୍ଧି କରିବା ପାଇଁ ପୂର୍ବତଟ ରେଳପଥ ଏହାର ପ୍ରୟାସକୁ ଆହୁରି ତୀବ୍ର କରିଛି। ଘନ କୁହୁଡ଼ି ସମୟରେ, ଲୋକୋ ପାଇଲଟମାନଙ୍କୁ ଦୃଶ୍ୟମାନ ପରିସ୍ଥିତି ଆଧାରରେ ବେଗକୁ କଡାକଡି ଭାବରେ ନିୟନ୍ତ୍ରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୁରକ୍ଷା ପରାମର୍ଶଦାତା ଏବଂ ରେଳ ଅଧିକାରୀମାନେ ଟ୍ରେନ୍ ପରିଚାଳନା ସମୟରେ ସର୍ବାଧିକ ସତର୍କତା ଅବଲମ୍ବନ କରିବା ପାଇଁ ଚାଲୁଥିବା କର୍ମଚାରୀଙ୍କୁ ନିରନ୍ତର ସୂଚନା ଦେଉଛନ୍ତି। ଘନ କୁହୁଡ଼ି ସମୟରେ, ଲୋକୋ ପାଇଲଟମାନଙ୍କୁ ଦୃଶ୍ୟମାନତା ପରିସ୍ଥିତି ଉପରେ ଆଧାର କରି କଠୋର ଭାବରେ ଗତି ନିୟନ୍ତ୍ରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୁରକ୍ଷା ପରାମର୍ଶଦାତା ଏବଂ ରେଳ ଅଧିକାରୀମାନେ ଟ୍ରେନ ପରିଚାଳନା ସମୟରେ ସର୍ବାଧିକ ସତର୍କତା ବଜାୟ ରଖିବା ପାଇଁ ରନିଙ୍ଗ ଷ୍ଟାଫମାନେ ନିରନ୍ତର ସୂଚନା ଦେଉଛନ୍ତି। କମ୍ ଦୃଶ୍ୟମାନତାରେ ସିଗନାଲ ଚିହ୍ନଟ କରିବାରେ ଲୋକୋ ପାଇଲଟମାନଙ୍କୁ ସହାୟତା କରିବା ପାଇଁ, ଓଏଚଇ ମାଷ୍ଟ, ଲେଭଲ୍ କ୍ରସିଂ ଗେଟ୍ ଏବଂ ଗୁରୁତ୍ୱପୂର୍ଣ୍ଣ ଷ୍ଟପ୍ ସିଗନାଲ ପୂର୍ବରୁ ଥିବା ସ୍ଥାନଗୁଡ଼ିକରେ ଉଜ୍ଜ୍ୱଳ ଏବଂ ଫ୍ଲୋରୋସେଣ୍ଟ ଷ୍ଟ୍ରିପ୍ ପ୍ରୟୋଗ କରାଯାଇଛି। କମ୍ ଦୃଶ୍ୟମାନତା ସମୟରେ ସୁରକ୍ଷା ବୃଦ୍ଧି ପାଇଁ, ଲୋକୋ ପାଇଲଟମାନଙ୍କୁ ଆଗୁଆ ସଙ୍କେତ ଘୋଷଣା ପାଇଁ ଏଫ୍. ଏସ୍. ଡି. (ଫଗ୍ ସେଫ୍ ଡିଭାଇସ୍) ପ୍ରଦାନ କରାଯାଇଛି ।

# ସମ୍‌ରେ ଏଆରଟି ସେଣ୍ଟର ଉଦ୍‌ଘାଟିତ

**ଭୁବନେଶ୍ୱର,୯।୧୨ (ମହାଭାରତ):** ଓଡ଼ିଶାରେ ଜନସ୍ୱାସ୍ଥ୍ୟ ଭିତିଭୂମିକୁ ସୁଦୃଢ଼ କରିବାର ଉଦ୍ଦେଶ୍ୟ ନେଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୨ ଫୁଲନଖରାରେ ବୁଧବାର ଏକ ନୂତନ ଆଂଟିରେଟ୍ରୋଭାଇରାଲ ଟ୍ରିଟମେଂଟ (ଏଆରଟି) ସେଂଟର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶାର ପ୍ରଥମ ଘରୋଇ ମେଡିକାଲ୍ କଲେଜ ହସ୍ପିଟାଲ ଭାବେ ଆଇଏମ୍ଏସ ଆଣ୍ଡ ସମ ହସ୍ପିଟାଲ ୨ରେ ଏହି ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଉପଲବ୍ଧ ହେବ। ଏଚଆଇଭି ଏଡ୍‌ସ ଭଳି ଜଟିଳ ସମସ୍ୟାରେ ପୀଡ଼ିତ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ସେବା ଓ ସାହାଯ୍ୟ ସହଯୋଗ ଯୋଗାଇ ଦେବା ଲକ୍ଷ୍ୟ ନେଇ ଷ୍ଟେଟ ଏଡ୍‌ସ ସେଲ୍ ଏବଂ ଓଡ଼ିଶା ଷ୍ଟେଟ୍ ଏଡ୍‌ସ କଂଟ୍ରୋଲ ସୋସାଇଟି (ଓଏସ୍ଏସିଏସ୍)ର ମିଳିତ ସହଯୋଗରେ ସମ୍ ହସ୍ପିଟାଲ-୨ରେ ଏହି କେନ୍ଦ୍ର ଆରମ୍ଭ କରାଯାଇଛି। ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଷ୍ଟେଟ ଏଡ୍‌ସ ସେଲର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ଅରବିନ୍ଦ ଯୋଗ ଦେଇ ମଲ୍ଟିସ୍ପେଶିଆଲିଟି ହସ୍ପିଟାଲଗୁଡ଼ିକରେ ଏଚ୍ଆଇଭି ଏଡ୍‌ସ ସ୍ୱାସ୍ଥ୍ୟ ସେବାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍-୨, ଷ୍ଟେଟ ଏଡ୍‌ସ ସେଲ୍ ଏବଂ ଓଏସ୍ଏସିଏସ୍ ମଧ୍ୟରେ ସହଭାଗିତାରେ କାର୍ଯ୍ୟ କରାଇବା ସହ ଏହି ଚିକିତ୍ସା ସହଜ ସାପେକ୍ଷ ସ୍ଥିର ଏବଂ କଳଙ୍କମୁକ୍ତ କରାଇବା ଆବଶ୍ୟକ ବୋଲି ସେ କହିଥିଲେ। ରାଜ୍ୟକୁ ଏଚ୍ଆଇଭି ମୁକ୍ତ କରିବାରେ ଏହି ଜଟିଳ



ପଦକ୍ଷେପ ଖୁବ ଗୁରୁତ୍ୱପୂର୍ଣ୍ଣ ବୋଲି ଡକ୍ଟର ଅରବିନ୍ଦ କହିଥିଲେ। ଏହି ଅବସରରେ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍-୨ର ଆଡିସ୍‌ନାଲ୍ ମେଡିକାଲ୍ ସୁପରିଟେଣ୍ଡେଂଟ ଡାକ୍ତର ତାପସୀ ପତି କହିଥିଲେ ଯେ ସମସ୍ତ ବର୍ଗର ବ୍ୟକ୍ତିଙ୍କୁ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ହିଁ ଏହି ହସ୍ପିଟାଲ୍‌ର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ହସ୍ପିଟାଲ୍‌ର ଡେପୁଟି ମେଡିକାଲ୍ ସୁପରିଟେଣ୍ଡେଂଟ ଡାକ୍ତର ସମନ୍ୱୟ ଗୋଚ୍ଛାୟତ ଯୋଗ ଦେଇ ଏହି ସେଂଟରକୁ କାର୍ଯ୍ୟକ୍ଷମ କରିବା ଦିଗରେ ହସ୍ପିଟାଲ ପୂର୍ଣ୍ଣମାତ୍ରାରେ ପ୍ରସ୍ତୁତ ବୋଲି କହିଥିଲେ।

# ବ୍ଲାପଙ୍କ୍‌ଟ କାର ଇନଫୋଟେନମେଣ୍ଟ ଓ ବିପିଆଇଏନ୍ ସହିତ ବ୍ରାଣ୍ଡ୍ ସହଭାଗୀତା ୧୫ ବର୍ଷ ବୃଦ୍ଧି

**ଭୁବନେଶ୍ୱର,୯।୧୨ (ମହାଭାରତ):** କାର ଇନଫୋଟେନମେଣ୍ଟ ଓ ଅଡିଓ ଆସେସୋରିଜ କ୍ଷେତ୍ରରେ ବିଶ୍ୱସ୍ତରରେ ଭରସାଯୋଗ୍ୟ ନାମ ବ୍ଲାପଙ୍କ୍‌ଟ ବିପିଆଇଏନ୍ ପ୍ରାଇଭେଟ ଲିମିଟେଡ ସହିତ ତାହାର ଦୀର୍ଘକାଳୀନ ଲାଇସେନ୍ସିଂ ସହଭାଗୀତାକୁ ୨୦୪୧ ପର୍ଯ୍ୟନ୍ତ ବୃଦ୍ଧି କରିବା ସମ୍ପର୍କରେ ଘୋଷଣା କରିଛି। ଏହି ରଣକୌଶଳାତ୍ମକ ନବୀକରଣ ନବସୃଜନ, ବିଶ୍ୱାସ ଏବଂ ଭାରତୀୟ ଗ୍ରାହକଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ବିଶ୍ୱ ଶ୍ରେଣୀର ଅଟୋମୋଟିଭ ସମାଧାନଗୁଡିକ ଯୋଗାଇଦେବାକୁ ସହଭାଗୀ ଲକ୍ଷ୍ୟ ଉପରେ ନିର୍ମିତ ୨୭ବର୍ଷର ସହଯୋଗୀତାକୁ ଜାରି ରଖିବା ବିଷୟ ଆଧାରିତ ହୋଇଛି। ଏହି ନବୀକୃତ ରାଜିନାମା ଭାରତର ଦ୍ରୁତ ପରିବର୍ତ୍ତନଶୀଳ ଅଟୋମୋଟିଭ ପରିବ୍ୟବସ୍ଥା ପ୍ରତି ବ୍ଲାପଙ୍କ୍‌ଟର ପ୍ରତିବଦ୍ଧତାକୁ ପୁନଃଦୃଢ଼ୀକରଣ କରୁଛି ଏବଂ ଏକ ପ୍ରମୁଖ ଅଭିବୃଦ୍ଧି ସହଭାଗୀ ଭାବରେ ବିପିଆଇଏନ୍‌ର ଭୂମିକା ସମ୍ପର୍କରେ ଉଲ୍ଲେଖ କରୁଛି। ଉଭୟ କାର ଅଡିଓ ଏବଂ କାର ଆସେସୋରିଜକୁ ପରିସରଭୁକ୍ତ କରୁଥିବା ଏହି ସହଭାଗୀତା ଉତ୍ପାଦର ଉପଲବ୍ଧତାରେ ବୃଦ୍ଧି ଘଟାଇବା ଏବଂ ଉଚ୍ଚ ପ୍ରଦର୍ଶନକାରୀ ଇନଫୋଟେନମେଣ୍ଟ ବ୍ୟବସ୍ଥାଗୁଡିକର ବର୍ଦ୍ଧିତ ଚାହିଦା ପୂରଣ କରିବା ନିମନ୍ତେ ଓଇଏମ୍‌ସମୂହ ଏବଂ ପରବର୍ତ୍ତୀବଜାର ସହିତ ଗଭୀର ସହଯୋଗୀତାକୁ ଆଗେଇନେବାର ଲକ୍ଷ୍ୟ ରଖୁଛି। "ଭାରତ ବ୍ଲାପଙ୍କ୍‌ଟ ନିମନ୍ତେ ଅନ୍ୟତମ ସର୍ବାଧିକ ଆକର୍ଷଣୀୟ ଏବଂ ପ୍ରତିଶ୍ରୁତିପୂର୍ଣ୍ଣ ବଜାର ଭାବରେ ନିରନ୍ତର ରହିଆସିଛି," ବୋଲି ଶ୍ରୀ ପଙ୍କଜ ଜଗୱାନି, ମ୍ୟାନେଜିଂ ଡାଇରେକ୍ଟର, ବିପିଆଇଏନ୍ ପ୍ରାଇଭେଟ ଲିମିଟେଡ କହିଥିଲେ। "ଏହି ସମ୍ପ୍ରସାରଣ ବୈଶ୍ୱିକ ନବସୃଜନକୁ ଭାରତୀୟ ସଡକକୁ ଆଣିବା ନିମନ୍ତେ ଆମର ସହଭାଗୀ ଦୂରଦୃଷ୍ଟିକୁ ପୁନଃମଜଭୁତ କରୁଛି। ବ୍ଲାପଙ୍କ୍‌ଟକୁ ଓଇଏମ୍‌ସମୂହ ଏବଂ ପ୍ରଦର୍ଶନ, ଭରସାଯୋଗ୍ୟତା ତଥା ପ୍ରିମିୟମ ଗୁଣମାନ ଆବଶ୍ୟକ କରୁଥିବା କାର ମାଲିକମାନଙ୍କର ଶୀର୍ଷ ପସନ୍ଦ ଭାବରେ ଗଢିତୋଳିବା ହେଉଛି ଆମର ଲକ୍ଷ୍ୟ।"

# ଟାଟାମୋଟର୍ସ ଦି ପ୍ରିମା ୩୫୪୦.କେ ଶୁଭାରମ୍ଭ

**ବେଙ୍ଗଲୁରୁ,୯।୧୨ (ମହାଭାରତ):** ଟାଟାମୋଟର୍ସ, ଭାରତର ସର୍ବବୃହତ୍ ବାଣିଜ୍ୟିକ ଯାନ ଉତ୍ପାଦନକାରୀ, ଆଧୁନିକତମ ସମାଧାନର ଏକ ବିବିଧ ପୋର୍ଟଫୋଲିଓର ଅନାବରଣ କରିଛି ଏକ୍ସକନ ୨୦୨୫ ଠାରେ, ଯାହାକି ଦକ୍ଷିଣ ଆଫ୍ରିକାର ପ୍ରିମିୟମର ନିର୍ମାଣକାରୀ ଯନ୍ତ୍ରାଂଶର ଏକ ପ୍ରଦଶନୀ, ଯାହାକି ଦେଶର ଦୃତ ପ୍ରସାରଣକାରୀ ଭିତ୍ତିଭୂମି ତଥା ନିର୍ମାଣକାରୀ କ୍ଷେତ୍ରକୁ ସମର୍ଥନ କରିପାରିବ। "ଉତ୍ପାଦନ ସାମର୍ଥ୍ୟକାରୀ ଅନୁଧାବନ" ଭଳି ଏହାର ପ୍ରସଙ୍ଗକୁ ପ୍ରତିଫଳିତକରି, କମ୍ପାନୀ ଉପସ୍ଥାପନ କରିଛି କଠିନ-ବ୍ୟବହାରକାରୀ ଭବିଷ୍ୟତ-ପ୍ରସ୍ତୁତକାରୀ ଯାନ ଯାହାକି କାର୍ଯ୍ୟକ୍ଷମ ଦକ୍ଷତା ଏବଂ ଭାରବହନକାରୀ ଲାଭ ପ୍ରଦାନକାରୀତାକୁ ଯଥେଷ୍ଟ ବୃଦ୍ଧି ପାଇଁ ଏହାର ଡ଼ିଜାଇନ ହୋଇଛି ଦି ପ୍ରାଇମା ୩୫୪୦.କେଅଟୋସିଫ୍ଟ, ଏହିଶୁଭାରମ୍ଭର ଅଗ୍ରଦୂତ ଅଟେ। ଟାଟାମୋଟର୍ସର ସବୁଠାରୁ ଶକ୍ତିଶାଳୀ ଟିପ୍ପର ଅଟେ।

# ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପ୍ରଶିକ୍ଷଣ

**ଭୁବନେଶ୍ୱର,୯।୧୨ (ମହାଭାରତ):** ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ଏବଂ ଆଇଟି-ଆଇଟିଇଏସ୍ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ହାର୍ଡୱେୟାର ଟ୍ରେଡ୍ ର ଅଧ୍ୟାପକମାନଙ୍କ ପାଇଁ ପାଞ୍ଚ ଦିନିଆ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସିଟିଟିସିଏବଂ ବିଶ୍ୱ ଦକ୍ଷତା କେନ୍ଦ୍ର ଠାରେ ଆୟୋଜିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏହି ପ୍ରଶିକ୍ଷଣର ଆୟୋଜନ କରିଛି । ଛାତ୍ରଛାତ୍ରୀମାନଙ୍କ ବ୍ୟବହାରିକ ଦକ୍ଷତା ବୃଦ୍ଧି କରିବା ନିମନ୍ତେ ଡିସେମ୍ବର ୧ ରୁ ୫ ତାରିଖ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ ଚାଲିବ। ସିଟିଟିସିରେ ଉଦଘାଟନୀ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀମତୀ ନିୟତୀ ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ବିନିତା ସେନାପତି, ଉପନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ, ସିଟିଟିସି ଜେନେରାଲ୍ ମ୍ୟାନେଜର୍ ଏଲ୍. ରାଜଶେଖର, ସିନିୟର ମ୍ୟାନେଜର୍ (ଟ୍ରେନିଂ) କେ.ଏମ୍ ରାଜନ୍ ପ୍ରମୁଖ ଉପସ୍ଥିତ ଥିବା ବେଳେ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଡକ୍ଟର ଉମାକାନ୍ତ ସେଠୀ, ଓଆଇସି, ସାମସ୍ , ଡିଏଚଏସଇ, ବିଶ୍ୱ ଦକ୍ଷତା କେନ୍ଦ୍ରର ପ୍ରିନ୍ସିପାଲ୍ ଶ୍ରୀ ଟି. ଥମ୍ବୀ ରାଜା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ସିଟିଟିସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀମତୀ ନିୟତୀ ପଟ୍ଟନାୟକ, ଧନ୍ଦାମୂଳକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ପ୍ରଯୁକ୍ତିବିଦ୍ୟା ଯୁଗରେ ଆଇଟି-ଆଇଟିଇଏସ୍ ଏବଂ ଇ ଆଣ୍ଡ ଏଚ୍ ଟ୍ରେଡ୍ ର ବିପୁଳ ସୁଯୋଗ ଥିବା ପ୍ରକାଶ କରିଥିଲେ । ସେ କହିଛନ୍ତି ଯେ ଏହିପରି ବ୍ୟବହାରିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରିବ। ଶ୍ରୀମତୀ ବିନିତା ସେନାପତି, ବର୍ତ୍ତମାନ ଓଡ଼ିଶାରେ ଧନ୍ଦାମୂଳକ ଶିକ୍ଷାର ଅଗ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ । ଏହିଭଳି ପ୍ରଶିକ୍ଷଣ ଛାତ୍ରଛାତ୍ରୀମାନଙ୍କୁ ବୈଷୟିକ ଜ୍ଞାନ ଏବଂ ନିଯୁକ୍ତିଯୋଗ୍ୟ ଦକ୍ଷତା ଉଭୟ ହାସଲ କରିବାରେ ସହାୟତା କରିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ଗାଲାକ୍ସି ଜେଡ଼ ଟ୍ରାଇଫୋଲ୍ଡ ହେଉଛି ନବୀନତାର ଏକ ରୂପ

**ଭୁବନେଶ୍ୱର,୯।୧୨ (ମହାଭାରତ):** ସାମସଙ୍ଗ ଇଲେକ୍‌ଟ୍ରୋନିକ୍ସ ଆଜି ଗାଲାକ୍ସି ଜେଡ୍ ଟ୍ରାଇଫୋଲ୍ଡ ଶୁଭାରମ୍ଭର ଘୋଷଣାକରିଛି, ପୁନର୍ବାର ସାମସଙ୍ଗର ମୋବାଇଲ ଏଆଇ ଯୁଗ ନେତୃତ୍ୱ ପାଇଁ ଏକ ନୂତନ ଗଠନ ବ୍ୟବସ୍ଥାର ଏହା ସମ୍ପ୍ରସାରିତ ରୂପ। ଫୋଲଡ଼େବୁଲ ବିଭାଗର ନବୀନତାର ଦଶନ୍ଧି ଧରି ପ୍ରସ୍ତୁତକୁ ନେଇ ଏହି ଗାଲାକ୍ସି ଜେଡ୍ ଟ୍ରାଇଫୋଲ୍ଡ ପ୍ରଦର୍ଶିତ କରୁଛି ଯାନ୍ତ୍ରିକୀ ଦକ୍ଷତା ସହିତ ସାକାରାତ୍ମକ ଆଧୁନିକତମ ଫୋଲଡ଼େବୁଲ ଜ୍ଞାନକୌଶଳ ଯାହାକି ବିବିଧ-ଫୋଲଡ଼ିଙ୍ଗ ଡ଼ିଜାଇନ ପାଇଁ ବିରଳ ଚାହିଦାକୁ ନେଇପାରିଛି। ରହିଥିବା ଏହାର ପତଳା ଗଠନ ପ୍ରିମିୟମ ଫୋନର ପୋଟେବିଲିଟିକୁ ସୁନିଶ୍ଚିତ କରିବା ସହିତ ଏହା ନିଶ୍ଚିତ ଭାବରେ ଅଲଟ୍ରା ଦକ୍ଷତା ଏବଂ ଦ୍ୱିତୀୟ ଥର ପାଇଁ ଅନଫୋଲଡ଼େଡ଼ ଠାରୁ ଆଗକୁ ଯାଇ ଏହା ଏକ ନିମଜ୍ଜିତକାରୀ ୧୦" ଡ଼ିସପ୍ଲେ ଉନ୍ମୋଚନ କରିଛି ଯାହାକି ଉତ୍ପାଦନ କ୍ଷମତା ଏବଂ ସିମେମାଟିକ୍ ଦୃଶ୍ୟମାନତାକୁ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଏହି ଶ୍ରେଣୀରେ ରହିଥିବା ମୋବାଇଲ ଅଭିଜ୍ଞତାକୁ ଅଧିକ ଭାବରେ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ପୂର୍ବରୁ ଦେଖାଯାଇ ନଥିବା ଏକ ଆକର୍ଷଣୀୟ ବିଶେଷତ୍ୱକୁଏହା ପ୍ରଦର୍ଶିତ କରିପାରିଛି।

# ଫେରିଗଲା ନିଶା ମୁକ୍ତ ଭାରତ ଅଭିଯାନ ଟଙ୍କା

**ଭୁବନେଶ୍ୱର,୯।୧୨ (ମହାଭାରତ):** ନିଶା ମୁକ୍ତ ଭାରତ ଅଭିଯାନରେ କେନ୍ଦ୍ର ସରକାର ଦେଇଥିବା ଅର୍ଥ ରାଜ୍ୟରେ ଖର୍ଚ୍ଚହୋଇ ପାରୁନାହିଁ। କେନ୍ଦ୍ର ସରକାର ଏହି ଯୋଜନାରେ ୭ଟି ଜିଲ୍ଲାକୁ ୭୦ଲକ୍ଷ ଟଙ୍କା ପ୍ରଦାନ କରିଥିବା ବେଳେ ଏଥିରୁ ୫୧ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ନହୋଇ କେନ୍ଦ୍ରକୁ ଫେରିଯାଇଛି।

କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚଳିତ ନିଶାମୁକ୍ତ ଭାରତ ଅଭିଯାନ ୨୦୨୦ ମସିହା ଅଗଷ୍ଟ ୧୫ ତାରିଖରୁ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୦ଟି ଜିଲ୍ଲା ପାଇଁ କେନ୍ଦ୍ର ସରକାର ଅର୍ଥ ବରାଦ କରିଥିଲେ। ପ୍ରତ୍ୟେକ ଜିଲ୍ଲାପାଇଁ ୧୦ଲକ୍ଷ ଟଙ୍କା ଥିଲା। ତେବେ ଏଥିମଧ୍ୟରୁ ୭ଟି ଜିଲ୍ଲା ଯଥା ଅନୁଗୁଳ, ବୌଦ୍ଧ, ଗଜପତି, କନ୍ଧମାଳ, ମାଲକାନଗିରି, ରାୟଗଡା ଓ ପୁରୀ ଜିଲ୍ଲାକୁ କେନ୍ଦ୍ର ସରକାର ସିଧାସଳଖ ଭାବେ ୧୦ଲକ୍ଷ ଟଙ୍କା କରି ଅନୁଦାନ ପ୍ରଦାନ କରିଥିଲେ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

ହେଲେ କନ୍ଧମାଳ ବ୍ୟତିତ ଅନ୍ୟ କୌଣସି ଜିଲ୍ଲା ସମସ୍ତ ଅର୍ଥ ଖର୍ଚ୍ଚ କରିପାରିଲେ ନାହିଁ। କନ୍ଧମାଳ ପାଇଥିବା ସମସ୍ତ ୧୦ଲକ୍ଷ ଟଙ୍କାକୁ ଖର୍ଚ୍ଚ କରି ଦେଇଥିବା ବେଳେ ପୁରୀ ଜିଲ୍ଲା ମାତ୍ର ୧୧,୯୦୦ ଟଙ୍କା ଖର୍ଚ୍ଚ କରିବାରେ ସକ୍ଷମ ହୋଇଥିଲା। ସେହିଭଳି ଅନୁଗୁଳ ଜିଲ୍ଲା ପାଇଥିବା ଅର୍ଥରୁ ଟଙ୍କାଟିଏ ଖର୍ଚ୍ଚ କରିପାରିନଥିବା ବେଳେ ବୌଦ୍ଧ ଜିଲ୍ଲା ପାଖାପାଖି ଲକ୍ଷେ ଟଙ୍କା ଖର୍ଚ୍ଚ କରିଥିଲା। ଗଜପତି ଜିଲ୍ଲା ୫ଲକ୍ଷ ଟଙ୍କା ଖର୍ଚ୍ଚ କରିବାରେ ସମର୍ଥ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲା ୧ଲକ୍ଷ ୭୩ ହଜାର ଟଙ୍କା ଓ ରାୟଗଡା ଜିଲ୍ଲା ୧ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିଥିଲା।

ଟଙ୍କା ପାଇଥିବା ୭ଟି ଜିଲ୍ଲାର ଅପାରଗତାରୁ ମିଳିଥିବା ୭୦ଲକ୍ଷ ଟଙ୍କା ମଧ୍ୟରୁ କେନ୍ଦ୍ରକୁ ୫୧,୭୩,୫୫୧ ଟଙ୍କା ଫେରିଯାଇଥିଲା। ତେବେ ପ୍ରଥମେ ଚୟନ ହୋଇଥିବା ୧୦ଟି ଜିଲ୍ଲା ମଧ୍ୟରୁ ପରବର୍ତ୍ତୀ ସମୟରେ ତିନିଟି ଜିଲ୍ଲା କଟକ, ଦେବଗଡ ଓ ସମ୍ବଲପୁର ଜିଲ୍ଲା ଅର୍ଥ ପାଇପାରିନଥିଲେ। ତେବେ ନିଶା ମୁକ୍ତ ଭାରତ ଅଭିଯାନର ବ୍ୟାପକ ପ୍ରଚାର ଓ ପ୍ରସାର ନିମନ୍ତେ ୨୦୨୩ ଅଗଷ୍ଟ ୧୫ ତାରିଖରୁ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରାଯାଇଥିଲା। ଏଥିରେ ରାଜ୍ୟର ଅବଶିଷ୍ଟ ୨୦ଟି ଜିଲ୍ଲାକୁ ସାମିଲ କରାଯାଇଛି।

# ସନ୍ତୁଷ୍ଟିକରଣ ରାଜନୀତି

ଭାରତରେ ଜଣେ ଅଭିଯୁକ୍ତ କୋର୍ଟରେ ଦୋଷୀ ସାବ୍ୟସ୍ତ ନହେବା ପର୍ଯ୍ୟନ୍ତ ତାଙ୍କୁ ନିର୍ଦ୍ଦୋଷ ବୋଲି ବିଚାର କରାଯାଇଥାଏ। ତେଣୁ ଅନେକ ସମୟରେ ବେନିଫିଟ ଅଫ ଡାଉଟରେ ଅନେକ ଦଣ୍ଡରୁ ତ୍ରାହି ପାଇଯାଆନ୍ତି। ସେହିପରି ଅନେକ ସମୟରେ ପ୍ରଚଳିତ ଆଇନର ଦୁରୂପଯୋଗ ମଧ୍ୟ ହେଉଥିବାରୁ ଅଭିଯୋଗ ଆସୁଛି। ଏହା ଏକ ମାରତ୍ମକ ଘଟଣା। ଆଉ ଅନେକ ମାମଲାର ଫିସଲା ଏତେ ବିଳମ୍ୱ ହେଉଛି ଯେ, ଏହାର କିଛି ମୂଲ୍ୟ ରହୁନି। କିଛି ବର୍ଷ ତଳେ ସୁପ୍ରିମକୋର୍ଟ ଅନସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରୋଧ ଆଇନର ଦୁରୂପଯୋଗ ରୋକିବାକୁ ଏକ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ଆଇନକୁ କେତେକ ଅସ୍ତ୍ର କରୁଛନ୍ତି ଏବଂ ମିଥ୍ୟା ଅଭିଯୋଗ କରୁଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରୋଧ ଆଇନରେ ଥିବା ବ୍ୟବସ୍ଥା ଅନୁଯାୟୀ ଅଭିଯୋଗ ଆସିବା ମାତ୍ରେ ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି ଏବଂ ଜାମିନ ଖାରଜ ହେଉଛି। ଅନେକ ସମୟରେ ବିନା ଦୋଷରେ ଅଭିଯୁକ୍ତଙ୍କୁ ଜେଲ ଯିବାକୁ ପଡୁଛି। ସମାଜ ଉପରେ ଏହାର ବ୍ୟାପକ ପ୍ରଭାବ ପଡୁଛି। ଅନେକ କ୍ଷେତ୍ରରେ ସାମାଜିକ ନ୍ୟାୟ ନାମରେ ଅନ୍ୟାୟ ହେଉଛି। ଜେଲ ଯିବା ଭୟରେ ଜଣେ ସରକାରୀ ଅଧିକାରୀ ନିଜ ଅଧିନସ୍ଥ ଅନ୍ୟ ଜଣେ କର୍ମଚାରୀ ଯଦି ସେ ଏସଟି/ଏସସି ସମ୍ପ୍ରଦାୟର ହୋଇଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଭୟ କରୁଛନ୍ତି। ତେଣୁ ସୁପ୍ରିମକୋର୍ଟ କହିଥିଲେ ଯେ, ଅଭିଯୋଗ ଆସିବା ପରେ ତତ୍କାଳଅଭିଯୁକ୍ତଙ୍କୁ ଗିରଫ ନକରି ଜଣେ ଡିଏସପି ପାହ୍ୟାର ଅଧିକାରୀ ଏହାର ତଦନ୍ତ କରି ପ୍ରାଥମିକ ପ୍ରମାଣ ସଂଗ୍ରହ କରନ୍ତୁ। ପ୍ରାଥମିକ ପ୍ରମାଣ ମିଳିବା ପରେ ଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଉ। ଏଥିପାଇଁ ଅତି ବେଶୀରେ ୧୫ ଦିନ ସମୟ ଦିଆଯାଉ। ଏହା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଉ। ସୁପ୍ରିମକୋର୍ଟ କାହା ପ୍ରତି କୋହଳ ଆଭିମୁଖ୍ୟ ଗ୍ରହଣ କରିବାକୁ କହିନଥିଲେ। କେବଳ ପ୍ରମାଣ ସଂଗ୍ରହ କରିବାକୁ କହିଥିଲେ। ଅଭିଯୋଗର ୧୫ ଦିନ ପରେ ଅଭିଯୁକ୍ତ ଗିରଫ ହେଲେ ଅଭିଯୋଗକାରୀ ଅନ୍ୟାୟର ଶିକାର ହେବେ ସେକଥା ନୁହେଁ। କିନ୍ତୁ ଆଇନର ଦୁରୂପଯୋଗ ନହେଉ, କେହି ବିନା ଦୋଷରେ ଦଣ୍ଡିତ ନହେଉ ସୁପ୍ରିମକୋର୍ଟ କେବଳ ଏହା ଚାହୁଁଥିଲେ। କିନ୍ତୁ ସୁପ୍ରିମକୋର୍ଟଙ୍କ ଏହି ରାୟ ବିରୋଧରେ ଦେଶବ୍ୟାପୀ ପ୍ରବଳ ଜନଆନ୍ଦୋଳନ ହେଲା। ଅନେକ ସ୍ଥାନରେ ହିଂସା ଯୋଗୁ ଧନଜୀବନ ହାନି ହେଲା। ଅନେକ ସରକାରୀ ସମ୍ପତ୍ତି ନଷ୍ଟ ହେଲା। ଦେଶରେ ଏକ ପ୍ରକାର ଅରାଜକତା ସୃଷ୍ଟି ହେଲା। ସୁପ୍ରିମକୋର୍ଟଙ୍କ ରାୟ ବିରୋଧରେ ଏହି ଆନ୍ଦୋଳନ ସରକାରଙ୍କୁ ଏହା ଉପରେ ପୁନର୍ବିଚାର କରିବାକୁ ବାଧ୍ୟ କରିଥିଲା। କିଛି ବିରୋଧୀ ରାଜନୈତିକ ଦଳ ଏହାକୁ ସରକାରଙ୍କ ବିରୋଧରେ ଅସ୍ତ୍ର କଲେ। ଭୋଟ ବ୍ୟାଙ୍କ ରାଜନୀତି ବା ସନ୍ତୁଷ୍ଟିକରଣ ରାଜନୀତି ଯୋଗୁ ଏଭଳି ହେଲା। ଶେଷରେ ସରକାର ଚାପରେ ପଡ଼ି ମୁଣ୍ଡ ନୁଆଁଇଲେ ଏବଂ ଆଇନରେ ସଂଶୋଧନ କଲେ। ସୁପ୍ରିମକୋର୍ଟଙ୍କ ରାୟ ଅକାମୀ ହୋଇଗଲା। ଏବେ ଯୌତୁକ ନିରୋଧ ଆଇନର ଦୁରୂପଯୋଗ ନେଇ ମାନ୍ୟବର ସୁପ୍ରିମକୋର୍ଟ ଯେଉଁ ପରାମର୍ଶ ଦେଇଛନ୍ତି ତାହା ମୂଲ୍ୟହୀନ ହୋଇନଯିବ ବୋଲି କୁହାଯାଇପାରିବ ନାହିଁ। ଭାରତୀୟ ଦଣ୍ଡବିଧି ଆଇନର ଧାରା ୪୯୮ଏର ଦୁରୂପଯୋଗ ନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିବା ସହ ଏହାର ନିରାକରଣ ନିମନ୍ତେ ପରାମର୍ଶ ଦେଇଛନ୍ତି। ଏହି ଆଇନ ଅନୁଯାୟୀ କିଛି ମହିଳା ନିଜ ସ୍ୱାମୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ବିରୋଧରେ ମିଥ୍ୟା ଯୌତୁକ ଅଭିଯୋଗ ଆଣି ମାନସିକ ନିର୍ଯାତନା ଦେଉଥିବା ଏବଂ ବ୍ଲାକ ମେଲ କରୁଥିବା ଅଭିଯୋଗ ହେଉଛି। ନିକଟରେ ବୋଙ୍ଗାଲୁରୁର ଜଣେ ଯୁବ ଇଞ୍ଜିନିୟର ପତ୍ନୀଙ୍କ ନିର୍ଯାତନା ସହି ନପାରି ଆତ୍ମହତ୍ୟା କରିବା ଘଟଣା ପରେ ସୁପ୍ରିମକୋର୍ଟ ଏହି ପ୍ରସଙ୍ଗ ଉଠାଇଛନ୍ତି।

# ବିକଶିତ ଓଡ଼ିଶା ଓ ମେଟ୍ରୋ ରେଳ ପ୍ରକଳ୍ପ

“ ଭାରତରେ ଏବେ ଚାରି ମହାନଗରୀ ଦିଲ୍ଲୀ, କଲିକତା, ମୁମ୍ବାଇ ଓ ଚେନ୍ନାଇ ସମେତ ବେଙ୍ଗାଲୁରୁ, ହାଇଦ୍ରାବାଦ, ଅହମ୍ମଦାବାଦ, ଜୟପୁର, ଗୁରୁଗ୍ରାମ, ନୋଏଡ଼ା, କୋଚି, ଲକ୍ଷ୍ନୌ, ନାଗପୁର, କାନପୁର ଓ ପୁଣେରେ ମେଟ୍ରୋ ଟ୍ରେନ ଚଳାଚଳ କରୁଛି। ୧୯୮୪ରେ କଲିକତାରେ ପ୍ରଥମ କରି ଆରମ୍ଭ କରିଥିବା ମେଟ୍ରୋ ଟ୍ରେନ ବା ପାତାଳ ରେଳ ଏବେ ବିଗତ ୪୦ ବର୍ଷ ମଧ୍ୟରେ ନୂଆ ନୂଆ ସହରକୁ ଛୁଇଁଛି। ଏହି ନିକଟରେ ଦିଲ୍ଲୀରୁ ମିରଟକୁ ଏହାର ଆଞ୍ଚଳିକ ସଂଯୋଗ ବ୍ୟବସ୍ଥା ପ୍ରତିଷ୍ଠା ହୋଇଛି। ମେଟ୍ରୋ ଟେକନୋଲୋଜିର ବିକାଶ ଫଳରେ ଆଉ ଭୂମିତଳ ସୁଡ଼ଙ୍ଗରେ ମେଟ୍ରୋ ଟ୍ରେନ ଲାଇନ ଅଧିକ ନିର୍ମିତ ହେଉନାହିଁ।

**॥ ଅଲେଖ ଚନ୍ଦ୍ର ସାମଲ ॥**

ଆମ ଓଡ଼ିଆ ପିଲାଙ୍କୁ ଆଉ ମେଟ୍ରୋ ରେଳ ଦେଖାଇବା ପାଇଁ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ। ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ କୋଟି କୋଟି ଓଡ଼ିଆଙ୍କ ବର୍ଷ ବର୍ଷର ସ୍ୱପ୍ନକୁ ସାକାର କରିବା ପାଇଁ ଯାଉଛନ୍ତି। ଓଡ଼ିଶାରେ ପ୍ରଥମ ମେଟ୍ରୋ ରେଳ ଚଳାଚଳର ସ୍ୱପ୍ନ ସାକାର ହେବାର ମୂଳଦୁଆ ପଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ର ପ୍ରଥମ ଦିନରେ ବାରଙ୍ଗର ରତାଗଡ଼ ନିକଟରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଗତବର୍ଷ ଏପ୍ରିଲ ପହିଲା ଓଡ଼ିଶା ଦିବସ ଅବସରରେ ମେଟ୍ରୋ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଆଠମାସ ସମୟ ମଧ୍ୟରେ ପ୍ରକଳ୍ପର ସମସ୍ତ ଆବଶ୍ୟକ ପ୍ରସ୍ତୁତି କାର୍ଯ୍ୟ ଶେଷ ହେବା ସହିତ ଏଥିନିମନ୍ତେ ବ୍ୟୟବରାଦ ଅଟକଳ କରାଯାଇଥିଲା।

ପ୍ରାଥମିକ ପର୍ଯ୍ୟାୟରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ଠାରୁ କଟକ ନିକଟସ୍ଥ ତ୍ରିଶୁଳିଆ ଛକ ପର୍ଯ୍ୟନ୍ତ ଏହି ମହତ୍ତ୍ୱାକାଂକ୍ଷୀ ମେଟ୍ରୋ ପ୍ରକଳ୍ପ ନିର୍ମିତ ହେବ। ମୋଟ ୨୬ କିମି ଦୈର୍ଘ୍ୟ ବିଶିଷ୍ଟ ଏହି ମେଟ୍ରୋପଥ ଚାରିବର୍ଷ ମଧ୍ୟରେ ନିର୍ମିତ ହେବ। ପ୍ରଥମ ପର୍ଯ୍ୟାୟ କାମ ପାଇଁ ମୋଟ ୫୯୨୯ କୋଟି ୩୮ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି। ନିର୍ମାଣ କାର୍ଯ୍ୟକୁ ନିର୍ଦ୍ଧାରିତ ଚାରି ବର୍ଷ ମଧ୍ୟରେ ଶେଷ କରିବାକୁ ଏହାକୁ ୫ଟି ଉପକ୍ରମର ଅନ୍ତର୍ଭୁକ୍ତ କରାଯାଇଛି। ସମୟକ୍ରମେ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ମେଟ୍ରୋ ରେଳପଥ କଟକ, ପୁରୀ ଓ ଖୋର୍ଦ୍ଧାକୁ ସମ୍ପ୍ରସାରିତ ହେବାର ଯୋଜନା ରହିଛି। ସମଗ୍ର ମେଟ୍ରୋପଥଟି ସଡ଼କର ମଧ୍ୟବର୍ତ୍ତୀ ସ୍ଥାନରେ ନିର୍ମିତ ଖମ୍ବ ଓ ଭାୟାଡକ୍ଟ ଉପରେ ଯିବ। ଏଥିରେ ଭୁବନେଶ୍ୱରର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଯଥା କ୍ୟାପିଟାଲ ହସ୍ପିଟାଲ, ରାଜମହଲ, ବାଣୀବିହାର, ଜୟଦେବ ବିହାର ଓ ପଟିଆ ଛକ ସମେତ ୨୦ଟି ଷ୍ଟେସନ ରହିବ। ଏହା ଏକ ଅଭିଳାଷୀ ପ୍ରକଳ୍ପ ହୋଇଥିବାରୁ ଅତ୍ୟାଧୁନିକ କୋଚ, ସିଗନାଲ ଓ ଟିକଟ ବ୍ୟବସ୍ଥା ଆଦି କରାଯିବ। ତ୍ରିଶୁଳିଆକୁ ଏହି ମେଟ୍ରୋ ଟ୍ରେନର ପ୍ରବେଶ ପଥ ବା ମୁଖ୍ୟ ଟର୍ମିନାଲ ଭାବେ ବ୍ୟବହାର କରିବାର ଉଦ୍ଦେଶ୍ୟ ହେଲା ବାଙ୍ଗୀ ଓ ଆଠଗଠ ଆଡ଼କୁ ବଢୁଥିବା ଦ୍ୱୈତ ମହାନଗରୀର ଲୋକଙ୍କ ଗମନା ଗମନ ଆବଶ୍ୟକତା ପୂରଣ କରିବା। ତ୍ରିଶୁଳିଆଠାରେ ମଧ୍ୟ ଏକ ମେଟ୍ରୋ ଡିପୋ ଓ ମରାମତି ୟୁନିଟ ରହିବ।

ଏହି ପ୍ରକଳ୍ପର ଅନ୍ୟ ବିଶେଷତ୍ୱ ହେଲା ଏଥିଲାଗି ଆବଶ୍ୟକ ସମସ୍ତ ଅର୍ଥ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ରୂପେ ନିଜେ ବହନ କରିବେ। ଏଥିପାଇଁ ମୋଟ ବ୍ୟୟ ଅଟକଳ ୬୨୫୫.୯୪ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। କେନ୍ଦ୍ର ସରକାର ଏହି ପ୍ରକଳ୍ପ ପ୍ରସ୍ତାବ ପ୍ରତି ବିଶେଷ ଆଗ୍ରହ ପ୍ରଦର୍ଶନ ନ କରିବାରୁ ଓଡ଼ିଶା ସରକାର ନିଜସ୍ୱ ଖର୍ଚ୍ଚରେ ଏଭଳି ଏକ ସାହସିକ ପଦକ୍ଷେପ ନେଇଛନ୍ତି। ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ନିମନ୍ତେ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ଓ ଦିଲ୍ଲୀ ମେଟ୍ରୋ ରେଳ ନିଗମ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଦିଲ୍ଲୀ ମେଟ୍ରୋ ନିଗମ ଏହାର ନିର୍ମାଣ ପାଇଁ ଆବଶ୍ୟକ ବୈଷୟିକ ପରାମର୍ଶ ଯୋଗାଇବ। ମେଟ୍ରୋ ରେଳପ୍ରକଳ୍ପ ଆଉ ବିଳାସ ହୋଇ ରହିନାହିଁ। କ୍ରମବର୍ଦ୍ଧିଷ୍ଣୁ ମହାନଗର ସମୂହର ଗଣପରିବହନ ଆବଶ୍ୟକତାକୁ ପୂରଣ କରିବାକୁ ଏହା ଅପରିହାର୍ଯ୍ୟ ହୋଇପଡ଼ିଛି। କଟକ-ଭୁବନେଶ୍ୱର, ଖୋରଦା, ଚୌଦ୍ୱାର ନଗରାଞ୍ଚଳ ଯେଉଁ ଦ୍ରୁତଗତିରେ ବଢୁଛି, ସେଥିରେ ସହରାଞ୍ଚଳ ଗଣପରିବହନ ବ୍ୟବସ୍ଥାକୁ ଏବେଠାରୁ ସୁସଂହତ ଓ ସୁଦୃଢ଼ ନକଲେ ଆଉ ୨୫/୩୦ ବର୍ଷ ପରେ ପରିସ୍ଥିତି ଜଟିଳ ହେବ। ତେଣୁ ଏହି ରେଳ ପ୍ରକଳ୍ପ ଏକ ଭବିଷ୍ୟବାଦୀ ପରିକଳ୍ପନା।

ଭାରତରେ ଏବେ ଚାରି ମହାନଗରୀ ଦିଲ୍ଲୀ, କଲିକତା, ମୁମ୍ବାଇ ଓ ଚେନ୍ନାଇ ସମେତ ବେଙ୍ଗାଲୁରୁ, ହାଇଦ୍ରାବାଦ, ଅହମ୍ମଦାବାଦ, ଜୟପୁର, ଗୁରୁଗ୍ରାମ, ନୋଏଡ଼ା, କୋଚି, ଲକ୍ଷ୍ନୌ, ନାଗପୁର, କାନପୁର ଓ ପୁଣେରେ ମେଟ୍ରୋ ଟ୍ରେନ ଚଳାଚଳ କରୁଛି। ୧୯୮୪ରେ କଲିକତାରେ ପ୍ରଥମ କରି ଆରମ୍ଭ କରିଥିବା ମେଟ୍ରୋ ଟ୍ରେନ ବା ପାତାଳ ରେଳ ଏବେ ବିଗତ ୪୦ ବର୍ଷ ମଧ୍ୟରେ ନୂଆ ନୂଆ ସହରକୁ ଛୁଇଁଛି। ଏହି ନିକଟରେ ଦିଲ୍ଲୀରୁ ମିରଟକୁ ଏହାର ଆଞ୍ଚଳିକ ସଂଯୋଗ ବ୍ୟବସ୍ଥା ପ୍ରତିଷ୍ଠା ହୋଇଛି। ମେଟ୍ରୋ ଟେକନୋଲୋଜିର ବିକାଶ ଫଳରେ ଆଉ ଭୂମିତଳ ସୁଡ଼ଙ୍ଗରେ ମେଟ୍ରୋ ଟ୍ରେନ ଲାଇନ ଅଧିକ ନିର୍ମିତ ହେଉନାହିଁ। ସଡ଼କ ଉପରେ ଉଚ୍ଚ ଭାୟାଡକ୍ଟବାହୀ ସେତୁ ଉପରେ ଏହି ପଥ ନିର୍ମିତ ହେଉଛି। ଷ୍ଟେସନଗୁଡ଼ିକ ମଧ୍ୟ ଭୂ-ଉଚ୍ଚ ଢ଼ାଞ୍ଚା ଉପରେ ତିଆରି ହେଉଛି। ଏହି ରେଳପଥର ଏକ କାଳୀନ ନିର୍ମାଣ ଖର୍ଚ୍ଚ ଅଧିକ ହେଲେ ମଧ୍ୟ ଏହା ଦୀର୍ଘସ୍ଥାୟୀ, ପରିବେଶ ଅନୁକୂଳ ଏବଂ ଗଣପରିବହନ ପାଇଁ ସୁବିଧାଜନକ। ଏହା ସଡ଼କ ପଥର ଭିଡ଼ ହ୍ରାସ କରିବା ସହିତ ଦୁଇ ମହାନଗରୀ ମଧ୍ୟରେ ଯାତ୍ରୀମାନଙ୍କ ଯାତାୟତ ସମୟକୁ ଯଥେଷ୍ଟ ସଞ୍ଚୟ କରିପାରିବ। ନୂଆ ଓ ପରିବର୍ତ୍ତିତ ସମୟ ନୂତନ ଆବଶ୍ୟକତା ଲୋଡ଼େ। ସେଥିପାଇଁ ଭିତ୍ତିଭୂମି ନିର୍ମାଣ ସମୟର ଆହ୍ୱାନ। ଯେଉଁ ସରକାର ସମୟର ଆହ୍ୱାନକୁ ବୁଝିପାରେ ତାକୁ ହିଁ ଦୂରଦ୍ରଷ୍ଟା ଓ ରାଷ୍ଟ୍ରଦ୍ରଷ୍ଟା ଭାବେ ଅଭିହିତ କରାଯାଏ। ଓଡ଼ିଶା ଏବେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ କର୍ମଠ ରାଜ୍ୟ। ଏଠାରେ ନିୟମିତ ଭାବେ କିଛି ଭଲ କାମ ହେଉଛି ଓ ନୂଆ ନୂଆ କଥା ଘଟୁଛି। ତେଣୁ ଓଡ଼ିଶା ସରକାରଙ୍କ ଉପଲବ୍ଧି ତାଲିକାରେ ମେଟ୍ରୋ ରେଳ ପ୍ରକଳ୍ପ ଆଉ ଏକ ଉତ୍ତମ ଉପକ୍ରମ। ନବୀନ ଓଡ଼ିଶାର ଏହା ଆଉ ଏକ ଯୁଗାନ୍ତକାରୀ ପଦକ୍ଷେପ ନିଶ୍ଚିତ। ପୁରୁଣା ରାଜଧାନୀ ତଥା ରାଜ୍ୟର ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକ ଏବଂ ନୂଆ ରାଜଧାନୀ ଭୁବନେଶ୍ୱର ମଧ୍ୟରେ ଏହି ମେଟ୍ରୋ ଲାଇନ ଏକ ନୂଆ ଜୀବନରେଖା ପାଲଟିବ। ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ ଉତ୍ସବରେ ଯଥାର୍ଥରେ କହିଛନ୍ତି ଯେ ୨୦୨୪ ଜାନୁଆରୀ ପହିଲା ଓଡ଼ିଶାର ବିକାଶ ସଂହିତାରେ ସ୍ଥାନ ପାଇବ।

ଏହି ପ୍ରକଳ୍ପରେ ଓଡ଼ିଶା ସରକାର ସର୍ବାଧିକ ଅର୍ଥ ୬୦୦୦ କୋଟିରୁ ଅଧିକ ବିନିଯୋଗ କରିବାକୁ ଯାଉଛନ୍ତି। ଏହା ରାଜ୍ୟ ସରକାରଙ୍କର ଏକ ଫ୍ଲାଗସିପ କାର୍ଯ୍ୟକ୍ରମ। ସେ ଦୃଷ୍ଟିରୁ ପ୍ରକଳ୍ପ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହେବାର ସମ୍ଭାବନା ଅଧିକ। ଏହାଛଡ଼ା କଟକ, ପୁରୀ ଓ ଖୋର୍ଦ୍ଧାକୁ ମେଟ୍ରୋ ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ରାଜନୈତିକ ଇଚ୍ଛାଶକ୍ତି ଦ୍ୱାରା ପ୍ରେରିତ ହୋଇ ଓଡ଼ିଶା ସରକାର ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି, ତାହା ପ୍ରଶଂସନୀୟ ସମୟୋପଯୋଗୀ ଓ ସ୍ୱାଗତଯୋଗ୍ୟ। ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ କଥା କମ କାମ ବେଶୀରେ ବିଶ୍ୱାସ କରନ୍ତି ଏବଂ ସବୁଠାରୁ ବଡ଼କଥା ୫ଟି ଅଧକ୍ଷ ତଥା ନବୀନ ଓଡ଼ିଶାର ଅଧକ୍ଷ ଭାବେ ଭି.କେ.ପାଣ୍ଡିଆନ ଦାୟିତ୍ୱ ନେବା ପରେ ରାଜ୍ୟର ବିକାଶ ପାଇଁ ଯେଉଁ ଭିଜନ ସେ ରଖିଛନ୍ତି ଓ କାର୍ଯ୍ୟକାରୀ କରୁଛନ୍ତି ତାଙ୍କ ପାଖରେ କୋଟି କୋଟି ଓଡ଼ିଆ ନିଶ୍ଚିତ ଭାବେ ଋଣୀ ରହିବେ। ମେଟ୍ରୋ ପ୍ରକଳ୍ପ ବ୍ୟାପକ କର୍ମ ସଂସ୍ଥାନ ଯୋଗାଇବା ସହ ପର୍ଯ୍ୟଟକଙ୍କୁ ଓଡ଼ିଶା ମୁହାଁ କରିବା ଯାହାଦ୍ୱାରା ରାଜସ୍ୱ ବଢ଼ିବ ଏବଂ ଭାରତର ମେଟ୍ରୋ ଇତିହାସରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର ଭାବେ ଲିପିବଦ୍ଧ ହୋଇରହିବ।

ପୂର୍ବତନ ଡିଏଫଓ , ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର
ଦୂରଭାଷ : ୯୪୩୭୨୫୬୭୧୨

# ସଡ଼କ ସୁରକ୍ଷା ଓ ଦୁର୍ଘଟଣା

**॥ ଅଭୟ କୁମାର ଦାସ ॥**

ଦୈନନ୍ଦିନ ସଡ଼କଜନିତ ଭୟାନକ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏ କ୍ଷେତ୍ରରେ ସଚେତନତାକୁ ଗୁରୁତ୍ୱ ଦେବା ପାଇଁ ବିଦ୍ୟାଳୟ ପାଠ୍ୟକ୍ରମ ବିଷୟରେ ସଡ଼କ ସୁରକ୍ଷାକୁ ଅନ୍ତର୍ଭୁକ୍ତ କରାଯାଇଛି। ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଇତିହାସ, ରାଜନୀତି ବିଜ୍ଞାନ ସହ ଭୂଗୋଳରେ ମଧ୍ୟ ଏହା ସ୍ଥାନିତ ହୋଇଛି। ସୂଚାଇ ଦିଆଯାଇପାରେ ସଡ଼କ ସୁରକ୍ଷା କମିଟି ପକ୍ଷରୁ ବିଧିବଦ୍ଧ ଭାବେ ଚିନ୍ତା ପ୍ରକଟ କରାଯାଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଯେଉଁ ପ୍ରସ୍ତାବ ଦିଆଯାଇଥିଲା ତାହା ଚଳିତ ୨୦୧୬-୧୭ ଶିକ୍ଷା ବର୍ଷରୁ ସ୍ଥାନିତ ହୋଇଛି। ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ସମ୍ବନ୍ଧରେ କୋମଳମତି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଦେବା ସହ ନିୟମାବଳୀ ସମ୍ପର୍କିତ ସବିଶେଷ ତଥ୍ୟ ପାଠ୍ୟ ପୁସ୍ତକରେ ସ୍ଥାନିତ ହୋଇଛି। ବର୍ତ୍ତମାନର ଶିକ୍ଷା ଖସଡ଼ାରେ ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ପରିବେଶ ବିଜ୍ଞାନ ପାଠ୍ୟକ୍ରମରେ ସଡ଼କ ସୁରକ୍ଷା ସମ୍ପର୍କରେ ଶିକ୍ଷା ଦିଆଯାଉଥିବା ବେଳେ ତୃତୀୟ ଶ୍ରେଣୀରେ ଜଣା ଅଜଣା ପାଠ୍ୟ ପୁସ୍ତକରେ ସଡ଼କ ନିରାପତ୍ତା ସମ୍ବନ୍ଧୀୟ ତଥ୍ୟ ସୂଚିତ ହୋଇଛି। ଆମେ ଓ ଆମ ପରିବେଶ ପୁସ୍ତକ ଯାହାକି ଚତୁର୍ଥ ଶ୍ରେଣୀର ଶିକ୍ଷା ଖସଡ଼ାରେ ରହିଛି ସେଥିରେ ସାଧାରଣ ଦୁର୍ଘଟଣା ଓ ପଞ୍ଚମ ଶ୍ରେଣୀର ପରିବେଶ ବିଜ୍ଞାନ ପୁସ୍ତକରେ ସାମାଜିକ ଶୃଙ୍ଖଳା ବିଷୟରେ ରାସ୍ତା ଦୁର୍ଘଟଣାର କାରଣ, ଏଥିରୁ ରକ୍ଷା ପାଇବାର ଉପାୟ, ସାମାଜିକ ଦାୟିତ୍ୱ ଆଦି ବିଷୟରେ ପିଲାମାନଙ୍କୁ ଶିକ୍ଷା ଦିଆଯାଉଛି। ପୋଥିଗତ ବିଦ୍ୟା ଭାବରେ ପିଲାଙ୍କ ବହିରେ ଏସବୁ ସ୍ଥାନିତ ହେବା ବ୍ୟତୀତ ନିୟମିତ ଭାବେ ବିଭିନ୍ନ ସଚେତନଧର୍ମୀ ସ୍ଲୋଗାନ, ପ୍ରବନ୍ଧ, ତର୍କ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହାପାଇଁ ବିଭାଗୀୟ କ୍ଷେତ୍ରରେ ପିଲାମାନଙ୍କ ଶ୍ରେଣୀ ରୁଟିନ୍‌ରେ ଦୁଇଟି ପିରୟଡ଼ ରହିଛି। କେବଳ ସେତିକି ନୁହେଁ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ କ୍ଲାସ ଆରମ୍ଭ ପୂର୍ବରୁ ପ୍ରାର୍ଥନା ଶ୍ରେଣୀରେ ଯେଉଁ ନୈତିକତା, ଜ୍ଞାନବିଜ୍ଞାନ ସୂଚନା ବ୍ୟବସ୍ଥା ରହିଛି ସେଥିରେ ସଡ଼କ ସୁରକ୍ଷା ମଧ୍ୟ ଯୋଡ଼ା ଯାଇଛି। ଚଳିତ ବର୍ଷ ଶିକ୍ଷା ବର୍ଷରୁ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରସ୍ତୁତ ଇତିହାସ ଓ ଭୂଗୋଳ ପୃଷ୍ଠା ପାଇଁ କଭର ପୃଷ୍ଠା ପଛପଟେ ସଡ଼କ ସୁରକ୍ଷା ସଂକ୍ରାନ୍ତ କରଣୀୟ ଓ ଅକରଣୀୟ ତଥ୍ୟ ସୂଚିତ କରାଯାଇଛି। ସଡ଼କ ସୁରକ୍ଷା ଭିତ୍ତିରେ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଉଥିବା ଏପରି ପିଲାମାନେ ବିଦ୍ୟାଳୟ ବସରେ ଚଢ଼ିବା ବେଳେ ଗୋଟିଏ ଧାଡ଼ିରେ ଛିଡ଼ା ହୋଇ ଶୃଙ୍ଖଳା ରଖିବା, ପାଦଚଲା ରାସ୍ତାରେ ଯାଉଥିବାବେଳେ ଫୁଟପାଥ ବ୍ୟବହାର, ରାତିରେ ସାଇକେଲରେ ପ୍ରତିଫଳକ ପଟି ଲଗାଇବା, ଚାଲି ଚାଲି ରାସ୍ତା ପାର ହେଉଥିଲେ ଜେବ୍ରା କ୍ରସିଂ ଓ ଫୁଟ୍‌ଓଭର ବ୍ରିଜ୍ ବ୍ୟବହାର ପରି ବିଭିନ୍ନ ତଥ୍ୟ ସୂଚିତ ହୋଇଛି।

ସୂଚନା ପ୍ରଯୁକ୍ତିର ବୈପ୍ଳବିକ ପ୍ରଗତି, ଡିଜିଟାଲ ଇଣ୍ଡିଆର ଭେଳିକି, ସଚେତନତା ପାଇଁ କୋଟି କୋଟି ଟଙ୍କାର ଟଙ୍କା ଶ୍ରାଦ୍ଧ ହୋଇ ବି ଉଦ୍‌ବେଗଜନକ ଭାବରେ ସଡ଼କ ଦୁର୍ଘଟଣାରେ ଅନେକଙ୍କ ଜୀବନ ଦୀପ ନିର୍ବାପିତ ହୋଇଯାଉଛି। ନିକଟରେ ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ତଥ୍ୟ ଅନୁଯାୟୀ ଭାରତରେ ଗୋଟିଏ ଘଣ୍ଟା ଭିତରେ ସେଥିରେ ପାଖାପାଖି ୧୬ଜଣଙ୍କ ପ୍ରାଣହାନୀ ହୋଇଛି। ଏହି ପରିସଂଖ୍ୟାନକୁ ହିସାବ କଲେ ଭାରତରେ ପ୍ରତିଦିନ ୩୮୪ଜଣଙ୍କ ଜୀବନ ହାନୀ ହେଉଛି। କେବଳ ଗତବର୍ଷ ସମଗ୍ର ଭାରତରେ ୪ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ସଡ଼କ ଦୁର୍ଘଟଣାରେ, ୧ଲକ୍ଷ ୪୦ ହଜାରରୁ ଅଧିକ ଲୋକଙ୍କ ପ୍ରାଣହାନୀ ହେବା ସହ ୫ଲକ୍ଷ ପାଖାପାଖି ଲୋକେ ଗୁରୁତର ଭାବେ ଆହତ ହେଉଛନ୍ତି। କେତେକ ବିକଳାଙ୍ଗ ହୋଇ ସାରା ଜୀବନ ବିତାଉଥିବାର ଛାତିଥରା ଘଟଣାଟି ହେଉଛି ଏହା। ସମଗ୍ର ପୃଥିବୀରେ ଅନ୍ୟ ରାଷ୍ଟ୍ର ତୁଳନାତ୍ମକ ପରିସଂଖ୍ୟାନରେ ଭାରତର ରାସ୍ତା ସବୁଠାରୁ ଅଧିକ ଦୁର୍ଘଟଣା ପ୍ରବଣ। ଗତ ୨୦୧୩ରେ ଦେଶରେ ଘଟିଥିବା ଦୁର୍ଘଟଣା ସଂଖ୍ୟା ଥିଲା ପ୍ରାୟ ୫ ଲକ୍ଷ ଏବଂ ଏଥିରେ ୧ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା ।

ସଡ଼କ ଦୁର୍ଘଟଣାର ଭୟାବହତାର ତଥ୍ୟ ଯାହା ଅନେକ ହତଭାଗ୍ୟଙ୍କ ବୃତ୍ତିଗତ କ୍ଷେତ୍ର ଠାରୁ ପାରିବାରିକ କ୍ଷେତ୍ର କ୍ଷତିଗ୍ରସ୍ତ ହୋଇଥାଏ। ସଡ଼କ ଦୁର୍ଘଟଣାକୁ କେତେକାଂଶରେ ରୋକିବା ପାଇଁ ସରକାରୀ ଓ ବେସରକାରୀ କ୍ଷେତ୍ରରେ ବହୁତ କିଛି କାର୍ଯ୍ୟ ହେଉଥିବାର ଢ଼ୋଲ ପିଟାଯାଉଛି। କିନ୍ତୁ କିଛି ଫଳ ମିଳୁ ଥିବାର ତ ଦେଖାଯାଉନାହିଁ ? ତେବେ ଆଉ ଗୋଟିଏ ଉଦ୍‌ବେଗ ଜନକ ପ୍ରସଙ୍ଗ ହେଉଛି ଯେ ଘଟଣାସ୍ଥଳରେ ମୁମୂର୍ଷୁ ହୋଇଥିବା ଲୋକଟିଙ୍କୁ ତତ୍କାଳ ଚିକିତ୍ସାଳୟକୁ ନେଇ ପାରିଲେ ହୁଏତ କିଛି ଲୋକଙ୍କ ଜୀବନ ଅନ୍ତତଃ ବଞ୍ଚିଯାଇପାରନ୍ତା। ଏଥିପାଇଁ ଆବଶ୍ୟକ ଦୁର୍ଘଟଣାର ଆହତଙ୍କୁ ଠିକଣା ସମୟରେ ଚିକିତ୍ସା ଏବଂ ସର୍ବନିମ୍ନ ସଡ଼କ ସୁରକ୍ଷା ନିୟମର ପାଳନ । ଆଇନ କମିସନଙ୍କ ଏକ ରିପୋର୍ଟ ଅନୁଯାୟୀ ସଡ଼କ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ମଧ୍ୟରୁ ପ୍ରାୟ ଅଧା ଲୋକଙ୍କ ଜୀବନ ରକ୍ଷା ହୋଇପାରନ୍ତା, ଯଦି ସେମାନଙ୍କୁ ଠିକଣା ସମୟରେ ଚିକିତ୍ସା ସୁବିଧା ମିଳି ପାରନ୍ତା । କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଅନେକ କ୍ଷେତ୍ରରେ ଦୁର୍ଘଟଣାରେ ଶିକାର ବ୍ୟକ୍ତିଙ୍କୁ ଠିକଣା ସମୟରେ ଚିକିତ୍ସା ସୁବିଧା ମିଳି ପାରୁନାହିଁ । ଏଥିପାଇଁ ଜରୁରୀ ଆମ୍ବୁଲାନ୍ସ ସେବାର ଅଭାବ ମୁଖ୍ୟତଃ ଦାୟୀ ହୋଇଥିଲେ ସୁଦ୍ଧା ଆଇନଗତ ସମସ୍ୟା ମଧ୍ୟ ଏ କ୍ଷେତ୍ରରେ ଏକ ବାଧକ । ରାଜ୍ୟ ସରକାରଙ୍କ ୧୦୮ ଆମ୍ବୁଲାନ୍ସ ବି ଏହି ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ସେତେଟା ସେବା ଯୋଗାଇ ପାରୁନଥିବାର ଅଭିଯୋଗ ବିଭିନ୍ନ ସମୟରେ ହୋଇଥାଏ। ଆମ ଆଇନ ବ୍ୟବସ୍ଥା ଏମିତି ଯେ, ଏହା ଦୁର୍ଘଟଣାରେ ଶିକାର ଆହତଙ୍କୁ ସହାୟତା କରିବା ଲାଗି ଉତ୍ସାହିତ କରିବା ପରିବର୍ତ୍ତେ ନିରୁତ୍ସାହିତ କରୁଛି । ପୁଲିସ୍ ଏବଂ ଅଦାଲତରେ ହଇରାଣ ହରକତ ହେବା ଭୟରେ ଅନେକ ବ୍ୟକ୍ତି ଦୁର୍ଘଟଣାରେ ଆହତଙ୍କୁ ସହାୟତା କରିବାରୁ କ୍ଷାନ୍ତ ହୁଅନ୍ତି । ସହାୟତାକାରୀଙ୍କୁ ସୁରକ୍ଷା ପ୍ରଦାନ ଲାଗି ଆଗତ ଏକ ଜନସ୍ୱାର୍ଥ ମାମଲା ୨୦୧୧ରୁ ସୁପ୍ରିମକୋର୍ଟର ବିଚାରାଧୀନ ରହିଛି । ଏ ବିଷୟରେ କୋର୍ଟ ଏକ କମିଟି ଗଠନ କରିଥିଲେ ସୁଦ୍ଧା କିଛି ଚୂଡ଼ାନ୍ତ ହୋଇ ନାହିଁ । ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇ ସହାୟତାକାରୀଙ୍କୁ ସୁରକ୍ଷା ପ୍ରଦାନ ଲାଗି ଆଇନ ଓ ନିୟମର ଆବଶ୍ୟକ ସଂଶୋଧନ ହେବା ଏକାନ୍ତ ଆବଶ୍ୟକ । ସଡ଼କ ଦୁର୍ଘଟଣାର ବିଭିନ୍ନ କାରଣ ଭିତରେ ନିଶାଦ୍ରବ୍ୟ ସେବନ ପ୍ରଥମ। ମାନ୍ୟବର କୋର୍ଟ ପ୍ରଥମେ ଜାତୀୟ ରାଜପଥ କଡ଼ରୁ ମଦ ଦୋକାନ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ବି ମାନ୍ୟବର ନ୍ୟାୟାଳୟର ରାୟ ସରକାରଙ୍କ ନାଲିଫିତା ତଳେ ବନ୍ଧା ହୋଇ ଯାହା ଧୂଳି ହିଁ ଖାଉଛି। ସେହିପରି ଆମ ସଡ଼କର ଗୁଣାତ୍ମକ ମାନ ଭଲ ରହୁନଥିବାରୁ ରାସ୍ତା ଦବି ଯିବା ଦ୍ୱାରା ବା ଫାଟ ସୃଷ୍ଟି ହେବା ଦ୍ୱାରା ବିଭିନ୍ନ ସମୟରେ ଦେଖାଯାଇଥାଏ। ସେହିପରି ମାତ୍ରାଧିକ ବେଗରେ ଗାଡ଼ି ଚାଳନା, ଯୁବକମାନଙ୍କ ଭିତରେ ଡେୟାର ଡ୍ରାଇଭିଂ, ବିନା ହେଲମେଟ ବ୍ୟବହାର, ବଡ଼ଯାନର ସିଟ ବେଲଟ୍ ବ୍ୟବହାର ନ ହେଉଥିବାର, ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ ନହୋଇଥିବାରୁ ଏହା ବି ଏକ ପ୍ରକାର କାରଣ। ତେବେ ଏ ନେଇ ସରକାରଙ୍କ ଉପରେ ସବୁଯାକ ଦୋଷ ଲଦିଲେ ଏପରି ଏକ ଉଦ୍‌ବେଗଜନକ ପ୍ରସଙ୍ଗର ଅନ୍ତଃ ଘଟିପାରିବ ନାହିଁ। ସର୍ବୋପରି ଆମ ସମସ୍ତଙ୍କର ସଚେତନତା ସୃଷ୍ଟି ପାଇଁ ସହଯୋଗର ହାତ ବଢ଼ାଇବା ବି ନିହାତି ଜରୁରୀ।

ଗୋତରା, ମାହାଙ୍ଗା, କଟକ, ମୋ: ୯୪୩୭୧୪୨୭୧୭

# ନନ ସ୍ଲିପ ଡିପ ରେଷ୍ଟ ଓ ଆନନ୍ଦମୟ ମାନସିକତା

**॥ ଡାକ୍ତର ସମ୍ରାଟ କର ॥**

ଡିଟିପି କାର୍ଯ୍ୟରେ ଢ଼େର ସହଯୋଗ କରୁଥିବା ବନ୍ଧୁ ଶ୍ରୀକାନ୍ତ ସେ ଦିନ ବଡ଼ ବ୍ୟସ୍ତ ହୋଇପଡ଼ି ମୋତେ ଫୋନ କଲେ। ସକାଳୁ ସେ ତାଙ୍କର କିଛି ସମୟ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ବ୍ୟୟ କରନ୍ତି ପରେ ଓଡ଼ିଶା ସରକାରଙ୍କ ପଦସ୍ଥ କାର୍ଯ୍ୟାଳୟରେ ସେ ନିଜ ସମୟ ଦିଅନ୍ତି। ଯଦିଓ ଘରୁ ଓ ତାଙ୍କ କାର୍ଯ୍ୟାଳୟ କ୍ଷେତ୍ର ଯିବା ଆସିବା ପାଖାପାଖି ପଚିଶ କିଲୋମିଟର ଭିତରେ ସେ ମୋତେ ସେ ଦିନ ପ୍ରଶ୍ନ କଲେ ସାର ଅଫିସରେ କିଛି ସମୟ କଲାପରେ କେଜାଣି କାହିଁକି ଟିକିଏ ଥକ୍କା ଲାଗୁଛି ଓ ନିଦ ଅନୁଭୂତ ହେଉଛି। ମୁଁ ତାଙ୍କ ଖାଦ୍ୟପେୟ ଓ ବିଶ୍ରାମର ସମସ୍ତ ଦିନଚର୍ଯ୍ୟା ବୁଝିବା ପରେ ତାଙ୍କୁ ସବିଶେଷ କହିଲି ବାସ୍ତବ କଥା ହେଉଛି ବେଳେ ବେଳେ ଏତେ ନିଦ ଅନୁଭବ କରିପାରନ୍ତି ଯେ ଆପଣଙ୍କ ଆଖି ସଂପୂର୍ଣ୍ଣ ବନ୍ଦ ହୋଇଯାଉଥିବ। ଏପରି ଅନୁଭବ କରୁଥିବା ବ୍ୟକ୍ତି ଆପଣ ଏକା ନୁହଁନ୍ତି। ପ୍ରକୃତ କଥା ହେଉଛି ନିଦ୍ରାହୀନତାର ସିଧା ପ୍ରଭାବ ଆମର କାର୍ଯ୍ୟ ଉପରେ ପଡ଼ିଥାଏ। ଅନେକ ସମୟ ପର୍ଯ୍ୟନ୍ତ ଗୋଟିଏ ଜାଗାରେ ବସି ରହିବା ଦ୍ୱାରା ମଧ୍ୟ ନିଜ ଆସିବା ସ୍ୱାଭାବିକ। ତାହେଲେ ରିଫ୍ରେଶ ହେବା ପାଇଁ କଣ କରିବା ଉଚିତ। ଆଜିକାଲି ଅଫିସ କାର୍ଯ୍ୟ ମଧ୍ୟରେ ନିଜକୁ ସତେଜ କରିବାକୁ ଏନଏସଡିଆର ଶବ୍ଦ ଗୁଗଲରେ ବହୁତ ସର୍ଚ୍ଚ କରାଯାଉଛି। ଏହି ଏନଏସଡିଆର କ'ଣ ଜାଣନ୍ତୁ ? ଏନଏସଡିଆରକୁ ନନ ସ୍ଲିପ ଡିପ ରେଷ୍ଟ କୁହାଯାଉଛି। ନନ ସ୍ଲିପ ଡିପ ରେଷ୍ଟ ଆପଣଙ୍କ ବିଚାର ପ୍ରବାହ ଏବଂ ବ୍ରେନ ୱେଭ ଫ୍ରିକ୍ୱେନ୍ସିକୁ ଧିକା କରିବାରେ ସାହାଯ୍ୟ କରେ। ଏହା ମସ୍ତିଷ୍କ ଏବଂ ଶରୀରକୁ ଆରାମ ପ୍ରଦାନ କରିଥାଏ। ଏନଏସଡିଆର ଆଙ୍ଗଜାଇଟି କମ କରିବା ଏବଂ ଶିଖିବାରେ ମଧ୍ୟ ସାହାଯ୍ୟ କରେ। ଗୁଗଲ ସିଇଓ ସୁନ୍ଦର ପିଚାଇ ଥରେ ୱାଲ ଷ୍ଟ୍ରିଟ ଜର୍ଣ୍ଣାଲକୁ ଦେଇଥିବା ସାକ୍ଷାତକାରରେ କହିଥିଲେ, ସେ ନିଜକୁ ରିଫ୍ରେଶ ରଖିବା ପାଇଁ ନନ୍ ସ୍ଲିପ ଡିପ ରେଷ୍ଟ ବା ଏନଏସଡିଆର ଆଧାରିତ ପଡ଼କାଷ୍ଟ ଶୁଣିଥାନ୍ତି। ସେ ୟୁଟ୍ୟୁବରେ ଏନଏସଡିଆର ଭିଡ଼ିଓ ଖୋଜନ୍ତି। ଯାହାର ପ୍ରୟୋଗ ସେ ନିଜକୁ ସତେଜ ରଖିବା ପାଇଁ କରନ୍ତି। ଏନଏସଡିଆର ସ୍ନାୟୁବିଜ୍ଞାନୀ ତଥା ଅନୁସନ୍ଧାନକାରୀ ଆଣ୍ଡ୍ରିୟୁ ହ୍ୟୁବରମ୍ୟାନଙ୍କ ଦ୍ୱାରା ବିକଶିତ କରାଯାଇଥିଲା। ବାସ୍ତବରେ ଏହା ବହୁ ବର୍ଷ ପୁରୁଣା ଅଭ୍ୟାସ ଯୋଗ ନିଦ୍ରାର ଦ୍ୱିତୀୟ ନାମ। ଯାହାକୁ ଯୋଗ ନିଦ ମଧ୍ୟ କୁହାଯାଇଥାଏ। ଏନଏସଡିଆର ଏକ ପ୍ରକାର ଧ୍ୟାନର ଅଭ୍ୟାସ। ଏହି ସ୍ଥିତିରେ ସ୍ୱପ୍ନ ମଧ୍ୟ ଆସିଥାଏ। କିନ୍ତୁ ଆମେ ଶୋଇନଥାଉ। ଏହା ବ୍ୟକ୍ତିକୁ ଆରାମ ସ୍ଥିତିକୁ ନେଇଯାଇଥାଏ। ଏହା ବାସ୍ତବରେ ଏକ ରୋଗ ନୁହେଁ। ଏହା ଅସଲରେ ହେଉଛି ଆମ କାର୍ଯ୍ୟ ବସ୍ତତା ଭିତରେ ବିରାମ ବା ବିରତିର ଯଥାର୍ଥ ଅଭାବ। ତେଣୁ ଆପଣ ନିଜ କାର୍ଯ୍ୟ ନିର୍ଘଣ୍ଟକୁ ଦେଖି ଖାଇବା ଓ ବିଶ୍ରାମ ପାଇଁ ସମୟ ରଖନ୍ତୁ। ଯୋଗାସନ, ପ୍ରାଣାୟମ, ପ୍ରାତଃ ଭ୍ରମଣ, ସାଇକେଲ ଚାଳନା, ସନ୍ତରଣ ଏସବୁ ଖୁବ ଭଲ ଅଭ୍ୟାସ। ସମସ୍ତ ପ୍ରକାର ନିଶାଦ୍ରବ୍ୟ ଓ ମାଦକ ସେବନ ଠାରୁ ଦୂରେଇ ରୁହନ୍ତୁ। ବଜାରର ତଥାକଥିତ ଫାଷ୍ଟଫୁଡ ଖାଇବା ଠାରୁ ସୁଷମ ଖାଦ୍ୟ ଖୁବ ଭଲ। ନିଜକୁ କାମ ଭିତରେ ସବୁବେଳେ ବୁଡ଼ାଇ ରଖନ୍ତୁ ନାହିଁ। ଅନ୍ତତଃ ନିଜ ପାଇଁ, ନିଜ ପରିବାର ପାଇଁ ସମୟ କାଢ଼ନ୍ତୁ। ସବୁବେଳେ ନିଜକୁ ପ୍ରଫୁଲ୍ଲିତ ଓ ଆନନ୍ଦମୟ ଚେତନା ଭିତରେ ରଖିବା ପାଇଁ ପ୍ରଚେଷ୍ଟା ରଖନ୍ତୁ। ପ୍ରତ୍ୟେକ ଲୋକର ଅସଲ ଶକ୍ତି ହେଉଛି ତା ପରିବାର। କାରଣ ତା ପରିବାର ହେଉଛି ସାମର୍ଥ୍ୟର ଶ୍ରେଷ୍ଠ ଉପଯୋଗୀ ଉପାଦାନର କ୍ଷେତ୍ର। ତେଣୁ ଏ କ୍ଷେତ୍ରରେ ଅନ୍ୟମାନଙ୍କର ବି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ନିଜକୁ ଆନନ୍ଦମୟ ମାନସିକତା ଭିତରେ ରଖିପାରିଲେ ଆପଣ ଏହି ଜଟିଳ ସ୍ୱାସ୍ଥ୍ୟ ସମସ୍ୟାରୁ ନିଜକୁ ଦୂରେଇ ପାରିବେ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼,
କଟକ, ଦୂରଭାଷ : ୯୧୩୨୪୩୩୩୩୩

## ପାରାଦୀପ ପୌର ପରିଷଦ ସହଯୋଗରେ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନବ ପ୍ରାଧିକରଣ ର କର୍ମଶାଳା ଅନୁଷ୍ଠିତ

ପାରାଦୀପ, (ମହାଭାରତ) : ପାରାଦୀପ ପୌର ପରିଷଦ ସହଯୋଗରେ ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫ.ଏସ୍.ଏସ୍.ଏ. ଆଇ) ର ଏକ କର୍ମଶାଳା ମଙ୍ଗଳବାର ପୂର୍ବାହ୍ନ ୧୦.୩୦ ମିନିଟ ସମୟରେ ଜୟଦେବ ସଦନ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳାରେ ପାରାଦ୍ୱୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଉପାଧ୍ୟକ୍ଷା, ସମସ୍ତ ପାରିଷଦ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ମେଡିକାଲ ଅଫିସର ଡ. ଅଲ୍ଲି ଓ ଏଫ.ଏସ୍.ଏସ୍.ଏ.ଆଇ ର ଅଧିକାରୀ ସୌରଭ ରୋହିଲା ଓ ପ୍ରଶିକ୍ଷକ କୁଲ୍ ?ଭୁଷଣ ଭାଗି ତଥା ହିତାଧିକାରୀ ଭାବେ ରାସ୍ତାକଡରେ ଖାଦ୍ୟ ସାମଗ୍ରୀ ବିକ୍ରୟ କରୁଥିବା ସମସ୍ତ ରାସ୍ତାକଡ ବିକ୍ରେତା ଦୋକାନୀ ମାନେ ଅଂଶଗ୍ରହଣ କରିଥିଲେ । ଏହି ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳାରେ ଏଫ.ଏସ୍.ଏସ୍.ଏ.ଆଇ ଓ ପାରାଦ୍ୱୀପ ପୌର ପରିଷଦର ମିଳିତ ସହଯୋଗରେ ଆୟୋଜନ କରାଯାଇ ଥିଲା । ସୁରକ୍ଷିତ ଖାଦ୍ୟ ବ୍ୟବସାୟ ଏବଂ ସ୍ଥାୟୀ ଜୀବିକା ପାଇଁ ଜରୁରୀ ପ୍ରମୁଖ ସରକାରୀ ଯୋଜନା, ଆଇନ୍ ଗତ ଅନୁପାଳନ ଏବଂ ସ୍ୱଚ୍ଛତା ଅଭ୍ୟାସ ବିଷୟରେ ସ୍ଥାନୀୟ ରାସ୍ତା ବିକ୍ରେତା ମାନଙ୍କୁ ସୁଚନା ଦେବା ଏବଂ ସଶକ୍ତ କରିବା ଉଦେଶ୍ୟରେ ଜୟଦେବ ସଦନ ଠାରେ ଏକ ରାସ୍ତା ବିକ୍ରେତା ମାନଙ୍କ ସଚେତନତା କର୍ମଶାଳା ଅୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମ ସମୟରେ, ଅଂଶ ଗ୍ରହଣକାରୀ ମାନଙ୍କୁ ପ୍ରଧାନ ମନ୍ତ୍ରୀ ସ୍ୱନିଧ ଯୋଜନା ସମ୍ବନ୍ଧରେ ସଚେତନ କରାଯାଇ ଥିଲା, ଯାହା ରାସ୍ତା ବିକ୍ରେତା ମାନଙ୍କୁ ବିନା ବନ୍ଧକରେ କାର୍ଯ୍ୟକାରୀ ପୁଞ୍ଜି ଋଣ ପ୍ରଦାନ କରେ ଏବଂ ଡିଜିଟାଲ କାରବାର ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକୁ ସମର୍ଥନ କରେ । ଏହି କର୍ମଶାଳାରେ ଏଫ.ଏସ୍.ଏସ୍.ଏ.ଆଇ ପଞ୍ଜୀକରଣ ଆବଶ୍ୟକତା ଉପରେ ଏକ ଅଭିମୁଖୀକରଣ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା ଯେଉଁଥିରେ ଖାଦ୍ୟ ବିକ୍ରେତାଙ୍କ ପାଇଁ ଖାଦ୍ୟ ସୁରକ୍ଷା, ପରିଷ୍କାର ପରିଚ୍ଛନ୍ନତା ଏବଂ ନିରାପଦ ପରିଚାଳନା ଅଭ୍ୟାସ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଅଂଶ ଗ୍ରହଣ କରିମାନଙ୍କୁ ଏଫ.ଏସ୍.ଏସ୍.ଏ.ଆଇ ପଞ୍ଜୀକୃତ ବିକ୍ରେତା ହେବାର ଲାଭ ବିଷୟରେ ଅବଗତ କରାଯାଇଥିଲା । ଏହା ସହିତ ବାଣିଜ୍ୟ ଲାଇସେନ୍ସ ପାଇବା ଏବଂ ସଠିକ ପରିମଳ ମାନଦଣ୍ଡ ବଜାୟ ରଖୁବା ଯେପରିକି ବର୍ଜ୍ୟବସ୍ତୁ ନିଷ୍କାସନ, ବ୍ୟକ୍ତିଗତ ପରିଚ୍ଛନତା, ସଫାଇ ଉପକରଣ ଏବଂ ଖାଦ୍ୟ ସାମଗ୍ରୀର ସୁରକ୍ଷିତ ସଂରକ୍ଷଣ ଉପରେ ମାଗଦର୍ଶନ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରାସ୍ତା ବିକ୍ରେତା ମାନଙ୍କର ବ୍ୟବସାୟୀକ ଉନ୍ନତି ଆଣିବା, ଜନସ୍ୱାସ୍ଥ୍ୟ ସୁରକ୍ଷା ସୁରକ୍ଷିତ କରାଇବା ଏବଂ ସରକାରୀ ଢାଞ୍ଚା ଆଧାରରେ ଆନୁଷ୍ଠାନିକୀକରଣକୁ ସକ୍ଷମ କରିବା ପାଇଁ ସମର୍ଥନ କରିବା । ଉକ୍ତ କର୍ମଶାଳାକୁ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ସୁଭାରମ୍ଭ କରିଥିବା ବେଳେ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ବିଜୁ ମେମୋରିଆଲ ଚିକିତ୍ସାଳୟର ମେଡିକାଲ ଅଫିସର ଡ. ଅଲ୍ଲି ଏବଂ ଏଫ.ଏସ୍.ଏସ୍.ଏ.ଆଇ ଅଫିସର ସୌରଭ ରୋହିଲା ପ୍ରମୁଖ ଉପସ୍ଥିତ ଥିଲେ ।

## ଆକ୍ରୋଶମୂଳକ ଖବର ପରିବେଷଣକୁ ନେଇ ଛାତ୍ରଛାତ୍ରୀଙ୍କ ତୀବ୍ର ନିନ୍ଦା

ଗଣିଆ, (ମହାଭାରତ): ଗଣିଆସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀଉ ଯୁକ୍ତ ୨ ଉଚ୍ଚବିଦ୍ୟାଳୟକୁ ଛାତ୍ରଛାତ୍ରୀ ଓ ବିଦ୍ୟାଳୟ କର୍ମଚାରୀମାନଙ୍କ ସହମତି ତଥା ଉପରିସ୍ଥ ଅଧିକାରୀଙ୍କ ସୂଚନା ପ୍ରଦାନ ପରେ ଗତ ସୋମବାର କର୍ତ୍ତୁପକ୍ଷ ଉଚ୍ଚ ବିଦ୍ୟାଳୟକୁ ଛୁଟି ଘୋଷଣା କରିଥିଲେ । ଏହାକୁ ନେଇ କିଛି ନିର୍ଦ୍ଧିଷ୍ଟ ଗଣମାଧ୍ୟମ ପ୍ରତିନିଧି ଆକ୍ରୋଶମୂଳକ ଭାବେ ଖବର ପରିବେଷଣ କରିଥିଲେ । ମଙ୍ଗଳବାର ଏହାକୁ ନେଇ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସମେତ କଲେଜ କର୍ମଚାରୀମାନେ ତୀବ୍ର ନିନ୍ଦା କରିଛନ୍ତି । ଉଚ୍ଚ ବିଦ୍ୟାଳୟ କର୍ତ୍ତୁପକ୍ଷଙ୍କ ବିରୋଧରେ ସଂପୃକ୍ତ ଗଣମାଧ୍ୟମ ପ୍ରତିନିଧି ବିଭିନ୍ନ ସମୟରେ ଆକ୍ରୋଶମୂଳକ ଭାବେ ଖବର ପରିବେଷଣ କରିଆସୁଥିବା ବେଳେ ଶିକ୍ଷାନୁଷ୍ଠାନ ଭଳି ଏକ ପବିତ୍ର ମନ୍ଦିରକୁ ନିଜର ସ୍ୱାର୍ଥ ପାଇଁ ବଦନାମ କରିବା ଘଟଣାକୁ ବୁଦ୍ଧିଜିବୀ ମହଲରେ ତୀବ୍ର ନିନ୍ଦା କରାଯାଇଛି । ସୂଚନାଯୋଗ୍ୟ, ସରକାରୀ ଛୁଟି ବ୍ୟତୀତ ଶିକ୍ଷାନୁଷ୍ଠାନଗୁଡିକରେ ବର୍ଷକୁ ୨ଦିନ ସଂପୃକ୍ତ ଶିକ୍ଷାନୁଷ୍ଠାନ କର୍ତ୍ତୁପକ୍ଷ ଲୋକାଲ ଛୁଟି ଘୋଷଣା କରିପାରିବେ । ଏ ନେଇ ଚଳିତ ବର୍ଷ ଗଣିଆ ଯୁକ୍ତ ୨ ଉଚ୍ଚ ବିଦ୍ୟାଳୟ କର୍ତ୍ତୁପକ୍ଷ ଉଭୟ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସହମତି କ୍ରମେ ଗତ ନଭେମ୍ବର ମାସ ୨୫ ତାରିଖ ଓ ଡିସେମ୍ବର ମାସ ୮ତାରିଖରେ ପତ୍ର ସଂଖ୍ୟା ୧୧୬/୨୦୨୫ ଅନୁଯାୟୀ ଲୋକାଲ ଛୁଟି ଦିବସ ଘୋଷଣା କରିଥିଲେ । ଏ ସମ୍ପର୍କରେ ଉଚ୍ଚ ବିଦ୍ୟାଳୟ ତରଫରୁ ଇ ମେଲ ଯୋଗେ ଗତ ନଭେମ୍ବର ୨୨ ତାରିଖରୁ ବିଭାଗୀୟ ଉଚ୍ଚ କର୍ତ୍ତୁପକ୍ଷଙ୍କୁ ସୂଚନା ପ୍ରଦାନ କରିଥିଲେ । ତେବେ ସୋମବାର ଉଚ୍ଚ ବିଦ୍ୟାଳୟ ଛୁଟି ଥିବା ସମୟରେ ସଂପୃକ୍ତ ଗଣମାଧ୍ୟମ ପ୍ରତିନିଧି ବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷାଙ୍କ କୌଣସି ମତାମତ ନନେଇ ବିଦ୍ୟାଳୟକୁ ବଦନାମ୍ କରିବା ପାଇଁ ଖବର ପରିବେଷଣ କରିବା କେତେ ଯୁକ୍ତିଯୁକ୍ତ ତାହା ସାଧାରଣରେ ଆଲୋଚ୍ୟର ବିଷୟବସ୍ତୁ ପାଲଟିଛି । ଏ ସମ୍ପର୍କରେ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ସଲିଳା ସେଠିଙ୍କୁ ପଚାରିବାରୁ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସହମତି ସହ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦେଇ ଲୋକାଲ ଛୁଟି ଘୋଷଣା କରାଯାଇଥିଲା । ବିଦ୍ୟାଳୟକୁ ବଦନାମ୍ କରିବା ପାଇଁ ସଂପୃକ୍ତ ଖବରଦାତା ଏଭଳି ମିଥ୍ୟା ତଥା ଆକ୍ରୋଶମୂଳକ ଭାବେ ଏଭଳି ଖବର ପରିବେଷଣ କରିଛନ୍ତି ବୋଲି କହିଛନ୍ତି ।

## ଖଣିଜ ପାଣ୍ଠିରେ ନିର୍ମିତ ପ୍ରକଳ୍ପର ନିମ୍ନ ମାନର :ଯାଜପୁର ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରାରେ, ଅଞ୍ଚଳ ବାସୀଙ୍କ ଅସନ୍ତୋଷ ବୃଦ୍ଧି !

ଦାନଗଦି, (ମହାଭାରତ) : ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ପଞ୍ଚାୟତରେ ଜିଲ୍ଲା ଖଣିଜ ଫାଉଣ୍ଡେସନ (ଡିଏମ୍ଏଫ୍) ଧନରେ ନିର୍ମାଣ ହୋଇଥିବା ଷ୍ଟାଡିୟମ, ଶିକ୍ଷା ବିକାଶ ଗୃହ, ସମୁଦାୟ ଭବନ ଓ ଅନ୍ୟାନ୍ୟ ବିକାଶମୂଳକ ପ୍ରକଳ୍ପର ଗୁଣମାନ ନେଇ ଗମ୍ଭୀର ଅଭିଯୋଗ ଉଠିଛି । ନିର୍ମାଣ କାମ ଅଧକଚରା ଭାବରେ, ନିମ୍ନ ମାନର ସାମଗ୍ରୀ ବ୍ୟବହାର କରି ହେଉଥିବା ସହ ନିୟମିତ ନିରୀକ୍ଷଣର ଅଭାବ ନେଇ ସ୍ଥାନୀୟ ବାସିନ୍ଦା ଓ ଖେଳପ୍ରେମୀମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି ।ବହୁ ସ୍ଥାନରେ ନୂତନ କାର୍ଯ୍ୟରେ ବହୁ କାର୍ଯ୍ୟ ନିମ୍ନ ମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହେଉଥିବା ଆଲୋଚନା ହେଉଛି ।ଷ୍ଟାଡିୟମ ର ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି, ବାଲି ଯାଗାରେ ମାଟିର ଭରା ଯାଉଥିବା ଯୋଗୁଁ କାର୍ଯ୍ୟ ର ଗୁଣମାନ ଖରାପ ଥିବା, ଡ୍ରେନେଜ୍ ସୁବିଧା ଅପୂର୍ଣ୍ଣ ରହିବା ସହ ଚେଞ୍ଜିଂ ରୁମ ଓ ଗ୍ୟାଲେରୀରେ ଗୁରୁତର ତ୍ରୁଟି ଥିବା ରିପୋର୍ଟ ମିଳିଛି । ସ୍ଥାନୀୟ ଲୋକଙ୍କ କଥାକି ''ଖଣିଜ ପାଣ୍ଠି ର ଧନ ଲୋକଙ୍କ ଅଧିକାର ଧନ । ଏହାରେ ଯଦି ଷ୍ଟାଡିୟମ ଓ ଅନ୍ୟ କାମ ନିମ୍ନମାନରେ ହୁଏ, ତାହାଲେ ଏହା ଖଣିପ୍ରଭାବିତ ଅଞ୍ଚଳର ଉନ୍ନତି ସହ ମଜାକ୍ ? ଭଳି । ଠିକେଦାରମାନେ ଚାଲିଛନ୍ତି ସ୍ୱଇଚ୍ଛାମତେ, କିନ୍ତୁ ପ୍ରଶାସନ ଦେଖୁଛି ନାହିଁ ।‘ ଗୁଣମାନ ଯାଞ୍ଚ, ମେଜରମେଣ୍ଟ ବୁକ୍ ପରୀକ୍ଷାଣ, ସ୍ଥଳ ନିରୀକ୍ଷଣ ଭଳି ମୁଖ୍ୟ ପ୍ରକ୍ରିୟାରେ ଅନେକ ଅନିୟମିତି ଥିବା ଅଭିଯୋଗ ଆସୁଥିବା ସତ୍ତ୍ୱେ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀମାନେ ଏପର୍ଯ୍ୟନ୍ତ କୌଣସି କଠୋର ପଦକ୍ଷେପ ନେଇନାହାନ୍ତି ।ସାମାଜିକ କର୍ମୀମାନଙ୍କ ଦାବି କରୁଛନ୍ତି କି “ଖଣିଜ ପାଣ୍ଠି ଧନ ଦୁରୁପଯୋଗ ହେଉଛି । ତତ୍କାଳ ଉଚ୍ଚସ୍ତରୀୟ ତଦନ୍ତ, ଗୁଣମାନ ଅଡିଟ୍ ଓ ଦୋଷୀ ଠିକିଦାରଙ୍କ ଉପରେ କଡ଼ା କାର୍ଯ୍ୟବାହୀ ହେବା ଆବଶ୍ୟକ ।‘

## ଗଞ୍ଜେଇ ଚାଲାଣର ଭୂସ୍ୱର୍ଗ ପାଲଟିଛି କୁନ୍ଦେଇ ଅଞ୍ଚଳ

ରାଇଘର, (ମହାଭାରତ) : ଗଞ୍ଜେଇ ଚାଲାଣର ଭୂସ୍ୱର୍ଗ ପାଲଟିଛି କୁନ୍ଦେଇ ଅଞ୍ଚଳ । ଟେର ପାଇପାରୁ ନାହିଁ ସୀମାନ୍ତ ପୋଲିସ୍ ; କଥାଟା ଟିକିଏ ଅଡୁଆ ଲାଗୁଥିବା ବେଳେ ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ପ୍ରମୁଖ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ବାରମ୍ବାର ଓଡିଶା ରାସ୍ତା ଦେଇ ଖୁଲମ୍ ଖୁଲା ପଡୋଶୀ ରାଜ୍ୟକୁ ଗଞ୍ଜେଇ ଚାଲାଣ ହେଉଥିବା ଜଣା ପଡ଼ିଛି । ଯାହାକି ବିଗତ ଦିନ ମାନଙ୍କରେ ଛତିଶଗଡ଼ ତଥା ମଧ୍ୟପ୍ରଦେଶ ଅଞ୍ଚଳର ପୋଲିସ୍ ହାତରେ ବ୍ୟାପକ ପରିମାଣର ଗଞ୍ଜେଇ ସହ ଚାଲାଣରେ ବ୍ୟବହୃତ ଗାଡ଼ି ଧରାପଡିଥିବା ବେଳେ ସେଠାକାର ପୋଲିସ ଗୁଇନ୍ଦା ବିଭାଗ ଏହାର ଟେର ଓଡିଶା ପର୍ଯ୍ୟନ୍ତ ଲମ୍ବିଥିବା ସୁଚନା ପାଇ ପୋଲିସ୍ ରାଇଘର ଅଞ୍ଚଳରେ ଉକ୍ତ ଘଟଣାର ଛାନ୍ ଭିନ୍ ଜାରୀ ରଖିଥିଲା । ଗଞ୍ଜେଇ ଚାଲାଣ କାରୀ ଧରା ପଡୁଥିବା କିଛି ନୂଆ କଥା ଲାଗୁ ନ ଥିଲେ ମଧ୍ୟ ସମସ୍ତଙ୍କ ମନରେ ଗୋଟିଏ କଥା ଓଡ଼ିଶା ରୁ ଖସିବେ ବାହାର ରାଜ୍ୟ କୁ ଯାଇ ଫଶିବେ, ଗତ ଦୁଇ ଦିନ ପୂର୍ବରୁ ଓଡ଼ିଶା ସୀମାନ୍ତ ଅଞ୍ଚଳ ତାରଙ୍ଗପୁରୀ ଗ୍ରାମ ର ଦୁଇ ଜଣ ଯୁବକ ଏକ ବ୍ୟାଗ୍ ରେ ୪୮୦ ଗ୍ରାମ ଗଞ୍ଜେଇ ନେଇ ଚାଲାଣ କରୁଥିବା ବେଳେ ଛତିଶଗଡ଼ ବୋରେଇ ପୋଲିସ୍ ପକ୍ଷରୁ ଯାନବାହନ ଯାଞ୍ଚ ସମୟ ରେ ଶିବଲାଲ ନେତାମ (୩୦) ଧରା ପଡ଼ିଥିଲେ ଓ ଅନ୍ୟ ଜଣେ ଯୁବକ ବାଇକ ଧରି ଚମ୍ପଟ ମାରିଥିଲେ । ଜବତ ୪୮୦ ଗ୍ରାମ ଗଞ୍ଜେଇ ର ଆନୁମାନିକ ମୂଲ୍ୟ ୨୪,୦୦୦/- ଟଙ୍କା ହେବ ବୋଲି ବୋରେଇ ଥାନା ପୋଲିସ୍ ପକ୍ଷରୁ ସୂଚନା ଦେଇଛନ୍ତି । ଓଡ଼ିଶା ସୀମାନ୍ତ କୁନ୍ଦେଇ ଥାନା ଠାରୁ ମାତ୍ର ୮ କିଲୋମିଟର ଦୂରରେ ଥିବା ଛତିଶଗଡ଼ ବୋରେଇ ପୋଲିସ୍ ଅନେକ ସମୟରେ ବେଆଇନ୍ ଗଞ୍ଜେଇ, ମଦ, ଧାନ ଚାଲାଣ କୁ ଧରିବାରେ ସଫଳ ହେଉଥିବ ବେଳେ ସୀମାନ୍ତ ଓଡ଼ିଶା ପୋଲିସ ର ହାତ ଖାଲି ତାହା ସାଧାରଣ ଚର୍ଚ୍ଚାର ବିଷୟ ପାଲଟିଛି ।ପ୍ରକାଶ ଥାଉକି ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ସୀମାନ୍ତ ଛତିଶଗଡ଼ ରାଜ୍ୟକୁ ସଂଯୋଗ କରୁଥିବା ବେଳେ ଏହି ବ୍ଲକ ମଧ୍ୟସ୍ଥ (ଉମରକୋଟ - ରାଇଘର - କୁନ୍ଦେଇ) ୪୦-ନଂ ରାଜ୍ୟ ରାଜପଥ ଦେଇ ଅହରହ ଶହ ଶହ ସଂଖ୍ୟାରେ ଗାଡ଼ି ମୋଟର ଯାତାୟତ କରିଥାନ୍ତି । ଉକ୍ତ ରାସ୍ତା ପାର୍ଶ୍ୱରେ ତିନି ଗୋଟି (ଉମରକୋଟ, ରାଇଘର, କୁନ୍ଦେଇ) ପ୍ରମୁଖ ଥାନା ସହ ତିନି ଗୋଟି ପୋଲିସ୍ ସହାୟତା କେନ୍ଦ୍ର ରହିଥିବା ବେଳେ ପୋଲିସ୍ ମାନେ ମଧ ସେମାନଙ୍କର କାର୍ଯ୍ୟ ଅନବରତ କରିଥାନ୍ତି । କିନ୍ତୁ ଗଞ୍ଜେଇ ମାଫିଆ ମାନେ ଏହି ରାସ୍ତାକୁ ସେମାନଙ୍କର ନୀତିଦିନିଆ ଯିବା ଆସିବା ରାସ୍ତା ଭାବି ଖୁଲମ ଖୁଲା ଗଞ୍ଜେଇ ଚାଲାଣ କରିବାର ମୂଖ୍ୟ ରାସ୍ତା ଭାବେ ବାଛି ନେଇଛନ୍ତି । ଯାହାକି ପ୍ରମୁଖ ଗଣମାଧ୍ୟମରେ ବାରମ୍ବାର ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଧରା ପଡିଥିବା ପ୍ରକାଶିତ ଖବର ଅନୁଯାୟୀ ଜଣାପଡ଼ିଛି । ତତ୍ ସହିତ ରାଇଘର ବ୍ଲକର ବିଭିନ୍ନ ଅଂଚଳକୁ ପୋଡୋଶୀ ରାଜ୍ୟର ରାସ୍ତା ସଂଯୋଗ କରୁଥିବା ବେଳେ ପ୍ରଶାଶନ ପକ୍ଷରୁ ସେହି ରାସ୍ତା ଦେଇ ଯାତାୟତ କରୁଥିବା କୌଣସି ଯାନବାହାନ ଗୁଡ଼ିକୁ ଯାଞ୍ଚ କରାଯାଏ ନାହିଁ । ଯଦ୍ୱାରା ନିଶା ଦ୍ରବ୍ୟ କାରବାର କରିବାରେ ମାଫିଆ ମାନଙ୍କ ପାଇଁ କୌଣସି ସମସ୍ୟା ସୃଷ୍ଟି ହୁଏ ନାହିଁ । ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର କଥା ହେଲା ଓଡିଶା- ଛତିଶଗଡ଼ ସୀମା ଠାରୁ ମାତ୍ର ଏକ ରୁ ଦୁଇ କିଲୋମିଟର ଦୂରରେ କୁନ୍ଦେଇ ଥାନା ରହିଥିବା ବେଳେ ପଡ଼ୋଶୀ ରାଜ୍ୟର ପୋଲିସ୍ ସହ ଗୁଇନ୍ଦା ବିଭାଗ ଗଞ୍ଜେଇ ଚାଲାଣକାରୀ ମାନଙ୍କୁ ଧରିବାରେ ସଫଳ ହେଉଥିବା ବେଳେ ସୀମାନ୍ତ କୁନ୍ଦେଇ ପୋଲିସ୍ ଘଟଣାର କିଭଳି ଭାବେ ଟେର ପାଇ ପାରୁନାହିଁ ତାହା ବୁଦ୍ଧିଜିବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଘର ଗୁହାଳ ରୁ ବାଘ ନେଇଗଲା ଗୋରୁ

ଉଦଳା, (ମହାଭାରତ): ଗୁହାଳ ରୁ ଗୋରୁ ଘୋଷାରି ନେଇଗଲା ବାଘ । ଗାଁ ରାସ୍ତାରେ ପଡିଛି ବାଘ ପାଦ ଚିହ୍ନ । ଆତଙ୍କିତ ଅବସ୍ଥାରେ ଗ୍ରାମବାସୀ । ଏଭଳି ଘଟଣା ସାମ୍ନାକୁ ଆସିଛି କପ୍ତିପଦା ବନାଞ୍ଚଳ ଜେଏସ ଜାମୁଡିହା ହୁଡ଼ିସାହି ଅଞ୍ଚଳରୁ । ରାତିରେ ବିମଳ ମୁଣ୍ଡାଙ୍କ ଗୁହାଳରେ ଗୋରୁ ବନ୍ଧା ଯାଇଥିବା ବେଳେ ଅଚାନକ ଗୋରୁ ବୋବାଇଥିଲେ । ପରିବାର ଲୋକେ ଗୋରୁ ରଡି ଶୁଣି ବାହାରକୁ ଆସି ଦେଖିଲା ବେଳକୁ ଏକ ବିଶାଳ କାୟ ବାଘ ଗୁହାଳ ରୁ ଏକ ଗୋରୁ କୁ କାମୁଡି ଘୋଷାରି ନେଇ ଯାଉଥିଲା । ପରିବାର ସଦସ୍ୟ ପାଟି କରିବା ସହିତ ଟର୍ଚ୍ଚ ମାରିବାରୁ ବାଘ ଟି ଗୋରୁ କୁ ଛାଡି ଚାଲିଯାଇଥିଲା । ବାଘ ଆକ୍ରମଣରେ ଗୋରୁ ର ମୃତ୍ୟୁ ହୋଇଥିବା ବେଳେ ବାଘଟି ଗ୍ରାମରେ ଅନ୍ୟ ସ୍ଥାନରେ ବୁଲିଥିବା ରୁ ପାଦ ଚିହ୍ନ ମଧ ବିଭିନ୍ନ ସ୍ଥାନରେ ପଡିଛି । ଯାହାକୁ ନେଇ ଆତଙ୍କିତ ଅବସ୍ଥାରେ ରହିଛନ୍ତି ଗ୍ରାମବାସୀ । ଖବର ପାଇ କପ୍ତିପଦା ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାର ସହିତ ଆଲୋଚନା କରିଛି ।

## ଧାର୍ମିକ ପୀଠସ୍ଥଳୀକୁ ନେଇ ହିନ୍ଦୁ ମୁସଲିମ ମୁହାଁ ମୁହିଁ



ଅସ୍ତରଙ୍ଗ, (ମହାଭାରତ) : ଅସ୍ତରଙ୍ଗ ମୁଖ୍ୟ ବଜାର ର ହାଟ ଗଳିରେ କେଉଁ ପୂର୍ବ ପୁରୁଷ ରୁ ଗୋଟେ ତ୍ରିନାଥ ମଣ୍ଡପ ଟିଏ ରହିଥିଲା ଯେଉଁଠି ପୂର୍ବ ସମୟ ରୁ ଏକ ବେଲ ଗଛ ଓ ତୁଳସୀ ଗଛ ରହିଥିଲା । ସ୍ଥାନୀୟ ଲୋକ ମାନେ ସେଠି ତ୍ରିନାଥ ମେଳା କରିବା ସହିତ ଉକ୍ତ ବେଲ ଗଛ ଓ ତୁଳସୀ ଗଛ କୁ ପୂଜା କରି ଆସୁଥିଲେ ମାତ୍ର କିଛି ବର୍ଷ ପୂର୍ବେ କିଛି ମୁସଲିମ ଲୋକ ସେଠି ପିର ବାବା ଙ୍କର ସ୍ଥାନ ଦର୍ଶାଇ ତାହାକୁ କବ୍ଜା କରି ମସଜିଦ ବନାଇ ବାକୁ ପ୍ରୟାସ କରିଥିଲେ, ସେହି ସମୟ ରେ ଦୁଇ ଧର୍ମ ଭିତରେ ବାଦ ବିବାଦ ହେବାରୁ ଆଇନ ଅନୁସାରେ ପ୍ରଶାସନ ଦ୍ୱାରା ଉକ୍ତ ସ୍ଥାନ କୁ ବନ୍ଦ କରାଯାଇଥିଲା ଯାହା ୨୦୧୨ ମସିହା ର କଥା ବୋଲି ବିଶ୍ୱ ହିନ୍ଦୁ ପରିଷଦ ସଭ୍ୟ ମାନେ ଦାବୀ କରୁଛନ୍ତି ।ମାତ୍ର ଏବେ କିଛି ଦିନ ହେବ କିଛି ମୁସଲିମ ସମ୍ପ୍ରଦାୟ ବ୍ୟକ୍ତି ବନ୍ଦ ଥିବା ଉକ୍ତ ସ୍ଥାନ ଖୋଲି ସେଠି ତୁଳସୀ ଗଛ କାଟି ସେଇଟା ହିନ୍ଦୁଙ୍କ ପାର୍ଥନା ଜଗା ନୁହେଁ ଏଇଟା ମଜାର ବୋଲି ଦାବୀ କରୁଛନ୍ତି ।ଯାହାକୁ ନେଇ ବିଶ୍ୱ ହିନ୍ଦୁ ପରିଷଦ ର ସଭ୍ୟ ମାନେ ମଙ୍ଗଳ ବାର ବିରୋଧ ପଦର୍ଶନ କରିବା ସହ ଆଇନ ର ହସ୍ତକ୍ଷେପ ଲୋଡି ଉକ୍ତ ସ୍ଥାନକୁ ଆଇରନ ଓଲଡିଂ କରି ସବୁଦିନ ପାଇଁ ବନ୍ଦ କରିବାକୁ ନିଷ୍ପତି ନେଇଥିବା ବେଳେ କିଛି ମୁସଲିମ ଲୋକ ଏହା ପିର ବାବା ସ୍ଥାନ ଦାବୀ କରି ଖୋଲିବାକୁ ଥାନା ରଦ୍ୱାରସ୍ତହୋଇଛନ୍ତି । ଏହି ବିଷୟରେ ଅସ୍ତରଙ୍ଗ ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର ଙ୍କୁ ପଚାରିବାରେ ସେକହିଛନ୍ତି ତଦନ୍ତ ପରେ ନିଷ୍ପତି ନିଆଯିବ । ଏବେ ସମ୍ଭାବ୍ୟ ଦଙ୍ଗା ପରିସ୍ଥିତି ଉପୁଜିବାକୁ ଥିବାରୁ ପ୍ରଶାସନ କିପରି ଏହି ସମସ୍ୟା ର ସମାଧାନ କରିବ ତାହା ଦେଖିବାକୁ ବାକି ରହିଲା ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର



ନୂଆଗାଁ,୯ ।୧୨ (ମହାଭାରତର) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ପରିସରରେ ଥିବା ରାଜୀବଗାନ୍ଧୀ ସଦଭାବନା ଗୃହରେ ସୋମବାର ନୟାଗଡ଼ ଜିଲ୍ଲାପାଳଙ୍କ ବ୍ଲକ୍ ସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଉପ ଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ନୟାଗଡ କର୍ଣ୍ଣଦେବ ସମାଦ୍ଦାର , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ,ଏସପି ଏସ ସୁଶ୍ରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ସୁଶ୍ରୀ ନୀଳିମା ଲାକ୍ରା , ନୂଆଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡା. ଅମୃତ କୁମାର ରାଉଳ , ତହସିଲଦାର ହେମନ୍ତ କୁମାର ନାୟକ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ । ଉକ୍ତ ଅଭିଯୋଗ ପ୍ରକୋଷ୍ଠରେ ମୋଟ ୬୫ଟି ଆପତ୍ତି ଅଭିଯୋଗ ହୋଇଥିଲା । ସେଥି ମଧ୍ୟରୁ ୫୮ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୦୬ଟି ଗ୍ରାମ୍ୟ ସମସ୍ୟା ଅଭିଯୋଗ ହୋଇଥିଲା ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଆଧାରିତ ୦୧ଟି ହୋଇଥିବା ବେଳେ ରେଡ଼କ୍ରସ ରୁ କୌଣସି ଅଭିଯୋଗ ହୋଇନଥିଲା ।ଏଥି ମଧ୍ୟରୁ ୨୧ଟି ତତ୍କାଳୀନ ସମାଧାନ ହୋଇଥିଲା ।

## ଅଶ୍ଳୀଳ ଭିଡିଓ ଦେଖିବା ପଡ଼ିଲା ମହଙ୍ଗା: ଯୁବକ କୋର୍ଟ ଚାଲାଣ

କଣ୍ଟାପଡ଼ା(ମହାଭାରତ) : ଆଜିର ଡିଜିଟାଲ୍ ଯୁଗରେ ମୋବାଇଲ୍ ଫୋନ୍ ପ୍ରତ୍ୟେକ ଘରେ ଆବଶ୍ୟକ ସାଧନ ହୋଇ ପଡ଼ିଛି । ଶିକ୍ଷା, ମନୋରଞ୍ଜନ, ସୂଚନା ସବୁକିଛି ଏକ ସ୍କ୍ରିନରେ ମିଳୁଥିବା ଦେଖି ଅନେକ ପିତାମାତା ଛୋଟ ପିଲାଙ୍କ ହାତରେ ସହଜରେ ମୋବାଇଲ୍ ଦେଇଦେଉଛନ୍ତି । କିନ୍ତୁ ଏହି ସୁବିଧା ପଛରେ ଲୁଚିଛି ଆଉ ଗୋଟେ ଭୟାବହ ବାସ୍ତବତାନାବାଳକ ଓ ନାବାଳିକା ପିଲାମାନେ ଅଶ୍ଳୀଳ ଭିଡିଓ ଏବଂ ଆବଶ୍ୟକ ନଥିବା ବିଷୟରେ ବହୁତ୍ କମ ବୟସରୁ ବହୁ ଆଗରୁ ପହଞ୍ଚିଯାଉଛନ୍ତି ବହୁ ଘଟଣାରୁ ଜଣା ପଡୁଛି । ଏପରି ଏକ ଘଟଣା ଘଟିଛି କଟକ ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ଉରାଡ ଗ୍ରାମରେ । ମୋବାଇଲ ଫୋନରେ ଲୁଚେଇ ଛୋଟ ଛୋଟ ପିଲାଙ୍କ ଅଶ୍ଳୀଳ ଭିଡିଓ ଓ ତାକୁ ଡାଉନଲୋଡ କରି ଦେଖିବା ସହିତ ସେଗୁଡ଼ିକୁ ଅନ୍ୟମାନଙ୍କୁ ସେୟାର କରିବା ଅଭିଯୋଗରେ ଗୋବିନ୍ଦପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗତ ସୋମବାର ଦିନ କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ହେଲେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ଉରାଡ ଗ୍ରାମର ଲକ୍ଷ୍ମୀଧର ସ୍ୱାଇଁ(୨୨) । ପୋଲିସ ସୂତ୍ରରୁ ପ୍ରକାଶ ଯେ, ଲକ୍ଷ୍ମୀଧର ନିଜ ମୋବାଇଲରେ ବିଭିନ୍ନ ସମୟରେ ଛୋଟ ପିଲାମାନଙ୍କ ଅଶ୍ଳୀଳ ଭିଡିଓକୁ ଡାଉନଲୋଡ କରିବା ସହ ଏହି ଭିଡିଓକୁ ଅନ୍ୟ ଲୋକଙ୍କ ସହ ଶେୟାର କରୁଥିଲେ । ଏହା ଦୀର୍ଘ ଦିନ ଧରି ଚାଲୁଥିବା ନେଇ ସିଆଇଡି ଓ କ୍ରାଇମ୍ ବ୍ରାଞ୍ଚ ଖବର ପାଇ ଏହାକୁ ତଦନ୍ତ କରି ଗୋବିନ୍ଦପୁର ଥାନାକୁ ଏ ସମ୍ପର୍କରେ ଚିଠି ନଂ. ୧୧୮/୨୦୨୪ ଅନୁଯାୟୀ ଗୋବିନ୍ଦପୁର ଥାନା ଆଇଆଇସି ସୋନାଲି ଆନନ୍ଦ ଉରାଡ ଗ୍ରାମକୁ ଯାଇ ସମ୍ପୃକ୍ତ ଯୁବକଙ୍କ ମୋବାଇଲ ଫୋନ ଯାଞ୍ଚ କରିଥିଲେ । ମୋବାଇଲ ଯାଞ୍ଚ ସମୟରେ ମୋବାଇଲରେ ଛୋଟ ଛୋଟ ପିଲାମାନଙ୍କ ୬୨ଟି ଅଶ୍ଳୀଳ ଭିଡିଓ ଏବଂ ୩୦ଟି ଅଶ୍ଳୀଳ ଫଟୋ ଦେଖିବାକୁ ପାଇଥିଲେ । ପୋଲିସ ମୋବାଇଲରେ ଥିବା ଅଶ୍ଳୀଳ ଭିଡିଓ ଗୁଡ଼ିକୁ ଜବତ କରି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଏ ନେଇ ଗୋବିନ୍ଦପୁର ଥାନାରେ ଏକ ମାମଲା (ନଂ. ୩୧୭/୨୫) ରୁଜୁ ହୋଇଛି । ମୋବାଇଲ୍ ଫୋନ୍ ନିଶ୍ଚୟ ଆଧୁନିକ ଯୁଗରେ ଆବଶ୍ୟକତା ରହିଛି କିନ୍ତୁ ନିୟନ୍ତ୍ରଣ ବିହୀନ ଇଣ୍ଟର୍ନେଟ୍ ସ୍ୱାଧୀନତା ପିଲାଙ୍କ ଭବିଷ୍ୟତକୁ ଅନ୍ଧକାରୀ କରୁଛି । ପିତାମାତାଙ୍କ ସମୟୋପଯୋଗୀ ନଜରଦାରୀ ଓ ସଚେତନ ଲାଳନ-ପାଳନ ହେଉଛି ଏହି ବିପଦରୁ ପିଲାଙ୍କୁ ରକ୍ଷା କରିବାର ସବୁଠୁ ପ୍ରଧାନ ଉପାୟ ଗୋବିନ୍ଦପୁର ଥାନା ଆଇଆଇସି ସୋନାଲି ଆନନ୍ଦ କହିଛନ୍ତି, ମୋବାଇଲରେ ଏଭଳି ଅଶ୍ଳୀଳ ଭିଡିଓ ଦେଖିବା ଓ ଡାଉନଲୋଡ କରିବା ଆଇନଗତ ଅପରାଧ, ତେଣୁ ଯୁବପିଢ଼ିମାନେ ଏଥିପ୍ରତି ସଚେତନ ରହିବା ଉଚିତ ।

## ଆଗେଇବାର ଆମ ହିନ୍ଦୋଳ ବିକାଶ ପାଠକ ଆଲୋଚନାଚକ୍ର



ହିନ୍ଦୋଳ, (ମହାଭାରତ) : ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ‘ଆଗେଇବା ‘ ପରିବାରର ଆମ ହିନ୍ଦୋଳ ଆମ ବିକାଶର ପ୍ରୟାସ ପାଠକ ଆଲୋଚନା ଚକ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ହିନ୍ଦୋଳ ଏନ ଏ ସି ର ସ୍ଥାନୀୟ ଟାଉନହଲ ଠାରେ ଆଗେଇବା ଖବରକାଗଜ ସମ୍ପାଦକ ତଥା ଆମ ପ୍ରତିଭା ଆମ ସମ୍ମାନ ର ପ୍ରତିଷ୍ଠାତା ପୂର୍ବତନ ଢେଙ୍କାନାଳ ସାଂସଦ, ବିଧାୟକ ମହେଶ ସାହୁଙ୍କ ଆବାହକତ୍ୱ ଓ ମୁଖ୍ୟ ଆତିଥ୍ୟରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ହିନ୍ଦୋଳ ର ବିକାଶ କିପରି ହୋଇପାରିବ, ଗଣମାଧ୍ୟମ, କୃଷକ, ସମାଜସେବୀ, ରାଜନେତା, ସାଧାରଣବର୍ଗ ସମସ୍ତଙ୍କର କର୍ତ୍ତବ୍ୟ ଭୂମିକା ଓ ବିକାଶ ପାଇଁ ଗଠନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହେବାସହ ପାଠକ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ କୃଷକ, ସାମ୍ବାଦିକ, ଆଇନଜୀବୀ, ସ୍ୱେଚ୍ଛାସେବୀ ଓ ମହିଳାଙ୍କ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ସାମ୍ବାଦିକ, ଆଇନଜୀବୀ, ସମାଜସେବୀ, ସ୍ୱେଚ୍ଛାସେବୀ ସଂଗଠନ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ମାନଙ୍କ ସହ ବହୁ ଜନସାଧାରଣ ଯୋଗ ଦେଇଥିଲେ ।

## ବେଫିକର ମଲ୍, ଶୋ’ରୁମ୍ ଓ ହୋଟେଲ ମାଲିକ : ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ।



ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲା ମୁଖ୍ୟ ସଦର ମହକୁମାରେ ଦିନକୁ ଦିନ ଅନେକ ମଲ୍, ଶୋ’ରୁମ୍, କ୍ଲିନିକ୍ ଓ ହୋଟେଲ୍ ? ଗଢ଼ିଉଠୁଛି । ସହରୀ ସଭ୍ୟତାର ଅଭିବୃଦ୍ଧି ଘଟୁଥିବା ବେଳେ ନୟାଗଡ଼ ସହର ଦିନକୁ ଦିନ ନୂଆରୂପ ନେଉଛି । ଏଭଳି ସ୍ଥିତିରେ ସହରରେ ବିଗତ କିଛି ବର୍ଷ ମଧ୍ୟରେ ଅନେକ ହୋଟେଲ, ମଲ୍, ଶୋ’ ରୁମ୍ ଏବଂ ଅନ୍ୟାନ୍ୟ ବହୁତଳ ପ୍ରାସାଦରେ ବ୍ୟାବସାୟିକ ପ୍ରତିଷ୍ଠାନ ଖୋଲିଥିବା ବେଳେ ଅନେକ ସ୍ଥାନରେ ଅଗ୍ନି ନିରାପତ୍ତା ନେଇ ବ୍ୟବସ୍ଥା ନ ଥିବା ଚିନ୍ତାର ବିଷୟ ସୃଷ୍ଟି କରିଛି । ବିଗତ ଦିନରେ ନୟାଗଡ଼ ସାମ୍ ?ସଙ୍ଗ ଶୋ’ରୁମ୍ ?ରେ ଘଟିଥିବା ଅଗ୍ନିକାଣ୍ଡ, ଖଣ୍ଡପଡ଼ା ରାସ୍ତାରେ ରହିଥ?ିବା ଏକ ବସ୍ତ୍ରାଳୟ ଅଗ୍ନିକାଣ୍ଡ ଏହାର ଉଦାହରଣ । ନୟାଗଡ଼ ସହରରେ ରହିଥିବା ଅନେକ ବ୍ୟାବସାୟିକ ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ନେଇ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବାବେଳେ କିଭଳି ଭାବେ ଏହାକୁ ଖୋଲିବାକୁ ଅନୁମତି ମିଳୁଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମୁଖ୍ୟତଃ ସହର ମଧ୍ୟରେ ରହିଥ?ିବା ଅନେକ ହୋଟେଲ ଓ ଲଜ୍ ?ରେ ଭୟାନିକ ସ୍ଥିତିରେ ରହିଛି । ଏହା ମଧ୍ୟରେ ଅଗ୍ନିକାଣ୍ଡ ଘଟିଲେ ପରିସ୍ଥିତି ଭୟାବହ ହେବା ନିଶ୍ଚିତ ବୋଲି କୁହାଯାଉଛି । ଏହି ଲଜ୍ ? ଓ ହୋଟେଲ୍ ? ଗୁଡ଼ିକରେ ଏକାଧିକ ଏସି ସମେତ ଅନେକ ବୈଦ୍ୟୁତିକ ସାମଗ୍ରୀ ବ୍ୟବହାର କରାଯାଉଥିବା ବେଳେ ଆଦୌ ଅଗ୍ନି ନିରାପତ୍ତା ନେଇ ବ୍ୟବସ୍ଥା କରାଯାଉନାହିଁ । ଏହି ସ୍ଥାନରେ ନିଆଁ ଲାଗିଲେ ଅନେକ ଜୀବନ ହାନୀ ହେବାର ସମ୍ଭାବନା ରହିଛି । ସେହିଭଳି ଭାବେ ନୟାଗଡ଼ରେ ରହିଥ?ିବା ଅନେକ ଶୋ’ରୁମ୍ ?ରେ ମଧ୍ୟ ସମାନ ସମସ୍ୟା ଦେଖାଯାଇଛି । ନୟାଗଡ଼ର ବ୍ୟସ୍ତବହୁଳ ତ?ଥା ଗା?ର୍ମେଣ୍ଟସ ବଜାର କୁହାଯାଉଥିବା ଜୁବୁଲି ମାର୍କେଟକୁ ଦିନକୁ ଦିନ ରୁନ୍ଧି ଦିଆଯାଉଥ?ିବା ବେଳେ ଅଗ୍ନିକାଣ୍ଡ ସମୟରେ ଏହାକୁ ରୋକିବାକୁ କୌଣସି ବ୍ୟବସ୍ଥା ନାହିଁ । ଦୁଇ ମହଲା ବିଶିଷ୍ଟ ଏହି ମାର୍କେଟ୍ ?ରେ କୋଟି କୋଟି ଟଙ୍କାର ଲୁଗା, ପୋଷାକ ବ୍ୟବସାୟ ହୋଇଥାଏ । ଏହି ମାର୍କେଟ୍ ?ରେ ଅନେକ ପର୍ବପର୍ବାଣୀ ସମୟରେ ଶହଶହ ସଂଖ୍ୟାରେ ଗ୍ରାହକଙ୍କ ଭିଡ଼ ଜମିଥାଏ । ନୟାଗଡ଼ ପୌର ପରିଷଦ ଅଧୀନରେ ରହିଥ?ିବା ଏହି ମାର୍କେଟ୍ ସର୍ବଦା ଅଗ୍ନି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି । ଆଜି ପର୍ଯ୍ୟନ୍ତ ପୌର ପରିଷଦ ନା ବ୍ୟବସାୟୀ ଏଥିପ୍ରତି କେହି ଚିନ୍ତା ପ୍ରକଟ କରି ନ ଥିବା ଜଣାଯାଇଛି । ସେହିଭଳି ସହରରେ ରହିଥ?ିବା ଅନେକ କ୍ଲିନିକ୍ ?ରେ ମଧ୍ୟ ନାଁକୁ ମାତ୍ର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଆପଣାଯାଇଥିବା ବେଳେ ଅନେକ କ୍ଲିନିକ୍ ?ରେ ଅଗ୍ନି ନିରାପତ୍ତା ନେଇ ବ୍ୟବସ୍ଥା ନ ଥିବା ସ୍ପଷ୍ଟ ହୋଇଛି । ଜିଲ୍ଲା ପ୍ରଶାସନ ଓ ଅଗ୍ନିଶମ ବିଭାଗ ଏହା ଉପରେ ତଦାରଖ କରିବାର ଆବଶ୍ୟକ?ତା ରହିଛି ।

## ଆଗେଇବାର ଆମ ହିନ୍ଦୋଳ ବିକାଶ ପାଠକ ଆଲୋଚନାଚକ୍ର



ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଆଗେଇବା  ପରିବାରର ଆମ ହିନ୍ଦୋଳ ଆମ ବିକାଶର ପ୍ରୟାସ ପାଠକ ଆଲୋଚନା ଚକ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ହିନ୍ଦୋଳ ଏନ ଏ ସି ର ସ୍ଥାନୀୟ ଟାଉନହଲ ଠାରେ ଆଗେଇବା ଖବରକାଗଜ ସମ୍ପାଦକ ତଥା ଆମ ପ୍ରତିଭା ଆମ ସମ୍ମାନ ର ପ୍ରତିଷ୍ଠାତା ପୂର୍ବତନ ଢେଙ୍କାନାଳ ସାଂସଦ, ବିଧାୟକ ମହେଶ ସାହୁଙ୍କ ଆବାହକ୍ତ୍ବ ଓ ମୁଖ୍ୟ ଆତିଥ୍ୟରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ହିନ୍ଦୋଳ ର ବିକାଶ କିପରି ହୋଇପାରିବ, ଗଣମାଧ୍ୟମ, କୃଷକ, ସମାଜସେବୀ, ରାଜନେତା, ସାଧାରଣବର୍ଗ ସମସ୍ତଙ୍କର କର୍ତ୍ତବ୍ୟ ଭୂମିକା ଓ ବିକାଶ ପାଇଁ ଗଠନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହେବାସହ ପାଠକ ଆଲୋଚନା ହୋଇଥିଲା।ଏହି କାର୍ଯ୍ୟକ୍ରମରେ କୃଷକ, ସାମ୍ବାଦିକ, ଆଇନଜୀବୀ, ସ୍ୱେଚ୍ଛାସେବୀ ଓ ମହିଳାଙ୍କ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସାମ୍ବାଦିକ, ଆଇନଜୀବୀ, ସମାଜସେବୀ, ସ୍ୱେଚ୍ଛାସେବୀ ସଂଗଠନ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ମାନଙ୍କ ସହ ବହୁ ଜନସାଧାରଣ ଯୋଗଦେଇଥିଲେ।

## ମୁକୁଳା ଡ୍ରେନରୁ ମୃତ ଦେହ ଉଦ୍ଧାର

ଦଶପଲ୍ଲା,(ମହାଭାରତ): ମଙ୍ଗଳବାର ଦିନ ସକାଳୁ ଦଶପଲ୍ଲା ଏନଏସି ଅନ୍ତର୍ଗତ ୧୨ ନମ୍ବର ଓ୍ୱାର୍ଡ (କୃଷ୍ଣଚନ୍ଦ୍ରପୁର୍ ପାଟଣା) ର ଏକ ମୁକୁଳା ଡ୍ରେନ୍ ମଧ୍ୟରୁ ମୃତ ଦେହ ଉଦ୍ଧାର ଘଟଣା ସମଗ୍ର ଅଞ୍ଚଳରେ ଗଭୀର ଆଲୋଡନ ସୃଷ୍ଟି କରିଛି। ମୃତ ଦେହଟି ଗ୍ରାମର ବଇଦ ନାହାକଙ୍କ ପୁଅ ରବି ନାହାକ (୪୧ ବର୍ଷ) ବୋଲି ଜଣାପଡିଛି।ଖବର ପାଇ ଦଶପଲ୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହିତ ପରିବାରକୁ ଶବ ହସ୍ତାନ୍ତର କରିଛନ୍ତି।ପୋଲିସ ନମ୍ବର ୨୫/୨୦୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏଭଳି ଘଟଣା ଦେଖି ସମସ୍ତେ ବ୍ୟଥିତ ହୋଇ ପଡିବା ସହିତ ମୁକୁଳା ଡ୍ରେନର ସମସ୍ୟା ସମାଧାନ ହେଉ ନଥିବାରୁ ବ୍ୟବସ୍ଥାକୁ ଧିକାର୍ କରୁଥିବାର ଶୁଣିବାକୁ ମିଳୁଛି।

## ସନ୍ଦିଗ୍ଧ ଆଇଚର ଟ୍ରକରୁ ୨୧ ମୃତ ଗୋରୁ ଜବତ



ଦଶପଲ୍ଲା,(ମହାଭାରତ ): ଦଶପଲ୍ଲା ବ୍ଲକ ଶାଳଭଙ୍ଗା ଜଙ୍ଗଲ ଫରେଷ୍ଟ ଟାଓ୍ୱାର ନିକଟରେ ପ୍ରାୟ ୩ ଦିନ ହେଲା ଅଟକି ରହିଥିଲା ଏକ ସନ୍ଦିଗ୍ଧ ଆଇଚର ଟ୍ରକ। ଟ୍ରକ ମଧ୍ୟରୁ ବାହାରୁଛି ଦୁର୍ଗନ୍ଧ ଏବଂ ରକ୍ତ। ସ୍ଥାନୀୟ ଅଧିବାସୀଙ୍କ କହିବା ଅନୁଯାଇ ଟ୍ରକଟି ୩ ଦିନହେଲା ଅଟକି ରହିଛି ଜଙ୍ଗଲ ମଧ୍ୟରେ ଆଜି ସକାଳୁ ଗାଡ଼ିରୁ ଦୁର୍ଗନ୍ଧ ବାହାରିବା ପରେ ସ୍ଥାନୀୟ ଅ□ଳରେ ଗୁଂଜରଣ ସୃଷ୍ଟି ହୋଇଥିଲା। ଘଟଣା ସ୍ଥଳରେ ଦଶପଲ୍ଲା ପୋଲିସ ପହଂଚି ଛାନବୀନ ଜାରୀ ରଖିଥିଲା। ପରିଶେଷରେ ଏବେ ଜଣାପଡିଛି କି ଆଇଚରରେ ୨୨ପଟ ଗୋରୁ ଚାଲାଣ ହେଉଥିଲା।କୌଣସି କାରଣ ରୁ ଗାଡିଟି ଜଙ୍ଗଲ ନିକଟରେ ଅଟକି ଯିବାପରେ ଗାଡ଼ିରେ ଥିବା ସମସ୍ତ ଗୋରୁଙ୍କ ମୃତ୍ୟୁ ହୋଇଯାଇଥିବାବେଳେ ଗୋଟିଏ ଗାଈର ଅବସ୍ଥା ଭଲ ଅଛି। ଫଳରେ ଗାଡ଼ିରୁ ପ୍ରଚଣ୍ଡ ଦୁର୍ଗନ୍ଧ ବାହାରିବା ସହିତ ଡାଲାରୁ ରକ୍ତ ବାହାରି ତଳେ ପଡୁଥିବାରୁ ଘଟଣା ସାମ୍ନାକୁ ଆସିଲା। ଗାଡିକୁ ଜଙ୍ଗଲ ଭିତରେ ଛାଡ଼ି ଦେଇ ଡ୍ରାଇଭର ଫେରାର ହୋଇଥିବା ଜଣାପଡିଛି।

## ସେରଙ୍ଗ ବସଷ୍ଟାଣ୍ଡର ହୋଟେଲରୁ ଏକ ନାବାଳକ ଉଦ୍ଧାର



ଗଜପତି(ମହାଭାରତ) : ୩୦ ଘଣ୍ଟାରେ ଗଜପତି ଜିଲ୍ଲାର ଗୁମ୍ମା ବ୍ଲକ ଅନ୍ତର୍ଗତ ସେରଙ୍ଗ ବସଷ୍ଟାଣ୍ଡର ଏକ ହୋଟେଲରୁ ଶିଶୁ ଶ୍ରମିକ ଭାବେ କାର୍ଯ୍ୟରତ ଏକ ନାବାଳକକୁ ଜିଲ୍ଲା ଶିଶୁ ସୁରକ୍ଷା ଶାଖା, ଚାଇଲ୍ଡ ହେଲ୍ପ ଲାଇନ, ଜିଲ୍ଲା ଶ୍ରମ ବିଭାଗ ଏବଂ  ସେରଙ୍ଗ ଥାନା ପୁଲିସଙ୍କ ମିଳିତ ସହଯୋଗରେ ଉଦ୍ଧାର କରାଯାଇଥିଲା। ତଥ୍ୟ ଅନୁସାରେ ଶିଶୁଟି ଉକ୍ତ ହୋଟେଲରେ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଥିବାର  ଜଣାଯାଇଥିଲା । କୌଣସି ସୂତ୍ରରୁ  ଖବର ପାଇବା ପରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ଏକ ଟିମ ଗଠନ କରାଯାଇ ଶିଶୁଟିକୁ ଉଦ୍ଧାର କରାଯାଇଥିଲା । ଶିଶୁଟି ଉଦ୍ଧାର ହେବା ପରେ ତାର ପ୍ରାଥମିକ ଚିକିତ୍ସା ଓ କାଉନ୍ସେଲିଂ କରାଯାଇଥିଲା  ଶିଶୁଟିର  ବୟସ ୧୩ ବର୍ଷ ବୋଲି ଜଣାପଡିଥିଲା ,ଶିଶୁଟି ସପ୍ତମ ଶ୍ରେଣୀରୁ ଅଛି  ଏବଂ ନାବାଳକ ଶିଶୁଟିକୁ ଜିଲ୍ଲା ଶିଶୁ ମଙ୍ଗଳ ସମିତିରେ ଉପସ୍ଥାପନ କରାଯାଇଥିଲା ।

### ବେଫିକର ମଲ୍, ଶୋ'ରୁମ୍ ଓ ହୋଟେଲ ମାଲିକ

# ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା

ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲା ମୁଖ୍ୟ ସଦର ମହକୁମାରେ ଦିନକୁ ଦିନ ଅନେକ ମଲ୍, ଶୋ'ରୁମ୍, କ୍ଲିନିକ୍ ଓ ହୋଟେଲ୍ ଗଢ଼ି ଉଠୁଛି। ସହରୀ ସଭ୍ୟତାର ଅଭିବୃଦ୍ଧି ଘଟୁଥିବା ବେଳେ ନୟାଗଡ଼ ସହର ଦିନକୁ ଦିନ ନୂଆରୂପ ନେଉଛି। ଏଭଳି ସ୍ଥିତିରେ ସହରରେ ବିଗତ କିଛି ବର୍ଷ ମଧ୍ୟରେ ଅନେକ ହୋଟେଲ, ମଲ୍, ଶୋ' ରୁମ୍ ଏବଂ ଅନ୍ୟାନ୍ୟ ବହୁତଳ ପ୍ରାସାଦରେ ବ୍ୟାବସାୟିକ ପ୍ରତିଷ୍ଠାନ ଖୋଲିଥିବା ବେଳେ ଅନେକ ସ୍ଥାନରେ ଅଗ୍ନି ନିରାପତ୍ତା ନେଇ ବ୍ୟବସ୍ଥା ନ ଥିବା ଚିନ୍ତାର ବିଷୟ ସୃଷ୍ଟି କରିଛି। ବିଗତ ଦିନରେ ନୟାଗଡ଼ ସାମ୍ବଙ୍ଗ ଶୋ'ରୁମରେ ଘଟିଥିବା ଅଗ୍ନିକାଣ୍ଡ,



ଖଣ୍ଡପଡ଼ା ରାସ୍ତାରେ ରହିଥିବା ଏକ ବସ୍ତ୍ରାଳୟ ଅଗ୍ନିକାଣ୍ଡ ଏହାର ଉଦାହରଣ। ନୟାଗଡ଼ ସହରରେ ରହିଥିବା ଅନେକ ବ୍ୟାବସାୟିକ ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ନେଇ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବାବେଳେ କିଭଳି ଭାବେ ଏହାକୁ ଖୋଲିବାକୁ ଅନୁମତି ମିଳୁଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୁଖ୍ୟତଃ ସହର ମଧ୍ୟରେ ରହିଥିବା ଅନେକ ହୋଟେଲ ଓ ଲଜ୍ରେ ଭୟାନିକ ସ୍ଥିତିରେ ରହିଛି। ଏହା ମଧ୍ୟରେ ଅଗ୍ନିକାଣ୍ଡ ଘଟିଲେ ପରିସ୍ଥିତି ଭୟାବହ ହେବା ନିଶ୍ଚିତ ବୋଲି କୁହାଯାଉଛି। ଏହି ଲଜ୍ ଓ ହୋଟେଲ୍ ଗୁଡ଼ିକରେ ଏକାଧିକ ଏସି ସମେତ ଅନେକ ବୈଦ୍ୟୁତିକ ସାମଗ୍ରୀ ବ୍ୟବହାର କରାଯାଉଥିବା ବେଳେ ଆଦୌ ଅଗ୍ନି ନିରାପ□ା ନେଇ ବ୍ୟବସ୍ଥା କରାଯାଉନାହିଁ। ଏହି ସ୍ଥାନରେ ନିଆଁ ଲାଗିଲେ ଅନେକ ଜୀବନ ହାନୀ ହେବାର ସମ୍ଭାବନା ରହିଛି। ସେହିଭଳି ଭାବେ ନୟାଗଡ଼ରେ ରହିଥିବା ଅନେକ ଶୋ'ରୁମରେ ମଧ ସମାନ ସମସ୍ୟା ଦେଖାଯାଇଛି। ନୟାଗଡ଼ର ବ୍ୟସ୍ତବହୁଳ ତଥା ଗାର୍ମେଣ୍ଟସ ବଜାର କୁହାଯାଉଥିବା ଜୁବୁଲି ମାର୍କେଟକୁ ଦିନକୁ ଦିନ ବୃଦ୍ଧି ଦିଆଯାଉଥିବା ବେଳେ ଅଗ୍ନିକାଣ୍ଡ ସମୟରେ ଏହାକୁ ରୋକିବାକୁ କୌଣସି ବ୍ୟବସ୍ଥା ନାହିଁ। ଦୁଇ ମହଲା ବିଶିଷ୍ଟ ଏହି ମାର୍କେଟ୍ରେ କୋଟି କୋଟି ଟଙ୍କାର ଲୁଗା, ପୋଷାକ ବ୍ୟବସାୟ ହୋଇଥାଏ। ଏହି ମାର୍କେଟରେ ଅନେକ ପର୍ବପର୍ବାଣୀ ସମୟରେ ଶହଶହ ସଂଖ୍ୟାରେ ଗ୍ରାହକଙ୍କ ଭିଡ଼ ଜମିଥାଏ। ନୟାଗଡ଼ ପୌର ପରିଷଦ ଅଧୀନରେ ରହିଥିବା ଏହି ମାର୍କେଟ୍ ସର୍ବଦା ଅଗ୍ନି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଆଜି ପର୍ଯ୍ୟନ୍ତ ପୌର ପରିଷଦ ନା ବ୍ୟବସାୟୀ ଏଥିପ୍ରତି କେହି ଚିନ୍ତା ପ୍ରକଟ କରି ନ ଥିବା ଜଣାଯାଇଛି। ସେହିଭଳି ସହରରେ ରହିଥିବା ଅନେକ କ୍ଲିନିକ୍ରେ ମଧ୍ୟ ନାଁକୁ ମାତ୍ର ଅଗ୍ନି ନିରାପ□ା ବ୍ୟବସ୍ଥା ଆପଣାଯାଇଥିବା ବେଳେ ଅନେକ କ୍ଲିନିକ୍ରେ ଅଗ୍ନି ନିରାପତ୍ତା ନେଇ ବ୍ୟବସ୍ଥା ନ ଥିବା ସ୍ପଷ୍ଟ ହୋଇଛି। ଜିଲ୍ଲା ପ୍ରଶାସନ ଓ ଅଗ୍ନିଶମ ବିଭାଗ ଏହା ଉପରେ ତଦାରଖ କରିବାର ଆବଶ୍ୟକତା ରହିଛି।

## ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ବାର୍ଷିକ କ୍ରୀଡ଼ାରେ ଏନ୍.ବି.ସି କଲେଜର ସଫଳତା




ଆସିକା(ମହାଭାରତ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜ ବିହାରରେ ଆୟୋଜିତ ଅନ୍ତଃ ମହାବିଦ୍ୟାଳୟ ସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ରେ ଆସିକା ବ୍ଲକ ଅନ୍ତର୍ଗତ ଏନ ବି ସି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଛନ୍ତି। ଏହି କ୍ରୀଡ଼ା ଉତ୍ସବରେ ଦୌଡ଼, ଲମ୍ଫ ଡ଼ିଆଁ, ଉଚ୍ଚ ଡ଼ିଆଁ , ରିଲେ ରେସ ପରି ଅନେକ ପ୍ରକାର କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। କେନ୍ଦୁପଦର କଲେଜର ଚାରିଜଣ ଛାତ୍ରୀ ସୁଶ୍ରୀ ସୋନାଲି ବଢ଼େଇ, ସୁଶ୍ରୀ ମନିଷା ସ୍ୱାଇଁ , ସୁଶ୍ରୀ ଚିନ୍ମୟୀ ମହାପାତ୍ର ଓ ସୁଶ୍ରୀ ରୂପାଲି ନାଏକ ଅଂଶ ଗ୍ରହଣ କରିଥିଲେ । କ୍ରୀଡ଼ାରେ ସୋନାଲି ବଢ଼େଇ ଅଂଶଗ୍ରହଣ କରି ଅଧିକ କ୍ରୀଡ଼ାରେ ହୋଇ ଏନ ବି ସି କଲେଜର ଛାତ୍ରୀ ସୋନାଲି ବଢ଼େଇ ବିଭିନ୍ନ ପ୍ରତିଯୋଗିତା ରେ ଭାଗ ନେଇ ପ୍ରଥମ ସ୍ଥାନରେ କୃତିତ୍ୱ ଅର୍ଜନ କରିଛି । ମହାବିଦ୍ୟାଳୟର ଟିମ୍ ରିଲେ ରେସ୍ ରେ ଛାତ୍ରୀ ସୋନାଲି ବଢ଼େଇ, ମନିଷା ସ୍ୱାଇଁ, ଚିନ୍ମୟୀ ମହାପାତ୍ର ଓ ରୂପାଲି ନାଏକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।ବିଶ୍ୱବିଦ୍ୟାଳୟ ସ୍ତରରେ ସଫଳତା ପାଇଥିବା ଛାତ୍ରୀଙ୍କୁ ମହାବିଦ୍ୟାଳୟରେ ଅଧକ୍ଷ ଅମର ପ୍ରସାଦ ବିଷୋୟୀ , ଅଧାପକ , ଅଧାପିକା ଓ କର୍ମଚାରୀମାନେ ଶୁଭେଚ୍ଛା ଜଣାଇଛନ୍ତି । ମହାବିଦ୍ୟାଳୟର ଅଧକ୍ଷ ଅମର ପ୍ରସାଦ ବିଷୋୟୀ ସମସ୍ତ ସଫଳତା ଲାଭ କରିଥିବା ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଓ ଶୁଭ କାମନା ଜଣେଇଛନ୍ତି । ବାର୍ଷିକ କ୍ରୀଡ଼ାରେ ଛାତ୍ରୀ ଦଳର ଖେଳାଳି ସୋନାଲି ଚମ୍ପିୟାନ ହୋଇଥିବାରୁ ସୁଶ୍ରୀ ସୋନାଲି ବଢ଼େଇ ଆସନ୍ତା ୨୦୨୬ ଜାନୁଆରୀ ମାସରେ ଅନ୍ତଃ ବିଶ୍ୱବିଦ୍ୟାଳୟ ସ୍ତରୀୟ ବାର୍ଷିକ କ୍ରୀଡ଼ାରେ ଅଂଶଗ୍ରହଣ କରିବା ନିମନ୍ତେ ମନୋନୀତ ହୋଇଛନ୍ତି ।

## ସପ୍ତ ଦିବାସୀୟ ଶ୍ରୀମଦ୍ ଭାଗବତ କଥା ମୃତ ଆରମ୍ଭ



ଆସିକା,(ମହାଭାରତ) ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ  ଅଧୀନ ଟାଉନ ହଲ ପଡିଆ ଠାରେ ଇସ୍କନ ଅନ୍ତଃରାଷ୍ଟ୍ରୀୟ କୃଷ୍ଣ ଭାବନା ମୃତ ସପ୍ତ ଦିବସୀୟ  ଶ୍ରୀମଦ ଭାଗବତ କଥାମୃତ ଏବଂ ପରାୟଣ ଓ ଗୀତା ମହ ମହାଯଜ୍ଞ ଆରମ୍ଭ ହୋଇଛି ।ଏହି କାର୍ଯ୍ୟକ୍ରମରେ ଭୂବନେଶ୍ୱର ଇସ୍କନର ହରିଦାସ ପ୍ରଭୂ ପ୍ରବକ୍ତା ଶ୍ରୀପାଦ ଅକ୍ଷୟ ପ୍ରଭୁ ଯୋଗଦେଇ ଶ୍ରୀମଦ ମଦ ଭାଗବତ କଥାମୃତ ପ୍ରବଚନ ଦେଇଛନ୍ତି। ଏହି କଥା ମୃତ ମହାଯଜ୍ଞର ଉଦ୍ଘାଟନୀ ଉତ୍ସବରେ ଆସିକା ଇସ୍କନ ପକ୍ଷରୁ  ଆଧ୍ୟାତ୍ମିକପ୍ରେମୀ ରାସବିହାରୀ ଦାଶ, ଶାନ୍ତିସ୍ୱରୂପ ଦାଶ, ବାଲୁକୁନ୍ଦ ଦାଶ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଗୀତାପାଠ ଉପରେ ପ୍ରବଚନ କହିଥିଲେୟ ଏହି ଅବସରରେ ମଞ୍ଚରେ ପ୍ରବକ୍ତା ଶ୍ରୀପାଦ ଅକ୍ଷୟ ହରିଦାସ ପ୍ରଭୁଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଇସ୍କନ୍ର ମୁଖ୍ୟ ପ୍ରତିଷ୍ଠାତା ଆଚାର୍ଯ୍ୟ ଶ୍ରୀଲ ଫଟୋଚିତ୍ରରେ ପୁଷ୍ପ ଦେଇ ଭଜନ କୀର୍ତନ ହୋଇଥିଲା ।ଏହି କାର୍ଯ୍ୟକ୍ରମ ପରିଚାଳନାରେ ହରିପ୍ରସାଦ ଦାଶ, ପରମବ୍ରହ୍ମ ଦାସ, ମୁରଲୀମନୋହର ଦାଶ,  ସତ୍ୟଗୋବିନ୍ଦ ଦାଶ, ବାଲମୁକୁନ୍ଦ ଦାଶ, ଉର୍ମିଳା ଦେବୀ ଦାସି, ମଞ୍ଜୁଭାସିନୀ ଦେବୀ ଦାସି, ପ୍ରତିମା ଡାକୁଆ ପ୍ରମୁଖ ସକ୍ରିୟ ସହଯୋଗ କରୁଛନ୍ତି।

## ପିକନିକ୍ ସ୍ପଟରେ ଏକକ ବ୍ୟବହାର ପ୍ଲାଷ୍ଟିକ ନିଷେଧ ପ୍ରହସନରେ ପରିଣତ

କେନ୍ଦୁଝର(ନିପ୍ର): କେନ୍ଦୁଝର ଜିଲ୍ଲାରେ ପର୍ଯ୍ୟଟନସ୍ଥଳୀରେ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଜାରୀ କରାଯାଇଛି । ପିକନିକ୍ ସ୍ପଟ କୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସର୍ବସାଧାରଣ ନୋଟିସ କରାଯାଇଛି । ସଦସ୍ୟ ସଚିବ ସମସ୍ତ ଡିଏଫ୍ଓ ଙ୍କୁ ଚିଠି ପିକନିକ୍ ସ୍ପଟ କୁ ଏକକ ବ୍ୟବହାର ପ୍ଲାଷ୍ଟିକ ନିଷେଧ କରିବା ପାଇଁ ପଦକ୍ଷେପ ନେବାକୁ ଚିଠି କରିଥିଲେ। କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ଅନ୍ତର୍ଗତ ସାନଘାଗରା,ବଡଘାଗରା,ଖଣ୍ଡାଧାର,ଘଟଗାଁ ରେଞ୍ଜ ଅନ୍ତର୍ଗତ ଗୁଣ୍ଡିଚାଘାଗୀରେ ବଣ ଭୋଜି ସମୟରେ ସିଙ୍ଗଲ ୟୁଜ ପ୍ଲାଷ୍ଟିକ (ଏସ୍ୟୁପି) ବ୍ୟବହାର ଉପରେ କଟକଣା ଜାରୀ କରାଯାଇଥିଲା । ସେହିପରି ଅନ୍ୟ ୪ଟି ପର୍ଯ୍ୟଟନସ୍ଥଳୀ ଏବଂ ପିକନିକ୍ ସ୍ପଟ ଯଥା ଗଡଚଣ୍ଡି,ଚକ୍ରତୀର୍ଥ,ରେମାଳ ଡ୍ୟାମ,ହଦଗଡ କୁ ଏଥିରେ ସାମିଲ କରାଯାଇଛି। ବଣ ଭୋଜି କରିବାକୁ ବାହାର ଜିଲ୍ଲା ଏବଂ ରାଜ୍ୟରୁ ଆସୁଥିବା ପର୍ଯ୍ୟଟକ ଜଙ୍ଗଲ,ନଦୀନାଳ ଏବଂ ଜଳପ୍ରପାତ ରେ ନିଷେଧ ଥିବା ପ୍ଲାଷ୍ଟିକ ଥାଳି,ଗ୍ଲାସ,ପାଣି ବୋତଲ ପକାଉଛନ୍ତି । ଫଳରେ ପର୍ଯ୍ୟଟନସ୍ଥଳୀରେ ପରିବେଶ ପ୍ରଦୂଷଣ ହେବ ସହ ନଦୀ,ନାଳରେ ଏହା ଭାସୁଛି । ଏହାକୁ ରୋକିବା ଏବଂ ବିଘଟନ ହୋଇପାରୁଥିବା ପତ୍ର ଏବଂ ଅନ୍ୟ ପରିବେଶ ଉପଯୋଗୀ ଖଲି,ଚଉପତି ବ୍ୟବହାର ଉପରେ ପର୍ଯ୍ୟଟନଙ୍କୁ ସଚେତନ କରାଯାଉନଥିବାରୁ ପର୍ଯ୍ୟଟକମାନେ ବହୁଳ ମାତ୍ରାରେ ଏକକ ବ୍ୟବହାର ପ୍ଲାଷ୍ଟିକ କରୁଛନ୍ତି। ଏହାକୁ ବ୍ୟବହାର କରିବା ପରେ ଜଳପ୍ରପାତ ଏବଂ ସର୍ବ ସାଧାରଣ ସ୍ଥାନରେ ପକାଉଛନ୍ତ। ବଡ ଘାଗରା ପର୍ଯ୍ୟଟନସ୍ଥଳୀରେ ଏକକ ବ୍ୟବହାର ପ୍ଲାଷ୍ଟିକ ଏଣେ ତେଣେ ପଡି ରହିଛି ।ଏପରିକି ଜଳପ୍ରପାତ ପାଣି ପଡୁଥିବା ସ୍ଥାନରେ ପ୍ଲାଷ୍ଟିକ୍ ବୋତଲ,ପଲିଥିନ ପଡିଛି । ଏହାକୁ ସଫେଇ କରାଯାଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଏହି ସବୁ ପିକ୍ନିକ୍ ସ୍ପଷ୍ଟ ଗୁଡିକୁ ଜିରୋ ପ୍ଲାଷ୍ଟିକ ଜୋନ ଭାବେ ଘୋଷଣା କରାଯାଇଥିଲେ ମଧ ଏକକ ବ୍ୟବହାର ପ୍ଲାଷ୍ଟିକ ନିଷେଧ ପ୍ରହସନରେ ପରିଣତ ହୋଇଛି । ଏହି ସବୁ ପିକ୍ନିକ୍ ସ୍ପଟରେ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବଦଳରେ ସବୁଜ ବିକଳ୍ପକୁ ବ୍ୟବହାର କରିବାକୁ ପର୍ଯ୍ୟଟକଙ୍କୁ ସଚେତନ ଏବଂ ଉତ୍ସାହିତ କରିବା ପାଇଁ ପଦକ୍ଷେପ ନିଆଯାଉନଥିବା ଦେଖିବାକୁ ମିଳୁଛି । ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠିମାନଙ୍କ ଦ୍ୱାରା ପ୍ରସ୍ତୁତ ଦନା,ଖଲିକୁ ବ୍ୟବହାର କରାଯିବା ଦିଗରେ ପର୍ଯ୍ୟଟକଙ୍କୁ ଉତ୍ସାହିତ ଏବଂ ପ୍ରୋତ୍ସାହନ ଦିଆଗଲେ ଏହା ଉପରେ ଅନେକାଂଶରେ ଅଙ୍କୁଶ ଲାଗିପାରିବ । କେନ୍ଦ୍ର ସରକାର ୨୦୨୨ ଜୁଲାଇ ୧ ରୁ ସମଗ୍ର ଦେଶରେ ଥରେ ବ୍ୟବହୃତ ବା ସିଙ୍ଗଲ ୟୁଜ ପ୍ଲାଷ୍ଟିକ (ଏସ୍ୟୁପି) ପଲିଥିନ ବ୍ୟବହାରକୁ ନିଷେଧ କରିଛନ୍ତି । ଗୋଟିଏ ଥର ବ୍ୟବହୃତ ପ୍ଲାଷ୍ଟିକ୍ (ଏସ୍ୟୁପି) ବନ୍ଦ କରିବାକୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପକ୍ଷରୁ କଡା ନିୟମ କରାଯାଇ ବିଜ୍ଞପ୍ତି ପ୍ରକାଶ ପାଇଛି । ୧୯ଟି ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ନ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ପରିବେଶ ସଂରକ୍ଷଣ ପାଇଁ କେନ୍ଦ୍ର ସରକାର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ପରିବେଶକୁ କ୍ଷତି ପହଁଞ୍ଚାଉଥିବା ପଲିଥିନ ବିକ୍ରୀ, ବ୍ୟବହାର, ଉତ୍ପାଦନ, ଆମଦାନୀ, ପରିବହନ,ଗଚ୍ଛିତ,ବ୍ୟବହାର କିମ୍ବା ବଣ୍ଟନ ଇତ୍ୟାଦି ଉପରେ ସଂପୂର୍ଣ୍ଣ କଟକଣା ରହିଛି।

## ଭୟାବହ ଅଗ୍ନିକାଣ୍ଡରେ ୩ ବଖରା ଘର ସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ପରଜଙ୍ଗ (ମହାଭାରତ )ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ସିଂହଡା ଗାଁରେ ଭୟାବହ ଅଗ୍ନିକାଣ୍ଡ ଘଟି ୩ଟି ପରିବାରର ୩ ବଖରା ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ଏଥି ସହିତ ଲକ୍ଷାଧିକ ଟଙ୍କାର ଧନ ସମ୍ପତ୍ତି ଜଳିପୋଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଗାଁର ବାବାଜୀ ନାୟକ, ସୁରଥ ନାୟକ ଓ ମୁରଲୀ ନାୟକଙ୍କ ପରିବାର ଲୋକେ ଘରେ ନଥିବା ସମୟରେ ହଠାତ ଅଗ୍ନିକାଣ୍ଡ ଘଟିଥିଲା। ତେବେ କ୍ଷଣକରେ ୩ ବଖରା ଘର ସମ୍ପୂର୍ଣ୍ଣ ଜଳିପୋଡି ନଷ୍ଟ ହୋଇ ଯାଇଥିଲା। ଘରେ ଥିବା ଆସବାବପତ୍ର, ଧାନ, ଚାଉଳ, ଜରୁରୀ କାଗଜପତ୍ର ଏବଂ ପୋଷାକ ଆଦି ସମ୍ପୂର୍ଣ୍ଣ ଜଳି ଯାଇଥିବା ଜଣାପଡିଛି। ଖବର ପାଇ ପରଜଙ୍ଗ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସେପଟେ ଖବର ପାଇ ପରଜଙ୍ଗ ତହସିଲଦାର ସ୍ୱଦେବ ପୃଷ୍ଟି ଅଗ୍ନି ବିପନ୍ନଙ୍କ ପରିବାରକୁ ଭେଟି କ୍ଷତି ପୂରଣ ଦେବାକୁ ପ୍ରତିଶୃତି ଦେବା ସହ ରହିବା ପାଇଁ ପଲିଥିନ ଯୋଗାଇ ଦେଇଥିଲେ।

## ଜିଲ୍ଲାସ୍ତରୀୟ ମାଣ୍ଡିଆ ଓ ହରଡ଼ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ

ଗଜପତି(ମହାଭାରତ): ଆଜି ଗଜପତି ଜିଲ୍ଲା ସଦରମହକୁମା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଓ ହରଡ଼ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନେନାଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପରିଷଦ ସଭାପତି ଜି.ତିରୁପତି ରାଓ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଏମ.ପ୍ରକାଶ ରାଓ ପ୍ରମୁଖ ଉପସ୍ଥିତରେ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ଚଳିତ ଖରିଫ ଋତୁ ପାଇଁ ମାଣ୍ଡିଆ ଓ ହରଡ କିଣା ଯାଇପାରିବ ସେନେଇ ଆଲୋଚନା କରାଯାଇଥିଲା। ମାଣ୍ଡିଆ



ଓ ହରଡର କ୍ରୟ ନୀତି, ଗଚ୍ଛିତ ବିବରଣୀ, ଅନଲାଇନ ପୋର୍ଟାଲ ରେ କୃଷକ ନିବନ୍ଧନ ପ୍ରଗତି,ମଣ୍ଡି ପ୍ରସ୍ତୁତି ଏବଂ ବ୍ଲକ୍-ଭିତ୍ତିକ ଲକ୍ଷ୍ୟ ସମ୍ପର୍କରେ ଅଲୋଚନା ହୋଇଥିଲା। ଖରିଫ ମାର୍କେଟିଂ ୨୦୨୫-୨୬ ପାଇଁ ମାଣ୍ଡିଆର ଓ ହରଡର ୮୦୦୦ /- ଟଙ୍କା ପ୍ରତି କ୍ୱିଣ୍ଟାଲ୍ ର୍ନିଦ୍ଧାରିତ ହୋଇଛି ଏବଂ ନମୁନା ଅନୁସାରେ ଚାଷୀ ମାନଙ୍କ ଠାରୁ ସରକାର ମାଣ୍ଡିଆ ଓ ହରଡ କିଣିବା ପାଇଁ ଧାର୍ଯ୍ୟ କରାଯାଇଛି। ଜିଲ୍ଲାର ୬ଟି ବ୍ଲକ୍ରେ ୨୩ଟି କେନ୍ଦ୍ର ସ୍ଥାପିତ ହେବ। ମୋଟ ୯ଟି ବ୍ଲକ୍ ସ୍ତରୀୟ କିଣିବା ସଂସ୍ଥା  ଖରିଦ କାର୍ଯ୍ୟକୁ ସମ୍ଭାଳିବେ। ଏହି ବର୍ଷ ପାଇଁ ଜିଲ୍ଲାର ରାଗି (ମାଣ୍ଡିଆ) ଖରିଦ ଲକ୍ଷ୍ୟ ୨୫ହଜାର କ୍ୱିଣ୍ଟାଲ୍ ରଖାଯାଇଛି। ଜିଲ୍ଲା ପୋର୍ଟାଲରେ ୬୪୬୫ ନୂଆ କୃଷକ ନିବନ୍ଧନ ଲକ୍ଷ୍ୟ ରହିଛି। ସେହିପରି ହରଡର ୫ ଗୋଟି ମଣ୍ଡି ୫ଟି ସ୍ଥାନରେ ଓ ୮୦୦୦ ସର୍ବନିମ୍ନ ସରକାରଙ୍କ ର୍ନିଦ୍ଧାରିତ ଦରରେ ଚାଷୀ ମାନଙ୍କ ଠାରୁ କ୍ରୟ କରାଯିବ। ମଣ୍ଡି ଖୋଲିବା ପାଇଁ ଜାନୁୟାରୀ ୨୦୨୬ ପ୍ରଥମ ସପ୍ତାହ ପ୍ରସ୍ତାବ ରଖାଯାଇଛି। ଖରିଦ ହୋଇଥିବା ସମସ୍ତ ମାଣ୍ଡିଆକୁ ଚାଷୀଙ୍କ ଠାରୁ ସରକାରଙ୍କ କେନ୍ଦ୍ରୀୟ ଗୃହ ତଥା ବିଭିନ୍ନ କେନ୍ଦ୍ରୀୟ ଗୋଦାମ କୁ ଗାଡ଼ି ମାଧମରେ ନେବା ଓ  ମାଣ୍ଡିଆ କିଣିବାରେ ସପ୍ତାହ ମଧରେ ସେମାନଙ୍କ ବ୍ୟାଙ୍କ ଖାତାକୁ ବିକ୍ରୀ ରାଶି ମଧ ଆସିବା ବିଷୟରେ ଆଲୋଚନା କରାଗଲା। ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନ୍ୟ ବିଭାଗ ଦ୍ୱାରା ସଂଗ୍ରହ କରିବା ପାଇଁ ବ୍ୟବସ୍ଥା ରହିଅଛି। ସେହିପରି ପ୍ରତ୍ୟେକ ବ୍ଲକ୍ର  ଗୋଷ୍ଠୀ କୃଷି ଅଧିକାରୀ ମାନେ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ। ଭାରପ୍ରାପ୍ତ ଜିଲ୍ଲାପାଳ ଏହି ସମସ୍ତ କାର୍ଯ୍ୟକୁ ଅଧିକାରୀ ମାନଙ୍କୁ କୃଷକ ମାନଙ୍କ ସହିତ ସମନ୍ୱୟ ରଖି ମାଣ୍ଡିଆ ଓ ହରଡ଼ ସଂଗ୍ରହ କରିବାରେ ସୁଚାରୁରୂପେ ପରିଚାଳନା କରିବା ପାଇଁ ପରାମର୍ଶ ଦେଇଥିଲେ।

## ଇଣ୍ଡିଗୋର ଶୀତକାଳୀନ ଉଡ଼ାଣ ସୂଚୀ ହ୍ରାସ କରାଯିବ

ନୂଆଦିଲ୍ଲୀ : ବହୁ ସଂଖ୍ୟକ ଇଣ୍ଡିଗୋ ବିମାନ ଉଡ଼ାଣ ବାତିଲ ହେବା ପରେ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ସରକାର କହିଛନ୍ତି ଯେ ଇଣ୍ଡିଗୋ ବର୍ତ୍ତମାନ ୨୨୦୦ ଉଡ଼ାଣ ପରିଚାଳନା କରୁଛି । ସମ୍ପ୍ରତି ଇଣ୍ଡିଗୋ ବିମାନ ଉଡ଼ାଣ ବ୍ୟାପକ ଭାବରେ ବାତିଲ ହେବା ପରେ, କେନ୍ଦ୍ର ସରକାର ଇଣ୍ଡିଗୋର ଶୀତକାଳୀନ ଉଡ଼ାଣ ସୂଚୀକୁ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସୋମବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ଏହା ଘୋଷଣା କରିଛନ୍ତି । ଏହି ସ୍ଲଟଗୁଡ଼ିକ ଅନ୍ୟ ଏୟାରଲାଇନ୍ସକୁ ଦିଆଯିବ। ସୋମବାର ଦିନ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ ରାମ ମୋହନ ନାଇଡୁ କହିଛନ୍ତି ଯେ ଇଣ୍ଡିଗୋର ଶୀତକାଳୀନ ଉଡ଼ାଣ ସୂଚୀକୁ ସରକାର ହ୍ରାସ କରି ଅନ୍ୟ ଅପରେଟରମାନଙ୍କୁ ବଣ୍ଟନ କରିବେ। ଆମେ ଇଣ୍ଡିଗୋର ରୁଟ୍ ହ୍ରାସ କରିବୁ। ସେମାନେ ବର୍ତ୍ତମାନ ୨୨୦୦ ଉଡ଼ାଣ ପରିଚାଳନା କରୁଛନ୍ତି । ଆମେ ନିଶ୍ଚିତ ଭାବରେ ସେଗୁଡ଼ିକୁ ହ୍ରାସ କରିବୁ," ନାଇଡୁ ଦୂରଦର୍ଶନ ନ୍ୟୁଜ୍ ଚ୍ୟାନେଲକୁ ଏହା ପ୍ରତିକ୍ରିୟା ଦେଇଛନ୍ତି। ମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ ଡିସେମ୍ବର ୧ ରୁ ୮ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବାତିଲ ହୋଇଥିବା ୭,୩୦,୬୫୫ ପିଏନଆର ପାଇଁ ୭୪୫ କୋଟି ଟଙ୍କା ପ୍ରଦାନ କରାଯାଇଛି।

ସେ କହିଛନ୍ତି ଯେ ୯,୦୦୦ ଯାତ୍ରୀଙ୍କ ବ୍ୟାଗ ମଧ୍ୟରୁ ୬,୦୦୦ ବ୍ୟାଗ ଫେରାଇ ଦିଆଯାଇଛି। ଆଜି ରାତିରେ କିମ୍ବା ମଙ୍ଗଳବାର ସକାଳ ସୁଦ୍ଧା ବାକି ବ୍ୟାଗ ଫେରାଇ ଦିଆଯିବ। ଏକକାଳୀନ ବହୁ ସଂଖ୍ୟକ ଇଣ୍ଡିଗୋ ବିମାନ ବାତିଲ ହେବା ପରେ ଯାତ୍ରୀମାନଙ୍କ ଲଗେଜ ବିମାନବନ୍ଦରରେ ଛାଡି ଦିଆଯାଇଥିଲା।

## ଶମଶାବାଦ ବିମାନବନ୍ଦରକୁ ବୋମା ଧମକ

ତେଲେଙ୍ଗାନା : ତେଲେଙ୍ଗାନାର ଶମଶାବାଦ ଏୟାରପୋର୍ଟକୁ ପୁଣି ବୋମା ଧମକ ମିଳିଛି । ଯାହାର ଧମକ ଏୟାରପୋର୍ଟର ଅଧିକାରୀଙ୍କ ନିକଟକୁ ଇମେଲ୍ ମାଧ୍ୟମରେ ଆସିଥିବା ସୂଚନା ମିଳୁଛି । ଯେଉଁଥିରେ ଦାବି କରାଯାଇଛି ଯେ, ଆମେରିକା ଯାଉଥିବା ବିମାନରେ ବୋମା ରଖାଯାଇଛି । ଯାହା ଉଡ଼ାଣର ୧୦ ମିନିଟ୍ ପରେ ବିସ୍ଫୋରଣ ହେବ । ସୂଚନାନୁଯାୟୀ, ଇମେଲଟି ଆମେରିକା ନ୍ୟୁୟର୍କର ଜାସପର ପାର୍କାର୍ଟ ନାମକ ଜଣେ ବ୍ୟକ୍ତିଙ୍କ ଆଇଡି ବ୍ୟବହାର କରି ଏହି ଧମକ ପଠାଯାଇଥିବା ତଦନ୍ତରୁ ଜଣାପଡିଛି । ଯଦି ଏକ ମିଲିୟନ୍ ଡଲାର ଦିଆଯାଏ ତେବେ ବୋମା ବିସ୍ଫୋରଣ କରାଯିବ ନାହିଁ ବୋଲି ସନ୍ଦିଗ୍ଧ ବ୍ୟକ୍ତି କହିଥିଲେ । ଧମକ ମିଳିବା ପରେ ଏୟାରପୋର୍ଟର ସୁରକ୍ଷା ଏଜେନ୍ସି ଆଲର୍ଟ ଜାରି କରିଛି । ଅନ୍ୟପଟେ ଟର୍ମିନାଲ, ରନୱେ, ବ୍ୟାଗେଜ ଏରିଆ ଏବଂ ଏୟାରସାଇଡ ଜୋନରେ ବଡ଼ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଛି । ଏଥିସହିତ ଉଓଝର, ପୋଲିସ ସମେତ ଅନ୍ୟାନ୍ୟ ସୁରକ୍ଷା ଟିମ୍ ମଧ୍ୟ ବିପଦକୁ ଯାଞ୍ଚ କରିବା ପାଇଁ ଏକାଠି କାମ କରୁଛନ୍ତି । ବର୍ତ୍ତମାନ ବିମାନବନ୍ଦର କାର୍ଯ୍ୟ ଜାରି ରହିଛି । କିନ୍ତୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଏହା ବ୍ୟତୀତ ଅଧିକାରୀମାନେ ଇମେଲର ସତ୍ୟତା, ଓଚ ଟ୍ରାକିଂ ଏବଂ ଧମକ ପଠାଇଥିବା ବ୍ୟକ୍ତିର ଲୋକେସନ ସମ୍ପର୍କରେ ମଧ୍ୟ ଯାଞ୍ଚ କରାଯାଉଛି ।

## ଗୋଆ ଅଗ୍ନିକାଣ୍ଡ ପରେ ମାଲିକ ଛୁ, ଫୁକେଟ୍ ଯାଇଥିବା ଅନୁମାନ

ଗୋଆ : ଇଣ୍ଡିଗୋ ଫ୍ଲାଇଟରେ ମାଲିକ ଛୁ । ଅଗ୍ନିକାଣ୍ଡର ୬ ଘଣ୍ଟା ପରେ ଫୁକେଟ୍ ପଳାଇଲେ ୨ ମାଲିକ । ଦିଲ୍ଲୀର ଉଦ୍ୟୋଗପତି ସୌରଭ ଓ ଗୌରଭ ଲୁଥ୍ରା ରବିବାର ଭୋର ୫ଟା ୩୦ରେ ଇଣ୍ଡିଗୋ ଫ୍ଲାଇଟ (୬ଋ ୧୦୭୩)ରେ ଫୁକେଟ ପଳାଇଛନ୍ତି । ଏହି ଘଟଣାରେ କ୍ଲବ ମାଲିକଙ୍କ ବିରୋଧରେ ପରିଚାଳନାଗତ ଅବ୍ୟବସ୍ଥା ଏବଂ ଏକାଧିକ ନିୟମ ଉଲ୍ଲଂଘନ କରିଥିବାର ଅଭିଯୋଗ ରହିଛି । ଶନିବାର ଗୋଆର 'ବର୍ଚ ବାଏ ରୋମିଓ ଲେନରେ ଅଗ୍ନିକାଣ୍ଡ ହୋଇଥିଲା । ଏହି ଅଗ୍ନିକାଣ୍ଡରେ ୨୫ ଜଣଙ୍କ ମୃତ୍ୟୁ ହୋଇଥିଲା । ଗୋଆ ସରକାର ଏହି ଦୁର୍ଘଟଣା ପରେ ଗୋଆ ନାଇଟ କ୍ଲବର ମାଲିକମାନଙ୍କ ବିରୋଧରେ ନୋଟିସ ଜାରି କରିଥିଲେ । ତେବେ ସେମାନେ ଅଗ୍ନିକାଣ୍ଡର ମାତ୍ର ୬ ଘଣ୍ଟା ପରେ ଦେଶ ଛାଡି ଚାଲି ଯାଇଥିବା ଜଣାପଡିଛି । ଗତ ଶନିବାର ରାତି ପ୍ରାୟ ୧୧:୪୫ରେ ଗୋଆ ନାଇଟ କ୍ଲବରେ ନିଆଁ ଲାଗିଥିଲା । ଦିଲ୍ଲୀ ବିମାନବନ୍ଦରରୁ ଯାତ୍ରା କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ । ଗୋଆ ପୋଲିସ ଗତକାଲି ସେମାନଙ୍କ ବିରୋଧରେ ହତ୍ୟା ଉଦ୍ଦେଶ୍ୟ ନ ରଖି ପ୍ରାଣହାନି ଘଟାଇବା ଅଭିଯୋଗରେ ମାମଲା ରୁଜୁ କରିଥିଲା । ପୋଲିସର ଏକ ଟିମ୍ ସେମାନଙ୍କ ଦିଲ୍ଲୀ ବାସଭବନକୁ ଯାଇଥିଲା । ସେମାନେ ଅନୁପସ୍ଥିତ ଥିବାରୁ ଲୁକ୍ ଆଉଟ୍ ସର୍କୁଲାର୍ ଜାରି କରାଯାଇଥିଲା । କିନ୍ତୁ ସେତେବେଳକୁ ଦୁଇ ଭାଇ ଦେଶ ଛାଡି ସାରିଥିଲେ, ଯାହା ସୂଚାଉଛି ଯେ କର୍ତ୍ତୃପକ୍ଷ ଧରିବା ପୂର୍ବରୁ ସେମାନେ ତରବରିଆ ଭାବେ ଖସି ପଳାଇଥିଲେ । ତଦନ୍ତରୁ ବର୍ତ୍ତିବା ପାଇଁ ସେମାନେ ଉଦ୍ଦେଶ୍ୟମୂଳକ ଭାବେ ଏପରି କରିଥିବା ପୋଲିସ କହିଛି । ଏବେ ସେମାନଙ୍କୁ ଭାରତ ପ୍ରତ୍ୟର୍ପଣ ପାଇଁ ଗୋଆ ପୋଲିସ ଇଣ୍ଟରପୋଲ ଏବଂ ସିବିଆଇ ସହ ଯୋଗାଯୋଗ କରୁଛି । ଏପଟେ କେବେ ତୁଟିବ ଇଣ୍ଡିଗୋ ସଙ୍କଟ । ଲଗାତାର ଅଷ୍ଟମ ଦିନରେ ଜାରି ରହିଛି ଅଚଳାବସ୍ଥା ।



# ୨୦ ମିନିଟ୍ ପାଇଁ କୋଟିପତି ହୋଇଥିବା ଶ୍ରମିକ କହିଲେ ମୋ ପରିବାର ପୋଷିବି କେମିତି ?

ନୂଆଦିଲ୍ଲୀ : ୬୦୦ କୋଟି ଟଙ୍କାର ଗରିବ କହିଲେ ମୋ ପରିବାର ପୋଷିବି କେମିତି ? ଏ କଥା ଶୁଣି ଆପଣଙ୍କୁ ଟିକେ ଆଶ୍ଚର୍ଯ୍ୟ ଲାଗୁଥିବ। ଆପଣ ନିଶ୍ଚିତ ଭାବୁଥିବେ ୬୦୦ କୋଟି ଟଙ୍କା ଅଛି ହେଲେ ଗରିବ କେମିତି ? ହଁ ଦର୍ଶକବନ୍ଧୁ, ଏ ୬୦୦ କୋଟି ଟଙ୍କିଆ ଗରିବଙ୍କ ସମ୍ପୂର୍ଣ୍ଣ କାହାଣୀ ଶୁଣିଲେ ଆପଣ ଚମକି ପଡିବେ । ତେବେ ଚାଲନ୍ତୁ ଜାଣିବା ଏହି ବ୍ୟକ୍ତିଙ୍କ ବିଷୟରେ....ବିହାର ବକ୍ସରର ଜଣେ ଦିନ ମଜୁରିଆ ଶ୍ରମିକଙ୍କ ଆକାଉଣ୍ଟରେ ହଠାତ ୬୦୦ କୋଟି ଟଙ୍କା ଜମା ହୋଇଥିଲା। ଆଉ ବ୍ୟାଙ୍କ ତୁରନ୍ତ ତାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିଦେଇଥିଲା। ଶ୍ରମିକଙ୍କ ଘରେ ଗୋଟିଏ ଟଙ୍କା ମଧ୍ୟ ନାହିଁ, କାରଣ ସେ ଗୋଟିଏ ସପ୍ତାହ ଧରି କାମ ପାଇନାହାଁନ୍ତି । ସେ ଭାବିଥିଲେ ଯେ ସେ ବ୍ୟାଙ୍କରୁ ୨୦୦ କିମ୍ବା ୩୦୦ ଟଙ୍କା ଉଠାଇ ସଉଦା କିଣିବେ। କିନ୍ତୁ ଯେତେବେଳେ ସେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଏତେ ପରିମାଣର ଟଙ୍କା ଦେଖିଲେ, ସେ ଆଶ୍ଚର୍ଯ୍ୟ ହୋଇଗଲେ। ଆଉ ଏବେ, ତାଙ୍କ ଆକାଉଣ୍ଟ ଫ୍ରିଜ୍ ହେବା ସହିତ, ଶ୍ରମିକ ବ୍ୟାଙ୍କରୁ ଟଙ୍କା ଉଠାଇ ପାରିବେ ନାହିଁ କିମ୍ବା ଘରକୁ ସଉଦା ମଧ୍ୟ ଆଣି ପାରିବେ ନାହିଁ। ତାରିଖଟି ଥିଲା ଡିସେମ୍ବର ୭...






ସ୍ଥାନଟି ଥିଲା ବିହାରର ବକ୍ସର ଜିଲ୍ଲା । ବାରକା ରାଜପୁର ଗାଁର ଜଣେ ୩୬ ବର୍ଷୀୟ ଶ୍ରମିକ ଜିତେନ୍ଦ୍ର ସାହଙ୍କ ପାଇଁ ଏହି ଦିନଟି ଅନ୍ୟ ଦିନ ପରି ଥିଲା । ସେ ସକାଳେ ଉଠିଲେ । ତାଙ୍କ ସ୍ତ୍ରୀ କହିଲେ, "ଶୁଣ, ଆମ ଘରେ ଖାଦ୍ୟ ସମ୍ପୂର୍ଣ୍ଣ ସରିଗଲାଣି । ଦୟାକରି ଆମ ପାଇଁ କିଛି ରାସନ୍ ଆଣ। ଜିତେନ୍ଦ୍ର କହିଲେ, "ତୁମେ ଜାଣ ଗତ ସପ୍ତାହ ଧରି ମୋର କୌଣସି କାମ ନାହିଁ। ମୋ ପକେଟରେ ଗୋଟିଏ ଟଙ୍କା ମଧ୍ୟ ନାହିଁ।" ତାଙ୍କ ସ୍ତ୍ରୀ କହିଲେ, "ଗୋଟିଏ କାମ କର। ଉଝଚ କେନ୍ଦ୍ରକୁ ଯାଅ ଏବଂ ତୁମର ଆକାଉଣ୍ଟ ଯାଞ୍ଚ କର । କିଏ ଜାଣେ, ସେଠାରେ କିଛି ଟଙ୍କା ଥାଇପାରେ। ଏହାକୁ ଉଠାଇ ରାସନ୍ ଆଣ। ଜିତେନ୍ଦ୍ର ତାଙ୍କ ସ୍ତ୍ରୀଙ୍କ ଅନୁରୋଧରେ ରାଜି ହୋଇଗଲେ। ସେ ଉଝଚ କେନ୍ଦ୍ରକୁ ଗଲେ। ସେ କର୍ମଚାରୀଙ୍କୁ ତାଙ୍କ ଆକାଉଣ୍ଟ ନମ୍ବର ଦେଇ କହିଲେ, "ମହାଶୟ, ଦୟାକରି ମୋ ଆକାଉଣ୍ଟ ବାଲାନ୍ସ ଯାଞ୍ଚ କରନ୍ତୁ। ଯଦି ମୋ ପାଖରେ ୫୦୦ ଟଙ୍କା ଅଛି, ଦୟାକରି ୩୦୦ ଟଙ୍କା ଉଠାଇ ମୋତେ ଦିଅନ୍ତୁ । ଯଦି ମୋ ପାଖରେ ୪୦୦ ଟଙ୍କା ଅଛି, ଦୟାକରି ୨୦୦ ଟଙ୍କା ଉଠାଇ ମୋତେ ଦିଅନ୍ତୁ।" ଉଝଚ କେନ୍ଦ୍ରର କର୍ମଚାରୀ ତାଙ୍କ ଆକାଉଣ୍ଟ ଯାଞ୍ଚ କରିବା ମାତ୍ରେ ତାଙ୍କ ମୁହଁରୁ କେବଳ ଗୋଟିଏ ଶବ୍ଦ ବାହାରି ଆସିଲା ୬୦୦ କୋଟି। ଏହା ଉତ୍ତର ଏବଂ ପ୍ରଶ୍ନ ଉଭୟ ଥିଲା, କାରଣ କର୍ମଚାରୀ ମଧ୍ୟ ନିଜେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଜିତେନ୍ଦ୍ର ଏହା ଶୁଣି ଥରି ଥରି କଣ୍ଠରେ କହିଲେ, "କଣ ? ୬୦୦ କୋଟି ?" ତାଙ୍କ ପାଦ ତଳୁ ମାଟି ଖସିଗଲା। ସେ ଭାବିଲେ ଏହା ହୁଏତ ଏକ ସ୍ୱପ୍ନ। ତା'ପରେ ଜିତେନ୍ଦ୍ର କହିଲେ, ସେହି ମୁହୂର୍ତ୍ତରେ, ମୁଁ ହଠାତ୍ ମୋର ଭଙ୍ଗା ଘର, ମୋ ପିଲାମାନଙ୍କର ଭୋକ ଏବଂ ଯନ୍ତ୍ରଣା ମନେ ପକାଇଲି। ପ୍ରଥମେ, ମୁଁ ଭାବିଲି ହୁଏତ ସେମାନଙ୍କର ମେସିନ୍ ଖରାପ ଅଛି। ତା'ପରେ ମୁଁ କହିଲି, 'ଠିକ୍ ଅଛି, ଦୟାକରି ମୋତେ ୧୦,୦୦୦ ଟଙ୍କା ଦିଅ । ଉଝଚ କେନ୍ଦ୍ର କର୍ମଚାରୀ କହିଲେ, "ନା, ମୁଁ ତୁମକୁ ଟଙ୍କା ଦେଇପାରିବି ନାହିଁ ।

ଜିତେନ୍ଦ୍ର କହିଲେ, "ମହାଶୟ, ଦୟାକରି ମୋତେ ଅତି କମରେ ୨୦୦ ଟଙ୍କା ଦିଅନ୍ତୁ। ମୋ ପରିବାର ଭୋକରେ ମରୁଛି।" କିନ୍ତୁ ଉଝଚ କେନ୍ଦ୍ର କର୍ମଚାରୀ କହିଲେ, "ଯଦି ମୁଁ ଆପଣଙ୍କୁ ଗୋଟିଏ ଟଙ୍କା ମଧ୍ୟ ଦିଏ, ତେବେ ମୁଁ ମୋର ଚାକିରି ହରାଇବି। ଆପଣ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇପାରନ୍ତି। ଆମକୁ ପୋଲିସକୁ ଜଣାଇବାକୁ ପଡିବ।" ଜିତେନ୍ଦ୍ରଙ୍କ ଆକାଉଣ୍ଟ ତୁରନ୍ତ ୨୦ ମିନିଟ୍ ମଧ୍ୟରେ ଫ୍ରିଜ୍ କରିଦିଆଗଲା । ବ୍ୟାଙ୍କ ମ୍ୟାନେଜର ଏବଂ ପୋଲିସ ଏହାକୁ ଏକ ଯାନ୍ତ୍ରିକ ତ୍ରୁଟି ବୋଲି କହିଛନ୍ତି ଏବଂ ତଦନ୍ତ କରୁଛନ୍ତି। ପୋଲିସ ପରିବାରକୁ ଆଶ୍ୱାସନା ଦେଇଛି ଯେ ଅପରାଧ ଜଣାପଡିବା ପର୍ଯ୍ୟନ୍ତ ସେମାନଙ୍କୁ ହଇରାଣ କରାଯିବ ନାହିଁ । କିନ୍ତୁ ଜିତେନ୍ଦ୍ରଙ୍କ ପାଇଁ ଏହା ଏକ ଦୁଃସ୍ୱପ୍ନ। ଜିତେନ୍ଦ୍ର ଏ ସମ୍ପର୍କରେ ଗଣମାଧ୍ୟମକୁ କହିଥିଲେ, "ଆମେ ଏକ ଭଙ୍ଗା ଦୁଇ କୋଠରୀ ବିଶିଷ୍ଟ ଘରେ ରହୁ । ଆମର ୧୧ ଜଣିଆ ପରିବାର ଅଛି । ରୋଷେଇ ଘର ଟିଣରେ ତିଆରି । ମୁଁ ମିଠା ତିଆରି କରୁଥିବା ଦୋକାନରେ ସହାୟକ ଭାବରେ କାମ କରେ । କେତେବେଳେ ମୋତେ କାମ ମିଳେ, କେତେବେଳେ ମିଳେ ନାହିଁ। ମୋ ସ୍ତ୍ରୀ ଏକ ଛୋଟ ଦୋକାନରୁ ସିଗାରେଟ୍, ବିଡ଼ି ଏବଂ ତମାଖୁ ବିକ୍ରୟ କରନ୍ତି । ସେଥିରୁ ଯଦି ୧୦୦ ରୁ ୧୫୦ ଟଙ୍କା ରୋଜଗାର ବାହାରିଲା ତେବେ ଆମେ କୃତଜ୍ଞ। ୫୦୦ ଟଙ୍କା ଆମ ପାଇଁ ସବୁଠାରୁ ବଡ଼ ପରିମାଣ। ମୁଁ ମଧ୍ୟ ଶ୍ରମ ମାଧ୍ୟମରେ ଦିନକୁ ପ୍ରାୟ ୨୦୦ ରୁ ୩୦୦ ଟଙ୍କା ରୋଜଗାର କରେ, ଏବଂ ଯେତେବେଳେ ମୁଁ କାମ ପାଏ।"

ଜିତେନ୍ଦ୍ର କହିଛନ୍ତି, "ଗତ ସପ୍ତାହ ଧରି ମୋର କୌଣସି କାମ ନାହିଁ। ମୁଁ ଟଙ୍କା ଉଠାଇ ପାରୁନାହିଁ। ଟଙ୍କା ପୂର୍ବରୁ ଏକ ସମସ୍ୟା। କିନ୍ତୁ ଏବେ ମୁଁ ଚିନ୍ତିତ ଯେ ମୋତେ କାର୍ଯ୍ୟାନୁଷ୍ଠାନ ନିଆଯିବ। ପୋଲିସ ମୋତେ ଗିରଫ କରିପାରେ। ମୁଁ ଜାଣିନାହିଁ ଯେ ଏହି ଟଙ୍କା କେଉଁଠାରୁ ଆସିଲା।" ଏହି ସମୟରେ, ଷ୍ଟେସନ ହାଉସ୍ ଅଧିକାରୀ ପୂଜା କୁମାରୀ କହିଛନ୍ତି, "ଆମେ ମଧ୍ୟ ସୂଚନା ପାଇଲୁ ଯେ ଜଣେ ଶ୍ରମିକଙ୍କ ଆକାଉଣ୍ଟରେ ବିପୁଳ ପରିମାଣର ଟଙ୍କା ଜମା ହୋଇଛି। ଏହା ଏକ ଟେକ୍ନିକାଲ ବିଷୟ; ବ୍ୟାଙ୍କ ତଦନ୍ତ କରୁଛି।

## ଟ୍ରମ୍ପଙ୍କ ନୂଆ ଚେତାବନୀ, ଭାରତୀୟ ଚାଉଳ ଉପରେ ନୂଆ ଟାରିଫ ସଙ୍କେତ

ଆମେରିକା : ଟ୍ରମ୍ପଙ୍କ ନୂଆ ଚେତାବନୀ । ଭାରତୀୟ ଚାଉଳ ଓ କାନାଡାର ସାର ଉପରେ ଲାଗିପାରେ ଅଧିକ ଟ୍ୟାକ୍ସ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ଚାଉଳ ଓ କାନାଡାର ସାର ଉପରେ ନୂଆ ଶୁଳ୍କ ବା ଟାରିଫ ଲଗାଇବା ନେଇ ସଙ୍କେତ ଦେଇଛନ୍ତି । ହ୍ୱାଇଟ୍ ହାଉସ୍ ରେ ଆମେରିକୀୟ ଚାଷୀଙ୍କ ବୈଠକରେ ସମ୍ବୋଧିତ କରି ଏହି ସୂଚନା ଦେଇଛନ୍ତି । ଭାରତ, ଭିଏତନାମ ଓ ଥାଇଲ୍ୟାଣ୍ଡ ଭଳି ଦେଶ ଆମେରିକା ବଜାରରେ ଅତି ଶସ୍ତାରେ ଚାଉଳ ବିକ୍ରି କରୁଛନ୍ତି । ଏହା ଦ୍ୱାରା ଆମେରିକା ଚାଷୀ ଉଚିତ ମୂଲ୍ୟ ପାଉନାହାନ୍ତି ଏବଂ କ୍ଷତି ସହୁଥିବା ଟ୍ରମ୍ପ ଅଭିଯୋଗ କରିଛନ୍ତି । ସେମାନେ ଏଭଳି ଡମ୍ପିଂ କରିବା ଉଚିତ ନୁହେଁ, ମୁଁ ଏହାର ସମାଧାନ କରିବି ବୋଲି କହିଛନ୍ତି ଆମେରିକା ରାଷ୍ଟ୍ରପତି । ଆମେରିକା ଭିତରେ ସାର ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ଟ୍ରମ୍ପ କାନାଡାରୁ ଆସୁଥିବା ସାର ଉପରେ ମଧ୍ୟ କଡ଼ା ଟ୍ୟାକ୍ସ ଲଗାଇବାକୁ ଚେତାବନୀ ଦେଇଛନ୍ତି । ଆମେରିକା ଚାଷୀ ମୁଦ୍ରାସ୍ଫୀତି ଏବଂ କମ୍ ବଜାର ଦର ଯୋଗୁଁ ଅସନ୍ତୁଷ୍ଟ ଅଛନ୍ତି । ସେମାନଙ୍କୁ ଆଶ୍ୱାସନା ଦେବା ପାଇଁ ଟ୍ରମ୍ପ କଡ଼ା ପଦକ୍ଷେପ ନେବାକୁ ଯାଉଛନ୍ତି । ପୂର୍ବରୁ ଅଗଷ୍ଟରେ ଋଷିଆଠାରୁ ତେଲ କିଣିବା ଓ ବାଣିଜ୍ୟ ନୀତିକୁ ନେଇ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ୫୦% ପର୍ଯ୍ୟନ୍ତ ଶୁଳ୍କ ବଢ଼ାଇ ସାରିଛନ୍ତି । ବର୍ତ୍ତମାନ ଚାଉଳ ଉପରେ ନୂଆ କଟକଣା ଭାରତ ପାଇଁ ଚିନ୍ତାର ବିଷୟ ପାଲଟିପାରେ ।

## ଜାପାନରେ ଶକ୍ତିଶାଳୀ ଭୂକମ୍ପ, ସୁନାମୀ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ

ଜାପାନ : ଶକ୍ତିଶାଳୀ ଭୂକମ୍ପରେ ଥରିଲା ଜାପାନ । ରିକ୍ଟର ସ୍କେଲରେ ୭.୬ ତୀବ୍ରତାରେ କମ୍ପିଲା ଉତ୍ତରପୂର୍ବ ଜାପାନ ଉପକୂଳ । ଆମୋରୀ ଓ ହୋକ୍କାଇଡୋ ତଟରେ ଭୂକମ୍ପର ପ୍ରଭାବ ଅଧିକ ଅନୁଭୂତ ହୋଇଛି । ଉତ୍ତର ଜାପାନର ମିଶାୱା ସହରର ଉତ୍ତର-ଉତ୍ତରପୂର୍ବରେ ପ୍ରାୟ ୭୩ କିମି ଦୂରରେ ଓ ୫୩କିମି ଗଭୀରତାରେ ଥିଲା ଭୂକମ୍ପର କେନ୍ଦ୍ରସ୍ଥଳ । ବର୍ତ୍ତମାନ ସେଠାରେ ସୁନାମୀ ଆଲର୍ଟ ଜାରି କରିଛି ଜାପାନ ପାଣିପାଗ ବିଭାଗ । ସମୁଦ୍ରରେ ୩ଫୁଟ ଉଚ୍ଚର ଜୁଆର ଉଠିବା ସମ୍ଭାବନା ରହିଛି । ଜାପାନର ଇଶିକାୱା ପ୍ରଦେଶ ଓ ଏହାର ଆଖପାଖ ଅଞ୍ଚଳରେ ବିପଦରେ ଆଶଙ୍କାର ରହିଥିବା ୟୁନାଇଟେଡ ଷ୍ଟେଟସ ଜିଓଲୋଜିକାଲ ସର୍ଭେ ପକ୍ଷରୁ ଆକଳନ କରାଯାଇଛି ।

# ଅନନ୍ତ ଅମ୍ବାନୀଙ୍କୁ ଗ୍ଲୋବାଲ୍ ହ୍ୟୁମାନିଟାରିଆନ୍ ପୁରସ୍କାର

ନୂଆଦିଲ୍ଲୀ : ଅନନ୍ତ ଅମ୍ବାନୀଙ୍କୁ ମିଳିଲା ଗ୍ଲୋବାଲ୍ ହ୍ୟୁମାନିଟାରିଆନ୍ ପୁରସ୍କାର । ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ବ୍ୟାପକ କାର୍ଯ୍ୟକ୍ରମ ପାଇଁ ତାଙ୍କୁ ସମ୍ମାନିତ କରାଯାଇଛି । ଏହି ପ୍ରତିଷ୍ଠିତ ଆମେରିକୀୟ ପୁରସ୍କାର ପାଇବାରେ ଅନନ୍ତ ଅମ୍ବାନୀ ସବୁଠାରୁ କମ୍ ବୟସର ଏବଂ ପ୍ରଥମ ଏସୀୟ ବ୍ୟକ୍ତି । ଆୟୋଜକଙ୍କ ଅନୁଯାୟୀ ବନତାରା ପଶୁକଲ୍ୟାଣ କ୍ଷେତ୍ରରେ ଏକ ନୂତନ ବିଶ୍ୱ ମାନଦଣ୍ଡ ସ୍ଥାପନ କରିଛି । ପ୍ରତ୍ୟେକ ଜୀବକୁ ସମ୍ମାନ ଏବଂ ସୁରକ୍ଷା ଦେବା ଆମର ଲକ୍ଷ୍ୟ ବୋଲି ଅନନ୍ତ ଅମ୍ବାନୀ କହିଛନ୍ତି ।



ଆମେରିକାରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ପୁରସ୍କାର ସମାରୋହରେ ଅନନ୍ତ ଅମ୍ବାନୀଙ୍କୁ 'ଗ୍ଲୋବାଲ୍ ହ୍ୟୁମାନିଟାରିଆନ୍ ପୁରସ୍କାର'ରେ ସମ୍ମାନିତ କରାଯାଇଛି। ବନତାରା ମାଧ୍ୟମରେ ପ୍ରାଣୀମାନଙ୍କର ଉଦ୍ଧାର, ଚିକିତ୍ସା, ପୁନର୍ବାସ ଏବଂ ସଂରକ୍ଷଣରେ ତାଙ୍କର ନେତୃତ୍ୱ ପାଇଁ ଅନନ୍ତ ଅମ୍ବାନୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସଫଳତା ସହିତ, ଅନନ୍ତ ଅମ୍ବାନୀ ଏକ ସ୍ୱତନ୍ତ୍ର ରେକର୍ଡ ମଧ୍ୟ ସ୍ଥାପନ କରିଛନ୍ତି। ସେ ଏହି ସମ୍ମାନ ପାଇବାରେ ସର୍ବକନିଷ୍ଠ ଏବଂ ପ୍ରଥମ ଏସୀୟ ହୋଇଛନ୍ତି। ପୂର୍ବରୁ, ଏହି ପୁରସ୍କାର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ୍ ଏଫ୍ କେନେଡି ଏବଂ ବିଲ୍ କ୍ଲିଣ୍ଟନଙ୍କ ସମେତ ଅନେକ ହଲିଉଡ୍ ସେଲିବ୍ରିଟି ଓ ବିଶ୍ୱ ନେତାଙ୍କୁ ପ୍ରଦାନ କରାଯାଇଛି।

ଏହି ସମ୍ମାନ ସହିତ, ବନତାରାର ଉଲ୍ଲେଖନୀୟ କାର୍ଯ୍ୟ ପୁଣି ଥରେ ବିଶ୍ୱସ୍ତରରେ ଚର୍ଚ୍ଚାକୁ ଆସିଛି। ବନତାରା ଆଜି ବିଶ୍ୱର ସବୁଠାରୁ ଅନନ୍ୟ ଏବଂ ବୃହତ୍ ବନ୍ୟପ୍ରାଣୀ ସଂରକ୍ଷଣ ପ୍ରକଳ୍ପ ମଧ୍ୟରୁ ଅନ୍ୟତମ। ଏହା ଆହତ, ଅସୁସ୍ଥ ଏବଂ ସଂକଟରେ ପଡିଥିବା ପ୍ରାଣୀମାନଙ୍କୁ ନୂତନ ଜୀବନ ଦେବା ସହିତ ବିଲୁପ୍ତ ହେଉଥିବା ପ୍ରଜାତିଗୁଡ଼ିକୁ ବଞ୍ଚାଇବା ଏବଂ ସେମାନଙ୍କୁ ସୁରକ୍ଷିତ ପରିବେଶରେ ଫେରାଇ ଆଣିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି। ପୁରସ୍କାର ଗ୍ରହଣ କରି ଅନନ୍ତ ଅମ୍ବାନୀ କହିଛନ୍ତି, "ଏହି ସମ୍ମାନ ମୋତେ 'ସର୍ବଭୂତ ହିତ' ଅର୍ଥାତ୍ ସମସ୍ତ ଜୀବଜନ୍ତୁଙ୍କ ମଙ୍ଗଳ ପଥରେ ଆହୁରି ଦୃଢ଼ ଭାବରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଉଛି। ପ୍ରାଣୀମାନେ ଆମକୁ ଜୀବନରେ ସନ୍ତୁଳନ ଏବଂ ସମ୍ବେଦନଶୀଳତା ଶିଖାଇଥାନ୍ତି। ବନତାରା ମାଧ୍ୟମରେ, ଆମର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଜୀବଜନ୍ତୁଙ୍କୁ ସମ୍ମାନ, ଯତ୍ନ ଏବଂ ଏକ ଉତ୍ତମ ଜୀବନ ପ୍ରଦାନ କରିବା। ଆମ ପାଇଁ, ସଂରକ୍ଷଣ ଭବିଷ୍ୟତର ବିଷୟ ନୁହେଁ, ବରଂ ଆଜିର ଏକ ଦାୟିତ୍ୱ।" କାର୍ଯ୍ୟକ୍ରମର ଆୟୋଜକ ଗ୍ଲୋବାଲ୍ ହ୍ୟୁମାନ୍ ସୋସାଇଟି ଅନନ୍ତ ଅମ୍ବାନୀ ଏବଂ ବନତାରାକୁ ପ୍ରଶଂସା କରି କହିଛନ୍ତି ଯେ ବନତାରା କେବଳ ଏକ ଉଦ୍ଧାର କେନ୍ଦ୍ର ନୁହେଁ, ବରଂ ପଶୁ ଚିକିତ୍ସା, ଯତ୍ନ ଏବଂ ସଂରକ୍ଷଣକୁ ଏକାଠି ସମନ୍ୱିତ କରୁଥିବା ଏକ ଅନନ୍ୟ ମଡେଲ୍। ବନତାରା ପ୍ରଦର୍ଶିତ କରିଛି ଯେ ବହୁ ସଂଖ୍ୟାରେ ପଶୁମାନଙ୍କୁ କିପରି ସହାୟତା କରାଯାଇପାରିବ, ଏବଂ ଏହି ମଡେଲ୍ ଏବେ ବିଶ୍ୱ ପାଇଁ ଏକ ଉଦାହରଣ ପାଲଟିଛି। ଏହି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ବନ୍ୟପ୍ରାଣୀ ସଂରକ୍ଷଣ ସହ ଜଡିତ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ, ଯେଉଁମାନଙ୍କ ମଧ୍ୟରେ ଥିଲେ ଡକ୍ଟର ଜନ୍ ପଲ୍ ରୋଡ୍ରିଗେଜ, ମାଥ୍ୟୁ ଜେମ୍ସ, ୱିଲିୟମ୍ ଷ୍ଟ୍ରିଟ୍, ଥମାସ ସ୍ମିଡ, ଡକ୍ଟର ମାଇକେଲ୍ ଏଡକେସନ୍ ଏବଂ କ୍ୟାଥଲିନ୍ ଡୁଡଜିସ୍କିଙ୍କ ଇତ୍ୟାଦି। ଭାରତରୁ ବନ୍ୟପ୍ରାଣୀ ସଂରକ୍ଷଣ ସହ ଜଡିତ ଅନେକ ବିଶିଷ୍ଟ ବ୍ୟକ୍ତି ଡକ୍ଟର ନୀଲମ୍ ଖରେ, ଡକ୍ଟର ଭି.ବି. ପ୍ରକାଶ ଏବଂ ଡକ୍ଟର କେ.କେ. ଶର୍ମା ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

